# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୭/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 17/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 55 | ମୂଲ୍ୟ ₹୭/-









କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ୧୫ ବର୍ଷରୁ କମ୍ ବାଳିକା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। **(ଫଟୋ: ବିକାଶ ନାୟକ)**

# ବିଦା ହେବେ ଅପାରଗ ଅଧ୍ୟାପକ

ରାଜ୍ୟ ସରକାର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିବାବେଳେ କେତେଜଣ ଅଧ୍ୟାପିକାଅଧ୍ୟାପକଙ୍କ ପାଠପଢ଼ା ଶୈଳୀ ଦୁର୍ବଳ ଥିବା ଅଭିଯୋଗ ଆସିଥିଲା। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମ୍ପୃକ୍ତ ଅଧ୍ୟାପିକାଅଧ୍ୟାପକଙ୍କ ପ୍ରଦର୍ଶନ ଖରାପ ରହୁଥିବା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଏଭଳି ଅପାରଗ ଅଧ୍ୟାପକମାନଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେବାକୁ ଯାଉଛନ୍ତି। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅପାରଗ ଅଧ୍ୟାପିକାଅଧ୍ୟାପକଙ୍କ ବିଷୟରେ ସମସ୍ତ ତଥ୍ୟ ଯାଞ୍ଚ କରି ୩୧ ଜାନୁଆରୀ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି।

## କାର୍ଯ୍ୟଦକ୍ଷତା ଯାଞ୍ଚ ପାଇଁ ନିର୍ଦ୍ଦେଶନାମା ଜାରିକଲା ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୬।୧ (ସୁଚିସ୍ମିତା ସାହୁ)**

ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପିକା/ଅଧ୍ୟାପକଙ୍କ ଦକ୍ଷତା ପରଖିବେ ସରକାର। ପାଠପଢ଼ା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଆଚରଣକୁ ଯାଞ୍ଚ କରାଯିବ। ଦକ୍ଷତା ନ ଥିଲେ ବା ଖରାପ ପ୍ରଦର୍ଶନ କରିଥିବା ଅପାରଗ ଅଧ୍ୟାପିକା ଅଧ୍ୟାପକଙ୍କୁ କାର୍ଯ୍ୟରୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପିକାଅଧ୍ୟାପକଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଜାନୁଆରୀ ୩୧ ସୁଦ୍ଧା ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ସରକାରୀ ଡିଗ୍ରୀ କଲେଜ, ସରକାରୀ ଶିକ୍ଷଣ ତାଲିମ ଶିକ୍ଷାନୁଷ୍ଠାନ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରିନ୍ସିପାଲ୍‌ଙ୍କୁ ଚିଠି ଲେଖାଯାଇଛି। ଶିକ୍ଷା ମାନଦଣ୍ଡରେ ଉନ୍ନତି ସହିତ କାର୍ଯ୍ୟଶୈଳୀର ସମୀକ୍ଷା ପାଇଁ ଉକ୍ତ ଚିଠିରେ ପରାମର୍ଶ ଦିଆଯାଇଛି।

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ଅନେକ ସମୟରେ ବହୁ ଅଧ୍ୟାପିକାଅଧ୍ୟାପକଙ୍କ ବିରୋଧରେ ଅଭିଯୋଗମାନ ଆସୁଛି। ଠିକ୍ ଭାବେ ପାଠ ନ ପଢ଼ାଇବା, ଅଧିକାଂଶ ସମୟ ଅନୁପସ୍ଥିତ ରହିବା, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ଭଳି ବହୁ ଅଭିଯୋଗ ବିଭାଗ ନିକଟରେ ପହଞ୍ଚିବା ପରେ ଏପରି ☞ପୃଷ୍ଠା–୨






ତାମିଲନାଡୁର ମଦୁରାଇରେ ମାଟ୍ଟୁ ପୋଙ୍ଗଲ ଅବସରରେ ଶୁକ୍ରବାର ଅନୁଷ୍ଠିତ ପାରମ୍ପରିକ କ୍ରୀଡ଼ା ଜାଲ୍ଲିକାଟ୍ଟୁରେ ଭାଗନେଇଥିବା ପ୍ରତିଯୋଗୀମାନେ ଏକ ଷଣ୍ଢକୁ କାବୁ କରିବା ପାଇଁ ଉଦ୍ୟମ କରୁଛନ୍ତି।

# ଜଷ୍ଟିସ୍ ବର୍ମାଙ୍କ ପିଟିଶନ ସୁପ୍ରିମକୋର୍ଟରେ ଖାରଜ

## ସଂସଦୀୟ କମିଟିର ତଦନ୍ତ ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରୁ ବିପୁଳ ପରିମାଣର ଟଙ୍କା ମିଳିବା ଘଟଣାରେ ତାଙ୍କୁ ପଦବୀରୁ ବହିଷ୍କାର କରିବା ପାଇଁ ଆସିଥିବା ପ୍ରସ୍ତାବକୁ ଲୋକ ସଭା ବାଚସ୍ପତି ଗ୍ରହଣ କରିବାକୁ ନିଷ୍ପତ୍ତି ନେବା ଏବଂ ସଂସଦୀୟ କମିଟି ଦ୍ୱାରା ଦୁର୍ନୀତି ଅଭିଯୋଗର ତଦନ୍ତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଉକ୍ତ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏସ୍.ସି. ଶର୍ମାଙ୍କ ଖଣ୍ଡପୀଠ ଗତ ୮ ତାରିଖରେ ରାୟ ସଂରକ୍ଷିତ ରଖିଥିବାବେଳେ ଶୁକ୍ରବାର ପ୍ରକାଶ କରିଛନ୍ତି। ୮ ତାରିଖରେ ଖଣ୍ଡପୀଠ କହିଥିଲେ, ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଯଦି ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟ କରିପାରୁଛନ୍ତି, ତେବେ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ଉପାଧ୍ୟକ୍ଷ କରିପାରିବେ ନାହିଁ କାହିଁକି। ଜଷ୍ଟିସ୍ ବର୍ମା ତାଙ୍କ ପିଟିଶନରେ ଦର୍ଶାଇଥିଲେ ଜଣେ ବିଚାରପତିଙ୍କ ବିରୋଧରେ ପ୍ରସ୍ତାବକୁ ଖାରଜ କରିବା କ୍ଷମତା ରାଜ୍ୟ ସଭା ଉପାଧ୍ୟକ୍ଷଙ୍କର ନାହିଁ। ବିଚାରପତି (ତଦନ୍ତ) ଆଇନ, ୧୯୬୮ ଅନୁଯାୟୀ, କେବଳ ବାଚସ୍ପତି ଏବଂ ଅଧ୍ୟକ୍ଷ ଏଭଳି ପ୍ରସ୍ତାବକୁ



ଯଶୱନ୍ତ ବର୍ମା

ଗ୍ରହଣ କିମ୍ବା ଖାରଜ କରିପାରିବେ।

ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ୧୪ରେ ଜଷ୍ଟିସ୍ ବର୍ମାଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ବିଡ଼ା ମିଳିଥିଲା। ଏହି ଘଟଣା ପରେ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ପଠାଇ ଦିଆଯାଇଥିଲା। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଲୋକ ସଭା ବାଚସ୍ପତି ତଦନ୍ତ କମିଟି ଗଠନ କରିବାରେ ଆଇନରେ କୌଣସି ପ୍ରତିବନ୍ଧକ ନ ଥିବା ଶୀର୍ଷ ଅଦାଲତ ପୂର୍ବରୁ ଟିପ୍ପଣୀ ଦେଇଥିଲେ।

# ସାମ୍ବିଧାନିକ ଉପଚାର ଅଧିକାରର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଅନୁଚ୍ଛେଦ ୩୨ ନାଗରିକମାନଙ୍କୁ ସାମ୍ବିଧାନିକ ଉପଚାର ଅଧିକାର ଦେଇଥିବାବେଳେ ଏହାର ଦୁରୁପଯୋଗ ହେଉଥିବା ସୁପ୍ରିମକୋର୍ଟ କହିଛନ୍ତି। ପିଟିଶନ ବମ୍ବେ ହାଇକୋର୍ଟଙ୍କ ବିଚାରାଧୀନ ଥିବା ସତ୍ତ୍ୱେ ମୌଳିକ ଅଧିକାରର ଉଲ୍ଲଂଘନ ଦର୍ଶାଇ ଶୀର୍ଷ ଅଦାଲତରୁ ସାମ୍ବିଧାନିକ ଉପଚାର ଅଧିକାର ପାଇବାକୁ ଆବେଦନ କରିଥିବା ଜଣେ ପିଟିଶନରଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ନିନ୍ଦା କରିଛନ୍ତି। ମାମଲା ହାଇକୋର୍ଟଙ୍କ ବିଚାରାଧୀନ ଥିବାବେଳେ ଅନୁଚ୍ଛେଦ ୩୨ର ଦୁରୁପଯୋଗ ହେଉଥିବା ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ଅନୁଚ୍ଛେଦ ଅଧୀନରେ ମାମଲା ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ଗୋଟିଏ ମୁଲତବୀ ପରେ ଆର୍ଟିକିଲ୍ ୩୨ର ବ୍ୟବହାର କରାଯାଉଛି। ବିଶେଷକରି ଯେଉଁମାନେ ଦିଲ୍ଲୀ ଆଖପାଖ ଅଞ୍ଚଳରେ ରହିଛନ୍ତି, ସେମାନେ ଏହାର ଅଧିକ ବ୍ୟବହାର କରୁଥିବା ଖଣ୍ଡପୀଠ କହିଛନ୍ତି।

# ପ୍ରତିରକ୍ଷାରେ ପଶିବେ ବିଦେଶୀ କମ୍ପାନୀ




**ଭାରତର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ପଶିବେ ବିଦେଶୀ କମ୍ପାନୀ। ଏଥିନିମନ୍ତେ ପୁଞ୍ଜିନିବେଶକୁ ସହଜ କରିବା ଲାଗି କେନ୍ଦ୍ର ସରକାର କେତେକ ନିୟମ ସରଳ କରିବାକୁ ଯାଉଛନ୍ତି। ତଦନୁସାରେ ଘରୋଇ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ଜରିଆରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମାକୁ ୭୪% ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଗତବର୍ଷ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନ ସହ ଭାରତ ମୁହାଁମୁହିଁ ହେବା ପରିପ୍ରେକ୍ଷୀରେ ଘରୋଇ ପ୍ରତିରକ୍ଷା ବିନିର୍ମାଣକୁ ବଳ ଦେବା ପାଇଁ ସରକାର ଏହି ପଦକ୍ଷେପ ନେଉଛନ୍ତି। ଭାରତୀୟ ଉଦ୍ୟୋଗରେ ପ୍ରତିରକ୍ଷା ସହଯୋଗୀ ରାଷ୍ଟ୍ରଗୁଡ଼ିକର କମ୍ପାନୀଗୁଡ଼ିକୁ ନିବେଶ ପାଇଁ ପ୍ରୋତ୍ସାହନ ଦେବା ଲାଗି ଏପରି ସରଳୀକରଣ କରାଯାଉଛି। ଆଗାମୀ କିଛି ମାସ ମଧ୍ୟରେ ଏହି ସଂସ୍କାର କାର୍ଯ୍ୟକାରୀ ହେବାକୁ ଯାଉଥିବା ସରକାରୀ ସୂତ୍ରରୁ ପ୍ରକାଶ। ତେବେ ବିଦେଶୀ ସଂସ୍ଥାଗୁଡ଼ିକ ହାତରେ ଭାରତୀୟ ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରର ବୃହତ୍ ଅଂଶଧନ ରହିଲେ ସେମାନେ ଡିଫେନ୍ସ ପଲିସିକୁ ପ୍ରଭାବିତ କରିପାରନ୍ତି, ଯାହାକି ଦେଶର ଜାତୀୟ ନିରାପତ୍ତା ପ୍ରତି ଆହ୍ୱାନ ସୃଷ୍ଟି କରିପାରେ ବୋଲି କୁହାଯାଉଛି।**



ନୂଆଦିଲ୍ଲୀ,୧୬।୧ (ରଏଟର୍ସ/ଏଜେନ୍ସି)

କେନ୍ଦ୍ର ସରକାର ଦେଶର ପ୍ରତିରକ୍ଷା କ୍ଷେତ୍ରରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ନିଷ୍ପତ୍ତି ନେବାକୁ ଯାଉଛନ୍ତି। ପ୍ରତିରକ୍ଷା କମ୍ପାନୀଗୁଡ଼ିକରେ ବର୍ତ୍ତମାନ ୪୯% ଏଫ୍‌ଡିଆଇକୁ ଅନୁମତି ଦିଆଯାଇଛି। ଅଟୋମେଟିକ୍ ରୁଟ୍ (ସ୍ୱୟଂଚାଳିତ ମାର୍ଗ)ରେ ଏହି ବିଦେଶୀ ନିବେଶକୁ ୭୪%କୁ ବୃଦ୍ଧି କରାଯିବ। ଏପରିକି ୭୪%ରୁ ଅଧିକ ନିବେଶ ପାଇଁ ମଧ୍ୟ ସରକାରଙ୍କ ମଞ୍ଜୁରୀ ସହ ଅଧିକ ସୁଯୋଗ ଦିଆଯିବ। ପୂର୍ବରୁ ରହିଥିବା 'ଆଧୁନିକ କାରିଗରି' ସମ୍ପର୍କିତ ସର୍ତ୍ତକୁ ମଧ୍ୟ ଏଥିରେ ହଟାଇ ଦିଆଯିବ ବୋଲି ରଏଟର୍ସ ଓ କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରସ୍ତାବ ଅନୁଯାୟୀ, ୭୪% ଏଫ୍‌ଡିଆଇ ପର୍ଯ୍ୟନ୍ତ ସରକାରଙ୍କ ଅନୁମତି ଆବଶ୍ୟକ ପଡ଼ିବ ନାହିଁ। ବର୍ତ୍ତମାନ କମ୍ପାନୀଗୁଡ଼ିକ ନୂଆ ଲାଇସେନ୍ସ ପାଇଁ ଆବେଦନ କରୁଥିବାବେଳେ ବିଦେଶୀ ନିବେଶକମାନେ ଏକ ଭାରତୀୟ ପ୍ରତିରକ୍ଷା ସଂସ୍ଥାରେ କେବଳ ଅଟୋମେଟିକ୍ ରୁଟ୍ ଅଧୀନରେ ୭୪% ଅଂଶଧନର ମାଲିକାନା ନିଜ ପାଖରେ ରଖିପାରୁଛନ୍ତି। 'ଆଧୁନିକ କାରିଗରି ଉପଲବ୍ଧତାର ପରିଣାମ' ସର୍ତ୍ତକୁ ମଧ୍ୟ ସରକାର ହଟାଇଦେବା ପାଇଁ ବିଚାରବିମର୍ଶ କରୁଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବିଦେଶୀ କମ୍ପାନୀଗୁଡ଼ିକ ଭାରତର ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ କ୍ଷେତ୍ରରେ ୭୪% ପରିବର୍ତ୍ତେ ୧୦୦% ପର୍ଯ୍ୟନ୍ତ ଅଂଶଧନର ମାଲିକ ହୋଇପାରିବେ। ସମ୍ପ୍ରତି ଯୌଥ ଉଦ୍ୟୋଗ କିମ୍ବା ରଣନୈତିକ ସହଭାଗିତା ଜରିଆରେ ଭାରତରେ ଅପରେଶନ୍ ଚଳାଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଫ୍ରାନ୍ସର ଏୟାରବସ୍, ଆମେରିକାର ଲକ୍‌ହିଡ୍ ମାର୍ଟିନ ଓ ଇସ୍ରାଏଲ୍‌ର ରାଫାଲ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ ପ୍ରମୁଖ ଅର୍ନ୍ତଭୁକ୍ତ। ସେହିପରି ରୁଷିଆ ସହ ମଧ୍ୟ ଭାରତର ବିସ୍ତୃତ ପ୍ରତିରକ୍ଷା ସମ୍ପର୍କ ରହିଆସିଛି। ତେବେ ପ୍ରତିରକ୍ଷା କ୍ଷେତ୍ରରେ ଏଫ୍‌ଡିଆଇର ସେତେଟା ଆଗମନ ହେଉନାହିଁ। ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ୨୫ ବର୍ଷ ମଧ୍ୟରେ ଭାରତକୁ ମୋଟ ୭୨୫ ବିଲିୟନ୍ ଡଲାର ଏଫ୍‌ଡିଆଇ ଆସିଥିବାବେଳେ ସେଥିରୁ ମାତ୍ର ୨୬.୫ ନିୟୁତ ପ୍ରତିରକ୍ଷା କ୍ଷେତ୍ରକୁ ଆସିଥିଲା। ଏ ସମ୍ପର୍କିତ ନିୟମକୁ ସରଳ କରାଗଲେ ଭାରତର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆହୁରି ଅଧିକ ଦେଶର ଅନେକ କମ୍ପାନୀ ପୁଞ୍ଜି ଖଟାଇବାକୁ ସୁଯୋଗ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଏପ୍ରିଲରେ ପହଲଗାମ୍ ଆକ୍ରମଣ ପରେ ମେ'ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇଥିଲା। କମ୍ ସମୟ ପାଇଁ ହେଲେ ମଧ୍ୟ ଭାରତ ଓ ପାକିସ୍ତାନ ସାମରିକ ସ୍ତରରେ ସାମ୍ନାସାମ୍ନି ହୋଇଥିଲେ। ପାକିସ୍ତାନ ସୀମାନ୍ତ ଅଞ୍ଚଳକୁ ବହୁସଂଖ୍ୟକ ଡ୍ରୋନ୍ ଛାଡ଼ିଥିବାବେଳେ ଭାରତ ଶତ୍ରୁରାଷ୍ଟ୍ର ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଅନେକ ଯୁଦ୍ଧବିମାନ ପଠାଇ ସେଠାକାର ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଥିବା ଦାବି କରିଥିଲା। ଅପରେଶନ୍ ସିନ୍ଦୂର ବେଳେ କେତୋଟି ଯୁଦ୍ଧବିମାନ ମଧ୍ୟ ଖସିଥିଲା। ଭାରତର ବର୍ତ୍ତମାନ ପ୍ରତିରକ୍ଷା ବଜେଟ୍ ୭୫.୩୬ ବିଲିୟନ୍ ଡଲାର ହୋଇଥିବାବେଳେ ଫେବୃଆରୀ ୧ରେ ପାର୍ଲାମେଣ୍ଟରେ ଆଗତ ହେବାକୁ ଥିବା ୨୦୨୬-୨୭ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟ୍‌ରେ ୨୦% ବୃଦ୍ଧି ଘଟାଇବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି। ୨୦୨୯ ସୁଦ୍ଧା ଦେଶର ଘରୋଇ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକୁ ଦ୍ୱିଗୁଣିତ କରି ୩୩.୨୫ ବିଲିୟନ ଡଲାରରେ ପହଞ୍ଚାଇବା ଏବଂ ପ୍ରତିରକ୍ଷା ରପ୍ତାନିକୁ ୫.୫ ବିଲିୟନ୍ ଡଲାରକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ଗତବର୍ଷ ସରକାର କହିଥିଲେ। ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହେବାକୁ ଉଦ୍ୟମ ଚଳାଇଥିବାବେଳେ ୨୦୨୪-୨୫ରେ ବିଦେଶକୁ ରପ୍ତାନି କରାଯାଇଥିବା ପ୍ରତିରକ୍ଷା ସାମଗ୍ରୀଗୁଡ଼ିକରେ ୧୨% ବୃଦ୍ଧି ସହ ଏହା ୨.୬ ବିଲିୟନ୍ ଡଲାର ରହିଥିଲା।




# ଭାଜପାଶାସିତ ରାଜ୍ୟରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଛି: ମମତା



କୋଲକାତା,୧୬।୧

ଭାଜପାଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳାଭାଷୀ ଦାଦନ ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ୨୦୨୬ ବିଧାନସଭା ନିର୍ବାଚନ ଜିତିପାରିବ ନାହିଁ ବୋଲି ଅନୁଭବ କରିବା ପରେ ଦଙ୍ଗା ସୃଷ୍ଟି ପାଇଁ ଯୋଜନା କରୁଥିବା ତୃଣମୂଳ କଂଗ୍ରେସ ନେତ୍ରୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ବାହାରେ ଦାଦନ ଶ୍ରମିକଙ୍କ ଉପରେ ଆକ୍ରମଣକୁ ନେଇ ମୁର୍ଶିଦାବାଦର ବେଲଡଙ୍ଗାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମମତା କହିଛନ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟର କ୍ରୋଧ ଯଥାର୍ଥ ଥିଲା। ଦାଦନ ଶ୍ରମିକଙ୍କ ଉପରେ ବାରମ୍ବାର ହିଂସା ଘଟଣାରୁ ଏହି ବିକ୍ଷୋଭ ହୋଇଥିଲା। ଶୁକ୍ରବାର ମୁର୍ଶିଦାବାଦରେ ଲୋକେ ୧୨ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ଟାୟାର ଜାଳି ପ୍ରତିବାଦ କରିଛନ୍ତି।

ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ନିର୍ବାଚନ କମିଶନ କରିଥିବା ପରିବର୍ତ୍ତନକୁ ନେଇ ମମତା ସମାଲୋଚନା କରିଛନ୍ତି। ଭୋଟର ତାଲିକା ସଂଶୋଧନକୁ ନେଇ ବିଚଳିତ ପ୍ରାୟ ୧୦୦ ଜଣ ଲୋକ ଜୀବନ ହରାଇଲେଣି ବୋଲି ସେ କହିଛନ୍ତି।

# ୨୦ରେ ଭାଜପାର ନୂଆ ଅଧ୍ୟକ୍ଷ

## ନୀତିନ୍ ନବୀନଙ୍କ ପ୍ରସ୍ତାବକ ହେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଭାଜପା ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ଶୁକ୍ରବାର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହି ପଦବୀ ପାଇଁ ଆସନ୍ତା ୧୯ରେ ନାମାଙ୍କନପତ୍ର ଦାଖଲ ହେବାକୁ ଥିବାବେଳେ ୨୦ରେ ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ। ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ନୀତିନ୍ ନବୀନ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଭାଜପାର ରାଷ୍ଟ୍ରୀୟ ରିଟର୍ନିଂ ଅଫିସର କେ. ଲକ୍ଷ୍ମଣ ସାଂଗଠନିକ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ତଦନୁଯାୟୀ, ଦଳ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ଆସନ୍ତା ୧୯ ତାରିଖ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରାଯିବ। ସେହିଦିନ ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ କୌଣସି ପ୍ରାର୍ଥୀ ଚାହିଁଲେ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇପାରିବେ। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ନାମାଙ୍କନପତ୍ରର ଯାଞ୍ଚ କରାଯିବ। ଆବଶ୍ୟକ ପଡ଼ିଲେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇ



ନୀତିନ୍ ନବୀନ

ଆନୁଷ୍ଠାନିକ ଭାବେ ନୂଆ ଭାଜପା ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ। ଜେ.ପି. ନଡ୍ଡାଙ୍କ ସ୍ଥାନରେ ନବୀନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇପାରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବୀନଙ୍କ ନାମାଙ୍କନପତ୍ର ଦାଖଲବେଳେ ତାଙ୍କ ପ୍ରସ୍ତାବକ ହେବେ ବୋଲି ସୂତ୍ରରୁ ଜଣାପଡ଼ିଛି। ୨୦୧୯ ଜୁନ୍‌ରେ ନଡ୍ଡା ପ୍ରଥମେ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ ହୋଇ ୨୦୨୦ ଜାନୁଆରୀ ୨୦ରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ଦିଲ୍ଲୀ-ଏନ୍‌ସିଆର୍‌ରେ ପୁଣି ଲାଗିଲା ଜିଆର୍‌ଏପି-୩

ନୂଆଦିଲ୍ଲୀ,୧୬।୧

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ପୁଣି ଉତ୍କଟ ସ୍ଥିତିରେ ପହଞ୍ଚିଥିବାରୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ କଟକଣା ଲଗାଇଛନ୍ତି। ଶୁକ୍ରବାର ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୫୦ ଅତିକ୍ରମ କରିଛି। ଜିଆର୍‌ଏପି-୩ରେ ଜରୁରୀ ନ ଥିବା ସମସ୍ତ ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ନିଷିଦ୍ଧ ହେବ। ରେଡି-ମିକ୍ସ କଂକ୍ରିଟ୍ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର, ଇଟାଭାଟି, ଖଣି ଖନନ ଆଦି କାର୍ଯ୍ୟ ବନ୍ଦ ରହିବ। ସେହିପରି ଗାଡ଼ିମୋଟର ଚଳାଚଳ ଉପରେ ମଧ୍ୟ କଟକଣା ରହିବ। ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଚାରି ଚକିଆ ଯାନ, ଅତ୍ୟାବଶ୍ୟକ ହୋଇ ନ ଥିବା ଡିଜେଲ ଚାଳିତ ମଧ୍ୟମ ମାଲବାହୀ ଗାଡ଼ି, ଆନ୍ତଃରାଜ୍ୟ ଡିଜେଲ ବସ୍ ଚଳାଚଳ ବନ୍ଦ ରହିବ।

# ଭାରତରେ ଦ୍ୱିତୀୟ ସର୍ବାଧିକ ମଧୁମେହ ଆକ୍ରାନ୍ତ



## ଚାଇନା ପ୍ରଥମ, ଆମେରିକା ୩ୟ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଭାରତରେ ମଧୁମେହ ଆକ୍ରାନ୍ତଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ। ୨୦୨୪ରେ ଦେଶରେ ୯ କୋଟି ବୟସ୍କ ବ୍ୟକ୍ତି ମଧୁମେହରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ୧୪.୮ କୋଟି ଆକ୍ରାନ୍ତଙ୍କ ସହ ଚାଇନା ମଧୁମେହରେ ପ୍ରଥମ ସ୍ଥାନରେ ଥିବାବେଳେ ୩.୯ କୋଟି ଆକ୍ରାନ୍ତଙ୍କ ସହ ଆମେରିକା ତୃତୀୟ ସ୍ଥାନରେ ରହିଥିବା ଦି ଲାନ୍‌ସେଟ୍ ଡାଇବେଟିସ୍ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି।

ଚାଇନା, ଭାରତ, ଆମେରିକା, ପାକିସ୍ତାନ ଭଳି ଜନବହୁଳ ଦେଶରେ ଅଧିକ ଲୋକଙ୍କଠାରେ ମଧୁମେହ ଦେଖାଯାଉଥିବା ଗବେଷକମାନେ କହିଛନ୍ତି। ବେଲ୍‌ଜିୟମ୍‌ର ଇଣ୍ଟରନ୍ୟାଶନାଲ ଡାଇବେଟିସ୍ ଫେଡେରେଶନ, ଭାରତର ଡାଇବେଟିସ୍ ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ଚେନ୍ନାଇର ଡ. ଏ. ରାମଚନ୍ଦ୍ରନଙ୍କ ଡାଇବେଟିସ୍ ହସ୍ପିଟାଲ ପକ୍ଷରୁ ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି। ୨୦୫୦ ବେଳକୁ ପାକିସ୍ତାନ ଆମେରିକାକୁ ଅତିକ୍ରମ କରିଯିବ ବୋଲି ସେମାନେ ଆକଳନ କରିଛନ୍ତି। ୨୦୦୫ରୁ ୨୦୨୪ ମଧ୍ୟରେ ୨୧୫ଟି ଦେଶ ଏବଂ ଅଞ୍ଚଳ ଉପରେ ୨୪୬ଟି ଅଧ୍ୟୟନ କରାଯାଇଥିଲା। ୨୦୨୪ରେ ବିଶ୍ୱର ବୟସ୍କ ଜନସଂଖ୍ୟାର ୧୧ ପ୍ରତିଶତରୁ ଊର୍ଦ୍ଧ୍ୱ ଅର୍ଥାତ୍ ୨୦ରୁ ୭୯ ବର୍ଷ ବୟସବର୍ଗର ୫୮.୯ କୋଟି ଲୋକ ଡାଇବେଟିସ୍‌ରେ ପୀଡ଼ିତ ଥିଲେ। ୨୦୫୦ ସୁଦ୍ଧା ଏହି ହାର ୧୩ ପ୍ରତିଶତ (୮୫.୩ କୋଟି)ରେ ପହଞ୍ଚିବ ବୋଲି ଅଧ୍ୟୟନରେ ଆକଳନ କରାଯାଇଛି। ଉକ୍ତ ବର୍ଷ ସାରା ବିଶ୍ୱରେ ପ୍ରତି ୯ ଜଣରେ ଜଣେ ବୟସ୍କ ବ୍ୟକ୍ତି ଡାଇବେଟିସ୍ ଆକ୍ରାନ୍ତ। ମୋଟ ଡାଇବେଟିସ୍ ଆକ୍ରାନ୍ତଙ୍କ ମଧ୍ୟରୁ ୮୦.୬୪ ପ୍ରତିଶତ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶରେ ରହିଛନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୭/୨୦୨୬ | Bhubaneswar, Saturday, January 17/2026 | ପୃଷ୍ଠା-୧




ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଭାଜପାର ବିଜୟ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ମୁମ୍ବାଇସ୍ଥିତ ଦଳୀୟ ମୁଖ୍ୟାଳୟରେ ମିଠା ଖୁଆଉଛନ୍ତି ନେତା ଓ କର୍ମୀ।

# ମହାଯୁତି ଦଖଲରେ ବିଏମ୍‌ସି

**■ ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଠାକ୍‌ରେ ଭ୍ରାତାଙ୍କୁ ଝଟକା**

**■ ପୁଣେରେ ହାରିଲେ ୨ ପାୱାର**

ମୁମ୍ବାଇ,୧୬।୧

ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ମହାଯୁତିକୁ ଶୁକ୍ରବାର ବଡ଼ ସଫଳତା ମିଳିଛି। ରାଜ୍ୟରେ ଗୁରୁବାର ଅନୁଷ୍ଠିତ ୨୯ ମହାନଗର ନିଗମ ମଧ୍ୟରୁ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ପ୍ରାୟ ୨୫ଟିରେ ଶାସକ ମେଣ୍ଟର ପ୍ରାର୍ଥୀ ମେୟର ହେବାକୁ ଯାଉଛନ୍ତି। ଅନ୍ୟପକ୍ଷେ ଶିବସେନା ୟୁବିଟି ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍)ର ବିଏମ୍‌ସି ଦଖଲ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି।

ବାର୍ଷିକ ୭୪,୪୦୦ କୋଟି ଟଙ୍କା ବଜେଟ ବିଶିଷ୍ଟ ଏସିଆର ସର୍ବବୃହତ୍ ମହାନଗର ନିଗମ ବିଏମ୍‌ସିର ନିର୍ବାଚନ ପ୍ରାୟ ୪ ବର୍ଷ ବିଳମ୍ବରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ହୋଇଥିବା ସମସ୍ତ ୨୨୭ ୱାର୍ଡର ଫଳାଫଳ ଆସିବାରେ ଲାଗିଛି। ସେଥିରୁ ଭାଜପା ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ମେଣ୍ଟ ୧୧୦ ୱାର୍ଡରେ ଆଗୁଆ ରହିଛି। ଭାଜପା ୮୪ ଓ ଶିବସେନା ପ୍ରାର୍ଥୀ ୨୬ ୱାର୍ଡରେ ବିଜୟ ଆଡ଼କୁ ଅଗ୍ରସର ହୋଇଛନ୍ତି। ବିଏମ୍‌ସି ଅନେକ ଦଶନ୍ଧି ଧରି ମିଳିତ ଶିବସେନା ଦଖଲରେ ରହିଆସିଥିବାବେଳେ ୨୦୧୭ ନିର୍ବାଚନରେ ମଧ୍ୟ ଦଳ ସଫଳତା ଦୋହରାଇଥିଲା। କିନ୍ତୁ ଏଥର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ଏବଂ ରାଜ୍ ଠାକ୍‌ରେଙ୍କ ଏମ୍‌ଏନ୍‌ଏସ୍ ୮୩ ୱାର୍ଡରେ ସୀମିତ ରହିଯାଇଛନ୍ତି। ଉଦ୍ଧବଙ୍କ ଶିବସେନା ୭୨ ୱାର୍ଡରେ ଆଗୁଆ ଥିବାବେଳେ ଏମ୍‌ଏନ୍‌ଏସ୍ ୧୧ ୱାର୍ଡ ଦଖଲ କରିପାରେ। ସାରା ରାଜ୍ୟର ୨୯ ମହାନଗର ନିଗମ ନିର୍ବାଚନକୁ ଦେଖିଲେ ମୋଟାମୋଟି ଭାବେ ଫଳାଫଳ ଭାଜପା ସପକ୍ଷରେ ଯାଇଛି। ୧୩୯୦ ୱାର୍ଡରେ ଭାଜପା ଆଗୁଆ ଥିବାବେଳେ ସହଯୋଗୀ ଶିବସେନା ୩୬୪ ୱାର୍ଡରେ ବିଜୟ ଆଡ଼କୁ ଅଗ୍ରସର ହେଉଛି। କଂଗ୍ରେସ ୩୦୭ ଆସନ ସହ ତୃତୀୟ ସ୍ଥାନରେ ରହିପାରେ। ଚତୁର୍ଥରେ ଥିବା ଶିବସେନା ୟୁବିଟିକୁ ୧୬୬ ଆସନ ମିଳିପାରେ। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରାର୍ଥୀମାନେ ୧୫୧ ଆସନରେ ଜିତିବା ସମ୍ଭାବନା ରହିଛି।

ମୁମ୍ବାଇ ସହ ପୁଣେ ମହାନଗର ନିଗମ ନିର୍ବାଚନ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଥିଲା। ଏହି ହାଇପ୍ରୋଫାଇଲ ମହାନଗର ନିଗମକୁ ଦଖଲ କରିବା ପାଇଁ ଏନ୍‌ସିପିର ଦୁଇଗୋଷ୍ଠୀ ଅଜିତ୍ ଓ ତାଙ୍କ ଦାଦା ଶରଦ ପାୱାର ଏକାଠି ହୋଇଥିଲେ। ତେବେ ଏଠାରେ ଭାଜପା ୧୧୧ ଆସନରେ ଆଗୁଆ ରହିଛି। ଏନ୍‌ସିପି ୧୫ ଏବଂ ଏନ୍‌ସିପି-ଏସ୍‌ପି ୨ ଆସନ ଦଖଲ କରିପାରନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏହି ବିଜୟକୁ ନେଇ ଉଲ୍ଲସିତ ଭାଜପା କର୍ମୀମାନଙ୍କୁ ସାଉଥ୍ ମୁମ୍ବାଇସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଭାଜପା ଓ ସହଯୋଗୀଙ୍କୁ ବିଜୟୀ କରାଇଥିବା ମହାରାଷ୍ଟ୍ର ମତଦାତାଙ୍କୁ ଧନ୍ୟବାଦ ଦେଇଛନ୍ତି।

ପ୍ରକାଶ ଯେ, ଗୁରୁବାର ୨୯ ମହାନଗର ନିଗମର ୮୯୩ ୱାର୍ଡର ୨,୮୬୯ କର୍ପୋରେଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ ସହ ଛତ୍ରପତି ସମ୍ଭାଜୀନଗର, ନବୀ ମୁମ୍ବାଇ, ଭସାଇ-ଭିରାର, କଲ୍ୟାଣ-ଦୋମ୍ବିଭ୍ଲି, କୋହ୍ଲାପୁର, ନାଗପୁର, ସୋଲାପୁର, ଅମରାବତୀ, ଅକୋଲା, ନାଶିକ, ପିମ୍ପରି-ଚିଞ୍ଚୱାଡ୍, ପୁଣେ, ଉହ୍ଲାସନଗର, ଠାଣେ, ଚନ୍ଦ୍ରପୁର, ପରଭାନି, ମୀରା-ଭୟଣ୍ଡର, ନାନ୍ଦେଡ-ୱାଘଲା, ପନ୍‌ଭେଲ, ଭିୱଣ୍ଡି-ନିଜାମପୁର, ଲାତୁର, ମାଲେଗାଓଁ, ସାଙ୍ଗ୍ ଲି-ମିରାଜ-କୁପୱାଡ୍, ଜଲଗାଓଁ, ଅହିଲ୍ୟାନଗର, ଧୁଲେ, ଜଲ୍‌ନା ଓ ଇଚାଲକରଞ୍ଜି ମହାନଗର ନିଗମ ପାଇଁ ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ୫୨.୯୪% ମତଦାନ ସହ ମଇଦାନରେ ଥିବା ୧୫,୯୩୧ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସିଲ୍ ହୋଇଥିଲା।

# ମାଟି ଖୋଳୁଥିଲେ, ପଥର ଖସିଲା: ୨ ଶ୍ରମିକ ମୃତ

ମାଲକାନଗିରି,୧୬।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସଦର ମହକୁମା ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନରୁ ଶୁକ୍ରବାର ସକାଳେ ବେଆଇନ ଭାବେ ମାଟି ଖୋଳୁଥିବା ସମୟରେ ଏକ ବଡ଼ ପଥର ଖସିବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଗୁନା ଗାଦବା (୨୧) ଓ ମିଟୁ ମାଢ଼ି।

ଘଟଣାରୁ ପ୍ରକାଶ, ଶୁକ୍ରବାର ସକାଳୁ କେତେଜଣ ଶ୍ରମିକ ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନରୁ ମାଟି ଖୋଳୁଥିଲେ। ଏହି ସମୟରେ ଗୋଟିଏ ବଡ଼ ପଥର ଖସି ପଡ଼ି ୨ଜଣ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଦୁର୍ଘଟଣା ପରେ ସେଠାରେ ଥିବା ଅନ୍ୟ ଶ୍ରମିକମାନେ ସଙ୍ଗେ ସଙ୍ଗେ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ପଥର ତଳେ ୨ଜଣ ଶ୍ରମିକ ଚାପିହୋଇ ରହିଥିବାବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ସତ୍ୟମଗୁଡାର ଗୁନା ଗାଦବାଙ୍କ ମୃତ୍ୟୁ ଘଟିଥିବା ବେଳେ ଚମ୍ପାଖାରି ଗ୍ରାମର ଅନ୍ୟ ଜଣେ ଶ୍ରମିକ ମିଟୁଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ପୋଲିସ ଖବରପାଇ ମୃତଦେହ ଜବତକରିବା ସହ ଏହାର ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛି।



ମାଲକାନଗିରି ସହର ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନ।

# ଭାଜପାରେ ମିଶିଲେ ଯାଜପୁର ଜିଲ୍ଲା ପରିଷଦ ସଭାପତି, ଉପସଭାପତି

## ପୂର୍ବତନ ଏମ୍‌ପି ରୀତା ତରାଇ, ୧୬ ଜିଲ୍ଲା ପରିଷଦ ସଦସ୍ୟ ଯୋଗଦେଲେ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ଏକଦା ଯାଜପୁର ଜିଲ୍ଲାକୁ ବିଜେଡିର ଗଡ଼ କୁହାଯାଉଥିଲା। ଏବେ ତାହା ଭୁଶୁଡ଼ିବାରେ ଲାଗିଛି। ଯାଜପୁର ବିଜେଡିର ବହୁ ନେତା ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ବିଜେଡିର କ୍ଷମତାଶାଳୀ ନେତା ବୋଲାଉଥିବା ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱ ଉପରକୁ ମଧ୍ୟ ପ୍ରଶ୍ନ ଉଠିଛି। ସେ ବର୍ତ୍ତମାନ ନିଜ ଜିଲ୍ଲାରେ ମଧ୍ୟ ଦଳର ସଙ୍ଗଠନକୁ ସୁରକ୍ଷିତ ରଖିବାରେ ବିଫଳ ହେଲେଣି ବୋଲି ଚର୍ଚ୍ଚା ଆରମ୍ଭ ହେଇଛି। ଶୁକ୍ରବାର ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଏବଂ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ଏମ୍‌ପି ରୀତା ତରାଇ ଭାଜପାରେ ☞ପୃଷ୍ଠା-୨

### ଦଳ ଛାଡ଼ିବା ଆଗରୁ ନିଲମ୍ବନ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକ ଗୁରୁବାର ୨ଜଣ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିବା ପରେ ଶୁକ୍ରବାର ଆଉ ୨ ଜଣ ନେତାଙ୍କୁ ଦଳରୁ କାଢ଼ିଛନ୍ତି। ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନିପ୍ରଭା ଜେନା ଓ ଉପାସଭାପତି ଗଣେଶ୍ୱର ବରାଳଙ୍କୁ ନବୀନ ନିଲମ୍ବନ କରିଛନ୍ତି। ଏହି ୨ ନେତା ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଦର୍ଶାଇ ଦଳରୁ ବିଦା କରାଯାଇଛି। ପ୍ରତିଦିନ ରାଜ୍ୟବ୍ୟାପୀ ବହୁ ନେତା ବିଜେଡି ଛାଡ଼ି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଏହି କ୍ରମରେ ଯାଜପୁର ଜିଲ୍ଲା ପରିଷଦ ସଭାପତି ଏବଂ ଉପସଭାପତି ଭାଜପାରେ ଯୋଗଦେବେ ବୋଲି ଆଗୁଆ ଜାଣିପାରି ନବୀନ ଏପରି ନିଷ୍ପତ୍ତି ନେଇଥିବା ତାଙ୍କ ଦଳରେ ଚର୍ଚ୍ଚା ଜୋର ଧରିଛି। ପରବର୍ତ୍ତୀ ସମୟରେ ମଧ୍ୟ ଘଟଣା ସେହିଭଳି କିଛି ଘଟିଛି, ଯାହାକି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। ଶୁକ୍ରବାର ଅପରାହ୍ନରେ ନଳିନୀ ଏବଂ ଗଣେଶ୍ୱର ସେମାନଙ୍କ ସମର୍ଥକଙ୍କ ଗହଣରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗଦେଇଛନ୍ତି।

# ଟ୍ରମ୍ପଙ୍କୁ ମାରିଆଙ୍କ ନୋବେଲ




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌ରେ ଭେନେଜୁଏଲାର ମାରିଆ କୋରିନା ମଚାଡୋ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରୁଛନ୍ତି।

ୱାଶିଂଟନ,୧୬।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶେଷରେ ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିଛନ୍ତି। ତେବେ ନୋବେଲ କମିଟିଠାରୁ ନୁହେଁ, ବରଂ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋ ୨୦୨୫ରେ ଯେଉଁ ନୋବେଲ ପୁରସ୍କାର ପାଇଥିଲେ, ତାହାକୁ ସେ ଟ୍ରମ୍ପଙ୍କୁ ପ୍ରଦାନ କରିଛନ୍ତି। ପାରସ୍ପରିକ ସମ୍ମାନର ଏହା ଏକ ବିସ୍ମୟକର ଭାବ ବୋଲି ଟ୍ରମ୍ପ୍ କହିଛନ୍ତି। ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କୁ ଅର୍ପଣ କରିବେ ବୋଲି ମାରିଆ ପୂର୍ବରୁ କହିଥିଲେ। ଏହି ପୁରସ୍କାର ହସ୍ତାନ୍ତରଯୋଗ୍ୟ ନୁହେଁ ବୋଲି ନୋବେଲ କମିଟି କହିଥିବାବେଳେ ଗୁରୁବାର ମାରିଆ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟି ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି।

ଭେନେଜୁଏଲା ଉପରେ ଆମେରିକା ସାମରିକ ଅଭିଯାନ ଆରମ୍ଭ କରି ଏହାର ନେତା ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିନେଇଥଲା। ମାଦୁରୋଙ୍କୁ କ୍ଷମତାଚ୍ୟୁତ କରିବା ପରେ ଉପରାଷ୍ଟ୍ରପତି ଥିବା ଡେଲ୍‌ସି ରୋଡ୍ରିଗୁଏଜ୍ ଏବେ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପଙ୍କ ସମର୍ଥନ ହାସଲ କରିବାକୁ ମାରିଆ ଏଭଳି ଏକ ଚାଲ୍ ଚଳାଇଥିବା କୁହାଯାଉଛି। ଭେନେଜୁଏଲା ସରକାରଙ୍କୁ ଚ୍ୟାଲେଞ୍ଜ କରିବାକୁ ମାରିଆ ଚାହୁଁଥିବାବେଳେ ସମର୍ଥନ କରିବାକୁ ଟ୍ରମ୍ପ୍ ନିକଟରେ ମନା କରିଥିଲେ। ପୁରସ୍କାର ଗ୍ରହଣ କରିବା ପରେ ଟ୍ରମ୍ପ୍ ମାରିଆଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ମୋର କାର୍ଯ୍ୟ ପାଇଁ ସେ ମୋତେ ତାଙ୍କ ନୋବେଲ ପୁରସ୍କାର ପ୍ରଦାନ କରିବା ଏକ ବିସ୍ମୟକର ଭାବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। ଟ୍ରମ୍ପଙ୍କ ଓଭାଲ ଅଫିସ୍‌ରେ ଟ୍ରମ୍ପଙ୍କୁ ମାରିଆ ନୋବେଲ ପୁରସ୍କାର ପ୍ରଦାନ କରୁଥିବାର ☞ପୃଷ୍ଠା-୨


# ବୋମା ଚୋବାଇଥିବା ହାତୀର ମୃତ୍ୟୁ

ବନ୍ତଳା,୧୬।୧(ସୁଶିତ ସାହୁ)

ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ଶିକାରୀ ରଖିଥିବା ବୋମାକୁ ଚୋବାଇ ଗୁରୁତର ହୋଇଥିବା ୬ ବର୍ଷୀୟ ଅଣ୍ଡିରା ହାତୀର ଗୁରୁବାର ରାତିରେ ମୃତ୍ୟୁ ହୋଇଯାଇଛି। ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବାଲୁଅକଟା ଗାଁ ପଥରଗଡ଼ ସାହି ନିକଟରେ ବନ ବିଭାଗ ଦ୍ୱାରା ଚିକିତ୍ସା ପରେ ଉକ୍ତ ହାତୀକୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ହାତୀଟିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳଚେର ବନାଞ୍ଚଳରୁ ଚାଲିଆସିଥିବା ଉକ୍ତ ଅସୁସ୍ଥ ହାତୀକୁ ବନ୍ତଳା ବନାଞ୍ଚଳ ପଥରଗଡ଼ ସାହି ନିକଟରେ ବୁଧବାର ଠାବ କରାଯାଇଥିଲା। ଗୁରୁବାର ସକାଳୁ ଅନୁଗୋଳ ବନଖଣ୍ଡ ପ୍ରାଣୀଧନ ଚିକିତ୍ସକ, ସାତକୋଶିଆ ପ୍ରାଣୀଧନ ଚିକିତ୍ସକ ଓ କପିଳାସ ପ୍ରାଣୀଧନ ଚିକିତ୍ସକ ପହଞ୍ଚି ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ପରେ ସେଠାରୁ ହାତୀଟିକୁ କପିଳାସ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ହାତୀଟିର ମୃତ୍ୟୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମନ୍ତ୍ରଣାଳୟ ସ୍ଥାନାନ୍ତର**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂର୍ଯ୍ୟ ନଗର କାର୍ନିଭାଲ-୨୦୨୬, ସ୍ଥାନ: ସୂର୍ଯ୍ୟ ନଗର ପାର୍କ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ୱନକ୍ଷେତ୍ର ଦିବସ, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଓୟୁଟିଆର୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓୟୁଟିଆର୍ କ୍ୟାମ୍ପସ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଭାରତ ସମାଜ କଲ୍ୟାଣ ସେବା ଓ ଗବେଷଣା ସମିତି ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ମଣ୍ଡଳସ୍ତରୀୟ ଜିଲାପାଳଙ୍କ ସମ୍ମିଳନୀରେ ଆଗାମୀ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ନିର୍ବାଚନ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଲୋଚନା, ସ୍ଥାନ: ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ସାଂସ୍କୃତିକ ଓ ସାରସ୍ୱତ ଉତ୍ସବ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ସିଂହନାଥଙ୍କ ପ୍ରସିଦ୍ଧ ମକର ମେଳା ଉଦ୍‌ଯାପନ, ସ୍ଥାନ: ସିଂହନାଥଙ୍କ ମନ୍ଦିର ପରିସର ଓ ପାର୍ଶ୍ୱ ଅଞ୍ଚଳ, ବଡ଼ମ୍ବା, ସମୟ: ଅପରାହ୍ନ ୫ଟା।
- ୯ ଦିନିଆ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ: ରମାକାନ୍ତ ତ୍ରିପାଠୀ ଭବନ, ବଡ଼ମ୍ବା କଲେଜ ନିକଟ, ସମୟ: ପ୍ରତ୍ୟହ ସନ୍ଧ୍ୟା ୬ଟା।
- ଶିକ୍ଷାବିତ୍ ବିଷ୍ଣୁଚରଣ ଜେନାଙ୍କ ୯ମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ରାମକୃଷ୍ଣ କୁଟୀର ସଭାଗୃହ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ କବି ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ କବିତା ଆସର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଷଷ୍ଠ ବାର୍ଷିକୀ ଗୀତାଜ୍ଞାନ ଯଜ୍ଞ, ସ୍ଥାନ: ତଣ୍ଡାଳ, ବେଗୁନିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଓ ଶକ୍ତି ପୀଠର ବାର୍ଷିକୋତ୍ସବ, ସ୍ଥାନ: ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃଜିଲା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଯାପନୀ, ସ୍ଥାନ: ନିମପାଳ ପଡ଼ିଆ, ନରସିଂହପୁର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଅର୍ଜ୍ଜୁନପୁର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକ କଂଗ୍ରେସ କମିଟିର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ କଲ୍ୟାଣ ମଣ୍ଡପ, ଇଟାମୁଣ୍ଡି, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନନ୍ଦୁର ମୁନୀ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ୨ୟ ଦିବସ, ସ୍ଥାନ: ବାଗୁରାଇସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲ, ବନ୍ତ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ସିନ୍ଦୂର ଗୌରୀ ଯୁବକ ସଂଘ ପକ୍ଷରୁ ମକର ମହୋତ୍ସବ ଓ ଟୁସୁ ପ୍ରତିଯୋଗିତା, ସ୍ଥାନ: ଆସନବାହାଳି ସିନ୍ଦୁର ଗୌରୀ ପୀଠ, ପାଟଣା, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ

- ମଳୟ ମହାନ୍ତଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ:ପାଲବଣୀ ସ୍ଥିତ ବାରିପଦା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ନୃସିଂହ ଜୀଉଙ୍କ ପୀଠରେ ବାର୍ଷିକ ଯଜ୍ଞ,ସ୍ଥାନ:କୁଆମରା ନୃସିଂହ ଜୀଉ ମନ୍ଦିର ପରିସର,ସମୟ:ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ମକର ମେଳା ଓ ବାର୍ଷିକ କ୍ରୀଡ଼ା, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି,ସମୟ: ଅପରାହ୍ନ ୫ଟା।
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଉତ୍ସବର ଅଧିବାସ,ସ୍ଥାନ:ଡାକୋଇ କଳାରାଫୁଲିଆ, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- କଂଗ୍ରେସ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବାପୁଜୀ ଆଶ୍ରମ,ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗଟାଙ୍ଗି, ବାଲିଗୁଡ଼ା, ସମୟ : ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଶାସ୍ତ୍ରୀୟ ସଙ୍ଗୀତ ମହୋତ୍ସବ କମଳ ରଙ୍ଗ୍-୬୦ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ଆନ୍ତଃବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଂଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ସନ୍ତୋଷୀ ମା' ମନ୍ଦିରର ତ୍ରୟଦଶ ବାର୍ଷିକ ପୂଜୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବ୍ୟାସନଗର କୋପଣ୍ଡ ବୀଣାପାଣିସାହି, ସମୟ: ସକାଳ ୮ଟା।

## ନୟାଗଡ଼

- ଶ୍ରୀରାମ ଚରିତ ମାନସ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ: ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବାଣପୁର ପଞ୍ଚାୟତର ଚୈତନ୍ୟପୁର, ସମୟ: ସକାଳ ୭ଟା।
- ମକର ମେଳାର ୪ର୍ଥ ଦିବସ, ସ୍ଥାନ: ଗୋଡିପଡ଼ା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ, ବାହାଡା ବନାମ ଦେବନାସି କ୍ରିକେଟ କ୍ଲବ ପାଟଣା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ଅଷ୍ଟମ ଦିବସ ମ୍ୟାଚ, ଢ଼ୋଲମରା ସହ ଦଶପଲ୍ଲା ଓ ଗୁଣ୍ଡୁଣି ସହ ଶରଧାପୁର, ସ୍ଥାନ: ଖଣ୍ଡପଡା ବ୍ଲକର କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରୀକେଟର ୮ମ ଦିବସର ମ୍ୟାଚରେ ନରସିଂହପୁର ଜାନିସାହି ବନାମ ଶାଳଝରିଆ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ ବଡବାଣପୁର ରାମଚଣ୍ଡି ସାହି, ସମୟ: ଅପରାହ୍ନ ୧ଟା।
- ଦଶପଲ୍ଲା କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକାଦଶ ଦିବସର ମ୍ୟାଚ କାଶ୍ମୀର ଓ କେରଳ, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା ।

## ରାୟଗଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସକାଳ ୮ଟା ।

## ନବରଙ୍ଗପୁର

- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସଙ୍ଗୀତର ୧୫୦ତମ ପୂର୍ତ୍ତି ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସେମିଳିଗୁଡ଼ା ମହାବିଦ୍ୟାଳୟ ପକ୍ଷରୁ ଯୁବ ମହୋତ୍ସବ ଅରା -୨୦୨୬ ଉଦଘାଟନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ସୁନାବେଡ଼ା ମହିଳା ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏନ୍‌ଏସ୍‌ଏସ୍ କ୍ୟାମ୍ପର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ମାଲିଗୁଡ଼ା, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଏମ୍‌ପିଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନତମାନ ଅଦା ଚାଷ, ବଜାରିକରଣ ନିମନ୍ତେ ପ୍ରଶିକ୍ଷଣ ଶିବିର, ସ୍ଥାନ: ନନ୍ଦପୁର ବ୍ଲକ ଖୁର୍ଜୀ ପଞ୍ଚାୟତର ବୁରୁଡିପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନି ଦିବସ, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ବ୍ଲକ ଯାନୀଗୁଡ଼ାସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- କୃଷି ଯନ୍ତ୍ରପାତି ମେଳା ଆରମ୍ଭ, ସ୍ଥାନ: ଆଦିବାସୀ ପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବୀର ସୁରେନ୍ଦ୍ର ସାଏ ଜୟନ୍ତି ଉପଲକ୍ଷେ ବିବିଧ ପ୍ରତିଯୋଗିତା, ସ୍ଥାନ: ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ବିବିଧ ପ୍ରତିଯୋଗିତା ସକାଶେ ଚଷା ସମାଜର ପ୍ରସ୍ତୁତି ବୈଠକ , ସ୍ଥାନ: ନାରୀ ସେବା ସଦନ କସମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର

- ଓଡ଼ିଶା ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଟିଟିଲାଗଡ଼ଠାରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ, ସକାଳ ୯ଟା ୩୦।
- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରାଜନୀତି ବିଭାଗ ଏବଂ ଗବେଷଣାଚକ୍ର, ଓଡ଼ିଶା ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ, ସ୍ଥାନ: ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ପିଏମ୍‌ଶ୍ରୀ ହରିହର ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ ବିଦ୍ୟାଳୟ ପରିସର,ଯୋଗୀସର୍ଡା, ସମୟ: ଅପରାହ୍ନ ୩ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏକା ଥିଲି ଘରେ ଗେହ୍ଲାର ଘୁଙ୍ଗୁର
ସଉତୁଣୀ କଲା ଆସି ଦାଣ୍ଡର କୁକୁର ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ଭଲ ପାଇବା ଭରି ରହିଥାଏ। ଏଭଳି ସ୍ଥିତିରେ ସ୍ୱାମୀଟି ଦ୍ୱିତୀୟ ବିବାହ କଲେ ବା ସଉତୁଣୀ ଆସିଲେ ସେ ଘରେ କଳହର ବାତାବରଣ ସୃଷ୍ଟି ହୁଏ। ତେଣୁ ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଏବେକୁ ଏଡ଼େ
ପାଣି ପଇଲେ ହେବୁ ତୁ କେଡେ?**

ପିଲାଟି ଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କେତେଜଣ ଯୁବକ ବିବାହ କରିବା ପରେ ଘରର ଆଭିମୁଖ୍ୟଠାରୁ ଦୂରେଇ ଯାଉଥିବାର ଦେଖିବାକୁ ମିଳିଥାଏ। କମ୍ ବୟସରେ ଯିଏ ଉତୁବାର୍ଯ୍ୟ ହେଉଛି, ବାହାପାଣି ପଡ଼ିଲେ ସେ କ'ଣ ନ ହେବ ଏ ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବିଦା ହେବେ...

ନିର୍ଦ୍ଦେଶନାମା ଜାରି କରାଯାଇଥିବା କୁହାଯାଉଛି। ତେବେ ଗତ ୧୩ ତାରିଖ ମଙ୍ଗଳବାରଠାରୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ କହିଛନ୍ତି, ନନ୍ ପର୍‌ଫର୍ମିଂ ଅଧ୍ୟାପକଙ୍କ ଯାଞ୍ଚ ନେଇ କୌଣସି ଚିଠି ମୁଁ ପାଇନାହିଁ। ୧୪ ତାରିଖ ସରକାରୀ ଛୁଟି ରହିଥିବା ବେଳେ ୧୫ ଓ ୧୬ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏ ସମ୍ପର୍କରେ ଜାଣିପାରିନାହିଁ। ତେବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରିନ୍ସିପାଲ ଝୁମ୍‌କୀ ରଥ କହିଛନ୍ତି, ବିଭାଗ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଅନୁସାରେ ଯାଞ୍ଚ କରାଯିବ। ମହାବିଦ୍ୟାଳୟଗୁଡ଼ିକରେ ପ୍ରତିବର୍ଷ ଗୁପ୍ତ ଚରିତ୍ର ପଞ୍ଜିକା (ସିସିଆର୍) ରିପୋର୍ଟ ଦାଖଲ କରାଯାଏ। ଅଧ୍ୟାପିକାଅଧ୍ୟାପକଙ୍କ ନାମରେ ଅଭିଯୋଗ ଥିଲେ ସୁଧାରିବାକୁ ପରାମର୍ଶ ଦିଆଯାଏ। ସେମାନଙ୍କ ପାଠପଢ଼ାଠାରୁ ଆରମ୍ଭକରି କାର୍ଯ୍ୟକଳାପ ମଧ୍ୟ ଲକ୍ଷ୍ୟ କରାଯାଏ। ହେଲେ ବାରମ୍ବାର ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅଧ୍ୟାପିକାଅଧ୍ୟାପକ ଯଦି ନିଜକୁ ସୁଧାରିବାକୁ ଚେଷ୍ଟ ନ କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ଶିକ୍ଷାବିତ୍ ମାନସ ବେହେରା କହିଛନ୍ତି, ସରକାରଙ୍କ ଏହି ନିର୍ଦ୍ଦେଶନାମା ଜରିଆରେ ଉଚ୍ଚଶିକ୍ଷାରେ କାର୍ଯ୍ୟରତ ଅଧ୍ୟାପକଙ୍କ ମୂଲ୍ୟାଙ୍କନ କରାଯିବ। ଅଧ୍ୟାପକଙ୍କୁ ମାପିବା ପାଇଁ ସ୍ୱତନ୍ତ୍ର ମାନଦଣ୍ଡ ରହିବା ଦରକାର। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅଧିକାରୀ ସମସ୍ତ ଅଧ୍ୟାପକଙ୍କ ଚରିତ୍ର ପଞ୍ଜିକା ଠିକ୍ ଭାବେ ଦେଉନାହାନ୍ତି। ବ୍ୟକ୍ତିଗତ ଏବଂ ବିଭିନ୍ନ ମନୋଭାବକୁ ନେଇ କର୍ତ୍ତୃପକ୍ଷ ସିସିଆର୍ ରିପୋର୍ଟ ଦେଇଥାଆନ୍ତି। ଶୈକ୍ଷିକ ପ୍ରକ୍ରିୟାରେ ବିଜ୍ଞାନଭିତ୍ତିକ ମାନଦଣ୍ଡ ତିଆରି କରାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ସହ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ବେହେରା କହିଛନ୍ତି।

### ଟ୍ରମ୍ପଙ୍କୁ ମାରିଆଙ୍କ...

ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏଥିରେ କ୍ୟାପ୍‌ଶନ ଲେଖାଅଛି '୨୦୨୫ ନୋବେଲ ଶାନ୍ତି ପୁରସ୍କାର ମେଡାଲ ମାରିଆ କୋରିନା ମଚାଡୋଙ୍କୁ ଦିଆଯାଇଥିଲା'। ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପଙ୍କର ଦୀର୍ଘଦିନରୁ ଅଭିଳାଷ ରହିଥିଲା। ୨୦୨୫ରେ ପୁରସ୍କାର ଘୋଷଣା ହେବା ପୂର୍ବରୁ ଏହି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଟ୍ରମ୍ପ ଅନେକ ଥର ଦୋହରାଇଥିଲେ। ତାଙ୍କୁ ଏହି ପୁରସ୍କାର ନ ମିଳିଲେ, ଆମେରିକା ପ୍ରତି ବଡ଼ ଅପମାନ ହେବ ବୋଲି ସେ କହିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଟ୍ରମ୍ପ କହିଥିଲେ, ସେ ନୋବେଲ ଶାନ୍ତି ପୁରସ୍କାର ପାଇବା ଉଚିତ ବୋଲି ପ୍ରତ୍ୟେକ କହୁଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷକୁ ରୋକିବା ସହ ୭ଟି ଯୁଦ୍ଧ ବନ୍ଦ କରିଥିବା ଟ୍ରମ୍ପ ଦାବି କରିଆସୁଛନ୍ତି। ଅନ୍ୟ କୌଣସି ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟ କରିନାହାନ୍ତି ବୋଲି ଟ୍ରମ୍ପ କହିଥିଲେ।



ଭାଜପାରେ ସାମିଲ ହୋଇଥିବା ଯାଜପୁରର ବିଜେଡି ନେତାମାନେ।

### ଭାଜପାରେ ମିଶିଲେ ...

ସାମିଲ ହୋଇଛନ୍ତି। ସେମାନଙ୍କ ସମେତ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯାଜପୁର ଜିଲା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲିକ, ପୂର୍ବତନ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଧର୍ମଶାଳା ବିଜେଡି ଯୁବ ସଂଗଠକ ସନ୍ତୋଷ ତରାଇ, ଆଦିତ୍ୟ ପ୍ରସାଦ ପୃଷ୍ଟି ଓ ଧର୍ମଶାଳା ସାମାଜିକ ଗଣମାଧ୍ୟମ ସଂଯୋଜିକା ଚିନ୍ମୟୀ ବେହୁରା ପ୍ରମୁଖ ବିଜେଡି ପରିତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ଯାଜପୁର ଜିଲାର ୧୬ ଜଣ ଜିଲା ପରିଷଦ ସଦସ୍ୟ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ସେମାନେ ହେଲେ ବଡ଼ଚଣା ବ୍ଲକ୍ ୧୮ନଂ. ଜୋନ୍‌ର ସସ୍ମିତା ମହାନ୍ତି, ୨୦ନଂ. ଜୋନ୍‌ର ଜୟଶ୍ରୀ ସାମଲ, ଧର୍ମଶାଳା ବ୍ଲକ୍ ୧୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ସୁଧାଂଶୁ ସାହୁ, ୧୩ ନଂ. ଜୋନ୍‌ର ସ୍ମୃତିରେଖା ବେହେରା, ୧୫ ନଂ. ଜୋନ୍‌ର ଚକ୍ରଧର ବେହେରା, ୩୪ ନଂ. ଜୋନ୍‌ର ମମତା ଖୁଣ୍ଟିଆ, କୋରେଇ ବ୍ଲକ୍ ୩୫ ନଂ. ଜୋନ୍‌ର ଶଶୀରେଖା ପୃଷ୍ଟି, ବରୀ ବ୍ଲକ୍ ୩୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ବିନୋଦ କୁମାର ମାଝୀ, ୩୬ ନଂ. ଜୋନ୍‌ର ଭାରତୀ ବିଶ୍ୱାଳ, ସୁକିନ୍ଦା ବ୍ଲକ୍ ୮ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟା ସାମନ୍ତିରାଣୀ ରାଉତ, ୯ନଂ. ଜୋନ୍‌ର ଟିନା ହାଇବ୍ରୁ, ୩୮ନଂ. ଜୋନ୍‌ର ସାଧୁ ଚରଣ ଡ୍ରୁ, ୩୯ନଂ. ଜୋନ୍‌ର ପ୍ରତାପ ପଟ୍ଟନାୟକ, ପୁରୁଣା ବଡ଼ଚଣା ବ୍ଲକ୍ ୧୬ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଯତିନ୍ଦ୍ର ନାୟକ, ୧୯ ନଂ. ଜୋନ୍‌ର ଅରବିନ୍ଦ ସାମଲ ଓ ୩୩ ନଂ. ଜୋନ୍‌ର ଶିଶିର ମହାନ୍ତି। ଏହାଛଡ଼ା ଜେନାପୁର ଗ୍ରାମପଞ୍ଚାୟତରୁ ୧୪, ସମ୍ପାରୁ ୪୪, ମୂଳାପାଳରୁ ୩୦, ତରଞ୍ଜିଆ ପଞ୍ଚାୟତରୁ ୨୨ଜଣ ଭାଜପାରେ ଯୋଗଦେଇଛନ୍ତି।

ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବବୁଲୁ ମହାଲିକ, ଏସ୍‌କେ ନିଆମଦ, ଶରତ ଚନ୍ଦ୍ର ରାଉତ, ଏସ୍‌କେ ଆଫର, ଏସ୍‌କେ ଇବ୍ରାହିମ, ଏସ୍‌କେ ଫିରୋଜ, ଏସ୍‌କେ ଜୁନାଦ, ଏସ୍‌କେ ସାଦମ, ଫାତମା, ଏସ୍‌କେ ଫାଜରୁଲ, ଏସ୍‌କେ ମଣି, ରମାକାନ୍ତ ଦାସ, କମଳକାନ୍ତ ସାମଲ, ସୁକାନ୍ତ ସାମଲ, ନିଶିକାନ୍ତ ନାୟକ, ଏସ୍‌କେ ଗେଡୁ, ଏସ୍‌କେ କେଟାବଡି, କାଲୁ ଶାହା, ଏସ୍‌କେ ରେକର୍ଡ, ଏସ୍‌କେ କଲିମ, ଏସ୍‌କେ ଅବଦୁଲ, ଏସ୍‌କେ ବାପୁନ, ଏସ୍‌କେ ଜାନୁ, ଏସ୍‌କେ କାଳିଆ, ଏସ୍‌କେ କିଷାନ, ଏସ୍‌କେ ରହିମ, ଏସ୍‌କେ ଜାର୍ବି, ଏସ୍‌କେ ଲାଲୁ, ଏସ୍‌କେ ତବାରେକ ପ୍ରମୁଖ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। ଏହି ଅବସରରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ଅମର କୁମାର ନାୟକ, ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କୁମାର କର, ଯାଜପୁର ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ଯାଜପୁର ପୂର୍ବତନ ଜିଲା ସଭାପତି ଗୌତମ ରାୟ, ବରୀ ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ଭଦ୍ରକ ଜିଲା ଉପସଭାପତି କିଶୋର ନାୟକ, ଭଦ୍ରକ ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ବୋମା ଚୋବାଇଥିବା ...

ହୋଇଥିବା ବନ୍ତଲା ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି। ତେବେ ହାତୀ ମୃତ୍ୟୁ ନେଇ ଜିଲାର ବୁଦ୍ଧିଜୀବୀ, ବନ୍ୟପ୍ରାଣୀ ପ୍ରେମୀମାନେ ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ହାତୀଟି ବିସ୍ଫୋରକ ଦ୍ରବ୍ୟ ଖାଇ ଗୁରୁତର ଅବସ୍ଥାରେ କିଛିଦିନ ହେବ ଘୂରି ବୁଲୁଥିବା ବେଳେ ବନବିଭାଗ କିପରି ଏକଥା ପୂର୍ବରୁ ଜାଣି ପାରିଲାନି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନୁଗୋଳ ବନଖଣ୍ଡରେ ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ, ବେଆଇନ ବିଦ୍ୟୁତ୍ ହୁକିଂ ଦ୍ୱାରା ଶିକାର କରୁଥିବା ଶିକାରୀଙ୍କ ପ୍ରାଦୁର୍ଭାବ ବଢି ଚାଲିଥିଲାବେଳେ କାର୍ଯ୍ୟାନୁଷ୍ଠାନ ଦିଗରେ ବନବିଭାଗ ନିଷ୍କ୍ରିୟ ଥିବା ସେମାନେ ଅଭିଯୋଗ କରିଛନ୍ତି। ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିବା ଶିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ନୀତିଶ କୁମାର ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଗଜକେଶରୀ ଯୋଗ ପ୍ରଭାବରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଲାଗିରହିଥିବାରୁ ନୂତନ ଯୋଜନା ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଅଶାନ୍ତ ପାରିବାରିକ ସ୍ଥିତି ଥମିଯାଇପାରେ। ସାହିତ୍ୟାନୁରାଗ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ କୃତିତ୍ୱଜନିତ ଖୁସି ଅନୁଭବ କରିବେ।

**ବୃଷ** – ଭାଗ୍ୟଭାବସ୍ଥ ଗ୍ରହମାନେ ସମସ୍ତ ପ୍ରତିବନ୍ଧକକୁ ଏଡାଇବାରେ ସମର୍ଥ ହେବେ। ସ୍ଥଗିତକାର୍ଯ୍ୟ, ପାଉ ନ ଥିବା ଅର୍ଥ, ବିବାଦର ପରିସମାପ୍ତି ହେବ। ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। କାର୍ଯ୍ୟହାସଲ ପାଇଁ ଅନ୍ୟର ସାହାଯ୍ୟ ନେବେ।

**ମିଥୁନ** – ବୃହସ୍ପତିଙ୍କ ପ୍ରଭାବରୁ ଆପଣ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ ନ କରିପାରିଲେ ପରିସ୍ଥିତି ବଦଳି ଯାଇପାରେ। ଭାବପ୍ରବଣତା ପରିହାର କରି ବନ୍ଧୁଙ୍କ ମୁଡ୍ ଦେଖି ଆଗକୁ ବଢ଼ିବା ଭଲ। ପୁରାତନ ରୋଗ ପାଇଁ ଯାତ୍ରା ସ୍ଥଗିତ ରହିପାରେ।

**କର୍କଟ** – ରାଶିକୁ ଚାରୋଟି ଅନୁକୂଳ ଗ୍ରହ ଅବଲୋକ କରୁଥିବାରୁ ଆଜି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କଥାର ସଚ୍ଚୋଟତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଅର୍ଥ ସଙ୍କଟର ସମାଧାନ, ବ୍ୟବସାୟିକ ସ୍ଥିତି ଉନ୍ନତ ରହିବ।

**ସିଂହ** – ବ୍ୟୟାଧିପ ଚନ୍ଦ୍ରଙ୍କ ଯୋଗୁ ଆଜି ଖର୍ଚ୍ଚପରିମାଣ ବୃଦ୍ଧି ଯୋଗୁ ମନସ୍ତାପ କରିବେ। କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତାଜନିତ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସୁନଜରରେ ଆସିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଶୁଭ ଖବର ପାଇ ଖୁସି ହେବେ।

**କନ୍ୟା** – ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ପାଖ ମାଡିବ ନାହିଁ। ସପ୍ତମଭାବରେ ଶନିଙ୍କ ସ୍ଥିତି ହେତୁ ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡ଼ା ଲାଗିପାରେ। ହସ୍ତାନକ୍ଷତ୍ର ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ।

**ତୁଳା** – ଲାଗିରହିଥିବା ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରକୁ ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ବିଭିନ୍ନ କାମରେ ଅନୁପ୍ରବେଶ କରିପାରନ୍ତି। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି। ପୁରୁଣା ରୋଗ, ପରୋକ୍ଷ ଶତ୍ରୁତା ଏବଂ ଘର ଲୋକଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା** – ରାଶ୍ୟାଧିପଙ୍କ ଉଚ୍ଚାବସ୍ଥାନ ଯୋଗୁ ମନ ଅନୁଯାୟୀ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଅସଜଡା କାମକୁ ସଜାଡିନେବା ଯୋଗୁ ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ଭାରାକ୍ରାନ୍ତ କରିପାରେ।

**ଧନୁ** – ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟ ହେବ। ବିବାଦୀୟ ଘଟଣାରେ, ପରିବହନ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସଫଳତା ପାଇବେ। ରାଶିରେ ଅଷ୍ଟମାଧିପତି ସହ ସପ୍ତମାଧିପତିଙ୍କ ସଂଯୋଗ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ।

**ମକର** – ଶନିଙ୍କର ଚନ୍ଦ୍ରଙ୍କ ପ୍ରତି ଦୃଷ୍ଟିଜନିତ ଅତୀତକୁ ମନେ ପକାଇ ଭାବବିହ୍ୱଳ ହୋଇପାରନ୍ତି। ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ, ପରିବାର ଭିତରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କଥିବା ପ୍ରିୟବନ୍ଧୁଟି ଦୂରେଇଯିବାର ଉପକ୍ରମ କରିପାରନ୍ତି। ସରକାରୀସ୍ତରରୁ ପ୍ରତୀକ୍ଷିତ ଖବର ପାଇପାରନ୍ତି।

**କୁମ୍ଭ** – ନୀଚାରୋହୀ ରାଶ୍ୟାଧିପଙ୍କ ଯୋଗୁ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଛୋଟକଥାକୁ କେନ୍ଦ୍ରକରି କଳହ ଲାଗିପାରେ। ଯାତ୍ରା ସମୟରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥପ୍ରାପ୍ତି ଯୋଗୁ ଖୁସି ହେବେ। ବୈବାହିକ ସମ୍ବନ୍ଧକୁ ନେଇ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ।

**ମୀନ** – ଏକାଦଶରେ ଏକାଧିକ ଅବସ୍ଥାନ କରିଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ବନ୍ଧୁଟି ଦ୍ୱାରା କାମ ହାସଲରେ ସଫଳ ହେବେ। କର୍ମକ୍ଷେତ୍ରରେ ପୂର୍ବବିବାଦକୁ କେନ୍ଦ୍ରକରି ମନ ଅସ୍ଥିର ରହିବ। ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମ ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୭ ତାରିଖ, ମାଘ କୃଷ୍ଣ ଚତୁର୍ଦ୍ଦଶୀ ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରଟନ୍ତ୍ୟା ଚତୁର୍ଦ୍ଦଶୀ ସ୍ନାନ, ରଟନ୍ତୀ କାଳିକା ପୂଜା। ରାଶିନକ୍ଷତ୍ର-ଦିବା ଘ.୦୮.୧୧ ଗତେ ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୩୪ ଗତେ ଘ. ୦୧.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୯.୧୨ ଗତେ ଘ.୧୦.୩୪ ମଧ୍ୟେ ରାହୁ କାଳ।

**ସିଜିଏଲ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି**

ଭୁବନେଶ୍ୱର,୧୬।୧(ସୁଚିସ୍ମିତା ସାହୁ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ସିଜିଏଲ୍ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି କରାଯାଇଛି। ଆସନ୍ତା ୨୧ ବଦଳରେ ୩୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଏନେଇ ଓଏସ୍‌ଏସ୍‌ସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୧୫୭୬ଟି ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଡିସେମ୍ବର ୧୯ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ୱେବସାଇଟ୍ ମାତ୍ରାଧିକ ଧୀମା ହେଉଥିବାରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ଦିନ ସମୟରେ ଆଦୌ ଖୋଲୁ ନ ଥିବାରୁ ରାତି ଉଜାଗର ରହି ଆବେଦନ କରୁଥିବା ଉଲ୍ଲେଖ କରି ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଶେଷରେ ଆବେଦନ ଅବଧିକୁ ୧୦ଦିନ ବଢ଼ାଯାଇଛି।



# କଳିର ପ୍ରତିଫଳନ


ଭି.କେ. ପାଣ୍ଡିଆନ


ପ୍ରଣବ ପ୍ରକାଶ ଦାଶ

**ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)**

ବିଜେଡିର ଦୁଇଜଣ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ରାଜ୍ୟ ରାଜନୀତି ଜୋର ଧରିଛି। ମୁଖ୍ୟତଃ ଅରବିନ୍ଦ ମହାପାତ୍ରଙ୍କୁ କାହିଁକି ନିଲମ୍ବନ କରାଗଲା ତାହାର ସ୍ପଷ୍ଟ ସୂଚନା ମିଳୁ ନ ଥିବାବେଳେ ଏହାର କାରଣ ଜାଣିବା ପାଇଁ ଦଳର ବହୁ ଆଗଧାଡ଼ିର ନେତାଙ୍କ ଘରେ ଦିନତମାମ ଭିଡ଼ ଲାଗିରହିଥିଲା। ବହୁ ବିଧାୟକ ଏହି କଥାକୁ ନେଇ କେତେଜଣଙ୍କ ଘରେ ଏକାଠି ହୋଇଥିଲେ। ଅରବିନ୍ଦଙ୍କୁ ନିଲମ୍ବନ ସମ୍ପର୍କିତ ପ୍ରଶ୍ନ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖରେ କାହିଁକି ଉଠାଯିବ ନାହିଁ ବୋଲି କେତେଜଣ ବିଧାୟକ ଆଲୋଚନ କରିଥିଲେ। ଏପରି ଚର୍ଚ୍ଚା ଓ ଆଲୋଚନା ମଧ୍ୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବରିଷ୍ଠ ନେତା ତଥା ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର ଗତ ୧୨ ତାରିଖରେ ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ସ୍ଥାନୀୟ ଜଣେ ନେତ୍ରୀ ଓ ତାଙ୍କ ଭାଇଙ୍କ ସାଙ୍ଗରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ସେଠାରେ କୁଆଡ଼େ ବିଜୟ କହିଥିଲେ, ବିଜେଡିରେ ରହି ଆଉ ରାଜନୀତି ସମ୍ଭବ ନୁହେଁ। ଯଦି ରାଜନୀତି କରିବାର ଅଛି, ତେବେ ନୂଆ ଏକ ଦଳର ଆବଶ୍ୟକତା ରହିଛି। ଏଥିପାଇଁ ପାଣ୍ଠିର ଆବଶ୍ୟକତା ଅଛି, ସେହି କାର୍ଯ୍ୟରେ ଲାଗ। ଆଲୋଚନା ଶେଷରେ ବିଜୟ ଆହୁରି କହିଥିଲେ, ଏହି ନୂଆ ଦଳ ପାଇଁ ଯାଜପୁର ନେତା ତଥା ଏକଥା ବିଜେଡିର କ୍ଷମତାଶାଳୀ ବୋଲାଉଥିବା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସହଯୋଗ ରହିଛି। ପରବର୍ତ୍ତୀ ସମୟରେ ଝାରସୁଗୁଡ଼ାର ଉଭୟ ନେତ୍ରୀ ଓ ନେତା ପାଣ୍ଡିଆନ୍‌ଙ୍କ ଇଙ୍ଗିତରେ ସବୁ ଆଲୋଚନା ବିଷୟ ନବୀନଙ୍କୁ ଜଣାଇଥିଲେ। ଫଳରେ ଯାଜପୁରର ଟାଣୁଆ ନେତାଙ୍କ ଭବିଷ୍ୟତ ରଣନୀତିକୁ ମାତ୍ ଦେବାକୁ ଯାଇ ଅରବିନ୍ଦଙ୍କୁ କୁଆଡ଼େ ନିଲମ୍ବନ କରିବା ପାଇଁ ପାଣ୍ଡିଆନ୍‌ଙ୍କ ଏହି ଗୋଟିଚାଳନା ସଫଳ ହୋଇଥିବା ନବୀନ ନିବାସରେ ରହି ଦଳୀୟ କାର୍ଯ୍ୟରେ ମାତ୍ରାଧିକ ମୁଣ୍ଡ ପୂରାଉଥିବା ଅଫିସର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଯେଉଁ ଘଟଣାବଳୀ ସମ୍ପର୍କରେ ବର୍ଣ୍ଣନା କରାଗଲା, ତାହାର ପ୍ରତିଫଳନ ଶୁକ୍ରବାର ଯାଜପୁର ବିଜେଡି ରାଜନୀତିରେ ସୃଷ୍ଟି ହୋଇଥିବା ଦଳ ବଦଳ ଘଟଣାରୁ ସ୍ପଷ୍ଟ ହୋଇଛି। ବିଗତ ଦିନରେ ଯାଜପୁରକୁ ବିଜେଡିର ଗଡ଼ କୁହାଯାଉଥିଲା। ସେଠାରେ ଜିଲା ପରିଷଦ ସଭାପତି ହୋଇଥିବା ନଳିନିପ୍ରଭା ଜେନା ଏବଂ ଉପସଭାପତି ଗଣେଶ୍ୱର ବରାଳ ବବିଙ୍କ ବେଶ୍ ଅନୁଗତ ଥିବା ସମସ୍ତେ ଜାଣନ୍ତି। ଏହି ଦୁଇ ନେତା ହଠାତ୍ ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେବା ଏବଂ ତାଙ୍କ ସହ ଆହୁରି ୧୬ଜଣ ଜିଲା ପରିଷଦ ସଦସ୍ୟ ବିଜେଡି ଛାଡ଼ିବା ବିଷୟ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି କରିଛି। ଯୋଜନାବଦ୍ଧ ଭାବେ ଏହି ଜିଲା ପରିଷଦ ସଭାପତି, ଉପସଭାପତିଙ୍କୁ ବିଜେଡି ଛାଡ଼ି ଭାଜପାରେ ସାମିଲ କରାଇବାର ପ୍ରକ୍ରିୟା ବିଜୁ ଜନତା ଦଳ ଭିତରୁ ଯେ ଆରମ୍ଭ ହୋଇ ନ ଥିବ ସେକଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଯାହା ଶୁଣିବା କଥା, ଦଳୀୟ ବ୍ୟାପାରକୁ ନେଇ ବିଗତ ଦିନରେ ବିଜେଡିର ଦୁଇ କ୍ଷମତା କେନ୍ଦ୍ର ବବି ଓ ପାଣ୍ଡିଆନ୍‌ଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପତିଆରା ଲଢ଼େଇ ଏହି ସ୍ଥିତି ସୃଷ୍ଟି କରିଥିବା ଆଲୋଚନା ହୋଇଛି।

ଅନ୍ୟପଟେ ଦଳରୁ ନିଲମ୍ବିତ ହୋଇଥିବା ଅରବିନ୍ଦ କହିଛନ୍ତି, ଯାହା ବି ଅଭିଯୋଗ ଲଗାଯାଇଛି ତା'ର ପ୍ରମାଣ ଦିଅନ୍ତୁ। ଦେଢ଼ବର୍ଷ ବିଧାୟକ ରହିବା ଭିତରେ ୩ଟି ବ୍ଲକରେ ଦୁର୍ନୀତି ହୋଇନି। ଅଖଣ୍ଡ ପାଇନି ଯେ ଦୁର୍ନୀତି କରିବି। ସେ କ'ଣ ବିଶ୍ୱାସ ଘାତକତା କରିଛନ୍ତି ତାହା ପ୍ରମାଣ କରାଯିବା ଦରକାର ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ନବୀନ ଗୁରୁବାର ନେଇଥିବା ନିଷ୍ପତ୍ତି ନିଜର ନୁହେଁ, ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନବୀନଙ୍କ ପ୍ରତି ଭୟ ସୃଷ୍ଟି କରାଇବା ବାହାନାରେ ତାଙ୍କ ଘନିଷ୍ଠ ସହଯୋଗୀ ଏଭଳି କରାଇଥିବା ଚର୍ଚ୍ଚା ହେଉଛି। ବିଗତ ଦିନ ଭଳି ରାଜ୍ୟରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନ ଯେନତେନ ଭାଜପା ହାତକୁ ଟେକିଦେବାକୁ ଏହି ଉଦ୍ୟମ ଆରମ୍ଭ ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ସ୍କୁଲ ଭିତରେ ଶିକ୍ଷକଙ୍କୁ ପାଚିକା ସ୍ୱାମୀଙ୍କ ମରଣାନ୍ତକ ଆକ୍ରମଣ


ଆହତ ଶିକ୍ଷକ

**କୋକସରା,୧୬।୧ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ସ୍କୁଲ ଭିତରେ ପଶି ପାଚିକାଙ୍କ ସ୍ୱାମୀ କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। କଳାହାଣ୍ଡି ଜିଲା କୋକସରା ଥାନାର ଏକ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ଅଭିଯୋଗ ଅନୁସାରେ, କୋକସରା ଥାନା ବେହେରା ପଞ୍ଚାୟତ ପିପଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିଲା। ଏହି ସମୟରେ ପାଚିକା ମାଧୁରୀ ବାଗଙ୍କ ସ୍ୱାମୀ ଭାସ୍କର ବାଗ(୩୨) କୌଣସି କାରଣରୁ ସ୍କୁଲ ଭିତରକୁ ପଶିଆସି ଶିକ୍ଷକ ଗିରିରାଜ ମେହେରଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଶିକ୍ଷକ ଜଣକ କୌଣସିମତେ ଜୀବନ ବଞ୍ଚାଇ ଶ୍ରେଣୀ କୋଠରି ଭିତରକୁ ଦୌଡ଼ି ପଳାଇଥିଲେ। ଏହି ଆକ୍ରମଣରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଖବର ପାଇ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନୀଳାମ୍ବର ନିଆଲ ଓ ହୃଷୀକେଶ ନିଆଲ ସ୍କୁଲରେ ପହଞ୍ଚି କୋକସରା ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଶିକ୍ଷକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଏହାସହ ଆକ୍ରମଣକାରୀ ଯୁବକ ଭାସ୍କର ବାଗଙ୍କୁ କାବୁ କରିବା ସହ କୋକସରା ଥାନାକୁ ଆଣି ପଚରାଉଚୁରା କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୯/୨୬) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଭିଡ଼ ହିଂସାରୁ ଭ୍ୟାନ୍ ହେଲ୍‌ପରଙ୍କ ମୃତ୍ୟୁ: ୩ ଅଭିଯୁକ୍ତ ଗିରଫ

**ବାଲେଶ୍ୱର,୧୬।୧(ବାଞ୍ଛାନିଧି ଦେ)**

### ଆକ୍ରମଣ ସମୟର ଭିଡିଓ ଭାଇରାଲ

ବାଲେଶ୍ୱର ସହରରେ ବୁଧବାର ଘଟିଛି ଭିଡ଼ ହିଂସା। ଏଥିରେ ଏକ ପିକ୍‌ଅପ୍ ଭ୍ୟାନ୍‌ର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସଦର ଥାନା ଅନ୍ତର୍ଗତ ସାହାଦା ଜିମ୍ ସେଣ୍ଟର ନିକଟରେ ଘଟିଥିବା ଏହି ହିଂସାବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏସ୍‌ପି ପ୍ରତ୍ୟୁଷ ଦିବାକର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ହତ୍ୟା ଘଟଣାରେ ପୋଲିସ ଗୁରୁବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୭/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସଦର ଥାନା ଅସ୍ତିଆ ଗ୍ରାମର ସେକ୍ ମକାନ୍ଦର ମହମ୍ମଦ(୩୬) ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଆର୍୦୧ଏମ୍-୯୦୫୦)ରେ ହେଲ୍‌ପର ଭାବେ କାମ କରନ୍ତି। ଗତ ବୁଧବାର ଭୋର୍ ସମୟରେ ତାଙ୍କ ଡ୍ରାଇଭରଙ୍କ ସହ ଭ୍ୟାନ୍‌ରେ ସେ ବାଲେଶ୍ୱର ଆସୁଥିଲେ। ଉକ୍ତ ଭ୍ୟାନ୍‌ରେ ଗୋଚାଲାଣ ସନ୍ଦେହରେ ସାହାଦା ଜିମ୍ ସେଣ୍ଟର ନିକଟରେ କେତେକ ଯୁବକ ଭ୍ୟାନ୍ ଆଗରେ ଲୁହାକଣ୍ଟାଲଗା କାଠପଟା ବିଛାଇ ଦେଇଥିଲେ। ଲୁହାକଣ୍ଟାରେ ଭ୍ୟାନ୍ ଚକ ପଙ୍କଚର ହୋଇ ଭାରସାମ୍ୟ ହରାଇ ଗାଡ଼ି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। କୌଶଳକ୍ରମେ ଡ୍ରାଇଭର ସେଠାରୁ ଖସି ପଳାଇଥିଲେ। ଅଭିଯୁକ୍ତମାନେ ମକାନ୍ଦରଙ୍କୁ ଧରି ପ୍ଲାଷ୍ଟିକ୍ ପାଇପ୍ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ୍ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ମକାନ୍ଦରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ଭାଇ ସେକ୍ ଜିତେନ୍ଦର ମହମ୍ମଦ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ଆକ୍ରମଣ ବେଳର ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମକାନ୍ଦରଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମରାଯାଉଥିବା ଭିଡିଓରୁ ଜଣାପଡୁଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଅଜୟ କୁମାର ମୁର୍ମୁଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।




# ୨୪ଘଣ୍ଟା ପରେ ଜିଲାକୁ ଫେରିଲା ଇଣ୍ଟରନେଟ ସେବା

**ସୁନ୍ଦରଗଡ଼,୧୬।୧(ଜୟ ନାରାୟଣ ମେଣ୍ଡୁଲି)**

**ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ ଘଟଣା**

■ **୧୬୩ ଧାରା ପ୍ରତ୍ୟାହୃତ, ୪ ଅଟକ**

ସୁନ୍ଦରଗଡ଼ ସହରରେ ଗୋ-ମାଂସ ବିକ୍ରିକୁ କେନ୍ଦ୍ର କରି ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ନାଗରିକ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଲାଗୁ ହୋଇଥିବା ୧୬୩ଧାରା ପ୍ରତ୍ୟାହୃତ ହେବା ସହ ଜିଲାରେ ୨୪ଘଣ୍ଟା ଧରି ବନ୍ଦ ଥିବା ଇଣ୍ଟରନେଟ ସେବା ସନ୍ଧ୍ୟାରୁ କାର୍ଯ୍ୟକ୍ଷମ ହୋଇଛି। ସହରରେ ଶାନ୍ତି, ଭାଇଚାରା ଓ ପୂର୍ବ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବୈଠକରେ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ,ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସପି ଅମ୍ରିତ ପାଲ କୌର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ, ଜଳାପୋଡା ଓ ଦୋକାନ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶାନ୍ତି କମିଟି ବୈଠକରେ ଦଳମତ ନିର୍ବିଶେଷରେ ଦାବି କରାଯାଇଛି। ଏହି ଘଟଣାରେ ୪ଜଣ ପୋଲିସ କର୍ମୀଙ୍କ ସମେତ ୧୨ଜଣ ବ୍ୟକ୍ତି ଆହତ ହୋଇଥିଲେ। ଆହତ ପୋଲିସ କର୍ମଚାରୀ ପ୍ରତାପ କାଲୋଙ୍କ ରିପୋର୍ଟ କ୍ରମେ ପୋଲିସ ସୁନ୍ଦରଗଡ ଟାଉନ ଥାନାରେ ଏକ ମାମଲା ରୁଜୁ କରି ୧୩ରୁ ୧୦୦ଜଣଙ୍କ ନାମରେ ମାମଲା ରୁଜୁ କରିଛି। ରିଜେଣ୍ଟ ମାର୍କେଟ ଅଞ୍ଚଳରେ ପୋଲିସ ସ୍ୱତନ୍ତ୍ର କ୍ୟାମ୍ପ କରି ମୁତୟନ ଅଛନ୍ତି। ସୁନ୍ଦରଗଡ, ରାଉରକେଲା, କେନ୍ଦୁଝର ପୋଲିସ ଜିଲାରୁ ୧୬ପ୍ଲାଟୁନ ପୋଲିସ ସୁନ୍ଦରଗଡ ସହରରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ଅଛନ୍ତି। ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି।

**ମାରିଆଙ୍କ ନୋବେଲ ପୁରସ୍କାର ଧରି ଖୁସିହେଲେ ଟ୍ରମ୍ପ**




# ଏଥର ୨୪ ମାସର ପ୍ରସ୍ତୁତି

## ଆଜି ପ୍ରାକ୍ ବଜେଟ ଆଲୋଚନା

**ଭୁବନେଶ୍ୱର,୧୬।୧(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଶନିବାରଠାରୁ ପ୍ରାକ୍ ବଜେଟ ଆଲୋଚନା ଆରମ୍ଭ ହେବ। ଦୁଇଦିନ ଧରି ହେବାକୁଥିବା ଏହି ଆଲୋଚନା ସମୟରେ ବିଭାଗଗୁଡ଼ିକ ପକ୍ଷରୁ କିପରି ବଜେଟ ପ୍ରସ୍ତୁତ କରାଯାଇଛି ଏବଂ କେଉଁସବୁ ନୂତନ ଯୋଜନା ସ୍ଥାନ ପାଇଛି ଓ ଅଦରକାରୀ ଯୋଜନା ବାଦ୍ ପଡ଼ିଛି, ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ପାଇଁ ବିଭାଗ ପକ୍ଷରୁ ଦୂରଦୃଷ୍ଟି ରଖାଯାଇ ଆସନ୍ତା ୨୪ ମାସ ଲାଗି ବଜେଟ ଅଟକଳ ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାସହିତ ବିଭାଗୀୟ ସଚିବମାନେ ୫ଟି ଅତି ଉତ୍ତମ ପ୍ରସ୍ତାବ ଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଡି.କେ. ଜେନା ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଜେନା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂହ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ପ୍ରାକ୍ ବଜେଟ ଆଲୋଚନା କରାଯିବ। ଏହି ସମୟରେ ଆସନ୍ତା ୨୪ ମାସ ଲାଗି ବିଭାଗ ପକ୍ଷରୁ ବଜେଟ ପ୍ରସ୍ତୁତ କରିବାକୁ ହେବ, ଯାହାଫଳରେ କି ସରକାରଙ୍କ ସଫଳତା ଲୋକଙ୍କ ନିକଟରେ ପହଞ୍ଚିପାରିବ। ଜେନା ଦେଇଥିବା ପତ୍ର ଅନୁଯାୟୀ, ଶନିବାର ଅପରାହ୍ନ ସାଢ଼େ ୩ଟାରେ ପୂର୍ତ୍ତ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରାକ୍ ବଜେଟ ଆଲୋଚନା ପ୍ରଥମେ ରହିଥିବାବେଳେ ଏହାପରେ ଇ ଆଣ୍ଡ ଆଇଟି, ଶକ୍ତି ଓ ସମବାୟ ବିଭାଗର ଆଲୋଚନା ହେବ। ସୋମବାର ପୂର୍ବାହ୍ନ ୧୧ଟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପରେ ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ, ଜଳସମ୍ପଦ, ଶିଳ୍ପ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ପର୍ଯ୍ୟଟନ, ଜଙ୍ଗଲ ଓ ପରିବେଶ, ମତ୍ସ୍ୟ ଓ ପଶୁସମ୍ପଦ, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆଲୋଚନା ପର୍ଯ୍ୟାୟକ୍ରମେ ପ୍ରତି ୧୫ ମିନିଟ୍ ଅନ୍ତରରେ ହେବ। ଏହି ଆଲୋଚନା ପ୍ରକ୍ରିୟାରେ ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ଅନୁସୂଚିତ ଜାତି ଓ ଜନଜାତି, ଗୃହ, ଅର୍ଥ, ପଞ୍ଚାୟତିରାଜ, ସାଧାରଣ ଉଦ୍ୟୋଗ, ଶ୍ରମ, କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସାମିଲ କରାଯାଇ ନ ଥିବା ଜଣାପଡ଼ୁଛି। ସୂଚନାଯୋଗ୍ୟ, ପ୍ରାକ୍ ବଜେଟ ଆଲୋଚନା ଚଳିତମାସ ୧୨ରୁ ଦୁଇଦିନ ଲାଗି ହେବାକୁ ରହିଥିଲା। ମାତ୍ର ସରକାରଙ୍କ ପକ୍ଷରୁ ସମୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ଶନିବାରକୁ ଘୁଞ୍ଚାଯାଇଛି। ଏହାପରେ ଅବଶିଷ୍ଟ ବିଭାଗର ଆଲୋଚନା କରାଯିବାକୁ ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

FAKIR MOHAN UNIVERSITY
NAAC 'A'
nirf NATIONAL INSTITUTIONAL RANKING FRAMEWORK
Ranked 51-100 University Category



NAAC 'A' 25 YEARS OF EXCELLENCE

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ମୁକ୍ତ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~
*EAST ZONE YOUTH FESTIVAL(UTSAH-2026)
*CONVOCATION-2026
*STATE INTER UNIVERSITY SPORTS & GAMES-2025-26
*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା – ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ । ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ । –ଶ୍ରୀଅରବିନ୍ଦ

-ରଟନ୍ତୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ ସବେ-ମେରାଜ (ପୂର୍ବରାତ୍ରି)



# ମନ୍ତ୍ରଣାଳୟ ସ୍ଥାନାନ୍ତର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅନେକ ଦଶନ୍ଧି ଧରି ରାଇସିନା ହିଲ୍ ଶାସନର ଏକ ପ୍ରତୀକ ଥିଲା । ଉତ୍ତର ଏବଂ ଦକ୍ଷିଣ ବ୍ଲକ୍ କ୍ଷମତାର କେନ୍ଦ୍ର ଥିଲା, ଯେଉଁଠାରେ ଫାଇଲଗୁଡ଼ିକର କାମ ଶୀଘ୍ର ହୋଇ ଶାସନ ପ୍ରକ୍ରିୟା ବିସ୍ତାରିତ କରୁଥିଲା । ମୁଖ୍ୟ ମନ୍ତ୍ରଣାଳୟଗୁଡ଼ିକ ନବନିର୍ମିତ କର୍ତ୍ତବ୍ୟ ଭବନ କମ୍ପ୍ଲେକ୍ସକୁ ସ୍ଥାନାନ୍ତରିତ ହେବାରୁ ସେହି ପୁରୁଣା ଭୌଗୋଳିକ ସ୍ଥିତିକୁ ଜାଣିଶୁଣି ଭାଙ୍ଗି ଦିଆଯାଉଛି । ପ୍ରତିରକ୍ଷା, ଆଇନ ଏବଂ ନ୍ୟାୟ, କୃଷି, ଶିକ୍ଷା, ସୂଚନା ଓ ପ୍ରସାରଣ, ରସାୟନ ଓ ସାର ଏବଂ ସିବିଆଇ ସମେତ ୯ ମନ୍ତ୍ରଣାଳୟ ଏବଂ ବିଭାଗର ସ୍ଥାନାନ୍ତର ଶାସନର ଏକ ଉଦ୍ଦେଶ୍ୟମୂଳକ ପୁନଃ କ୍ରମକୁ ପ୍ରତିଫଳିତକରେ । ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଥିବାରୁ ଦେଶର ଦୈନନ୍ଦିନ କାର୍ଯ୍ୟକୁ ନବନିର୍ମିତ ଏକ ସଚିବାଳୟକୁ ନିଆଯାଇଥିବାବେଳେ ଉତ୍ତର ଏବଂ ଦକ୍ଷିଣ ବ୍ଲକ୍‌ଗୁଡ଼ିକୁ ଐତିହ୍ୟ କେନ୍ଦ୍ର ଏବଂ ସଂଗ୍ରହାଳୟ ଭାବରେ ପୁନଃ ସ୍ଥାପନ କରାଯାଉଛି । ଆଧୁନିକ ଭିତ୍ତିଭୂମି, ସହଭାଗୀ ସୁବିଧା, ଶକ୍ତି ସଞ୍ଚୟ ଏବଂ ସମନ୍ୱୟକୁ ଉନ୍ନତକରି ଏହା ଦିଲ୍ଲୀରେ ଦଶନ୍ଧି ଧରି ବିକ୍ଷିପ୍ତ ଭାବେ ରହିଥିବା କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟର ଅବ୍ୟବସ୍ଥାକୁ ହ୍ରାସକରିବ ବୋଲି ଆଶା କରାଯାଉଛି । ଏହା ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ଦୀର୍ଘଦିନ ହେଲା ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥିତ କରାଯାଇପାରିନାହିଁ । ମନ୍ତ୍ରଣାଳୟଗୁଡ଼ିକର ସ୍ଥାନାନ୍ତର ଉପଲବ୍ଧତା ଓ ପ୍ରଭାବର ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିଛି, ଯାହା ନୂତନ ସ୍ଥିତି ସହ ଶୀଘ୍ର ଖାପ ଖୁଆଇବାକୁ ଚାହୁଁଥିବା ଲୋକଙ୍କୁ ସମର୍ଥନ କରିବ । ତେବେ ଏହି ପଦକ୍ଷେପ କାର୍ଯ୍ୟକ୍ଷମତାର ଯଥାସମ୍ଭବ ସଙ୍କେତ ଦେଉଛି । ଏହା ପ୍ରଶାସନକୁ ପୁନଃ ପରିଭାଷିତ କରିବାର ଏକ ବ୍ୟାପକ ପ୍ରୟାସକୁ ପ୍ରତିଫଳିତ କରେ । ଏହା କୌଣସି ସୌନ୍ଦର୍ଯ୍ୟର ବିଷୟ ନୁହେଁ ବରଂ ଭାରତ କିପରି ନିଜକୁ ସଙ୍ଗଠିତ କରେ, ଶକ୍ତିର ସଙ୍କେତ ଦିଏ ଏବଂ ଶାସନ ପରିଚାଳନାକରେ ତାହାର ଏକ ପୁନଃ ବ୍ୟବସ୍ଥୀକରଣ ।

### ଦିଲ୍ଲୀରେ ଟ୍ରମ୍ପଙ୍କ ଲୋକ

ଭାରତ–ଆମେରିକା ସମ୍ପର୍କରେ ସୃଷ୍ଟି ହୋଇଥିବା ଏକ ଅପ୍ରୀତିକର ତଥା ବିବାଦୀୟ ସ୍ଥିତିରେ ସେର୍ଗିଓ ଗୋର୍ ନୂଆଦିଲ୍ଲୀକୁ ଆସିଛନ୍ତି ।ଏଭଳି ସ୍ଥିତି ନିଶ୍ଚିତ ଭାବରେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ କୂଟନୈତିକ ସୁରକ୍ଷାର ସମ୍ପର୍କକୁ ହଟାଇ ଦେଇଛି । କଠୋର ଶୁଳ୍କ ଲାଗୁ କରାଯିବା ଯୋଗୁ ସମ୍ପର୍କ କ୍ଷୁଣ୍ଣ ହେବା ସହ ବାଣିଜ୍ୟିକ ବିବାଦ ତୀବ୍ର ହୋଇଛି । ଏହାସହ ପୁରୁଣା ରଣନୈତିକ ସହଭାଗିତା ଆହ୍ୱାନପୂର୍ଣ୍ଣ ସ୍ଥିତି ଦେଇ ଗତିକରୁଛି । ଗୋର୍ କୌଣସି ପାରମ୍ପରିକ ଦୂତ ନୁହନ୍ତି ଯାହାଙ୍କୁ କେବଳ ଏବକାର ସ୍ଥିତିକୁ ସହଜ କରିବାକୁ ପଠାଯାଇଛି । ସେ ହେଉଛନ୍ତି ରାଜନୈତିକ, ବାଣିଜ୍ୟିକ ସ୍ତରରେ ଟ୍ରମ୍ପଙ୍କ ନିକଟତର ବ୍ୟକ୍ତି ଏବଂ ଏକ ହ୍ୱାଇଟ୍ ହାଉସ ସହ୍ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ । ସେ କୂଟନୀତି ଉପରେ ଜୋର୍ ଦିଅନ୍ତି । ଏହା ଗୁରୁତ୍ୱପୂର୍ଣ୍ଣ କାରଣ ଭାରତ ଏବେ ବନ୍ଧୁତ୍ୱପୂର୍ଣ୍ଣ ତଥା ସହଯୋଗୀ ଭାବେ ନୁହେଁ ସନ୍ଦେହାତ୍ମକ ଭାବେ କାର୍ଯ୍ୟ କରୁଛି ଏବଂ ବିଶ୍ୱାସ କରୁଛି ଯେ ଚାପରେ କାମ କରୁଛି । ଫଳରେ ଭାରତର କାର୍ଯ୍ୟକଳାପରେ ପରିବର୍ତ୍ତନ ଘଟିଛି । ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍ଇଏ)ର କର୍ମଚାରୀ ଏବଂ ବାଣିଜ୍ୟ, ଅର୍ଥ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ବାବୁମାନେ ଆଉ ନୀତି ନିରନ୍ତରତା କିମ୍ବା ସଭାବନାକୁ ଡିଫଲ୍ଟ ସେଟିଂ ଭାବରେ ଗ୍ରହଣ କରିପାରିବେ ନାହିଁ । ୱାଶିଂଟନର ପଦକ୍ଷେପଗୁଡ଼ିକ ବର୍ତ୍ତମାନ ଦୀର୍ଘକାଳୀନ ରଣନୀତି ଦ୍ୱାରା କମ୍ ଏବଂ ଘରୋଇ ରାଜନୀତି ଏବଂ ବୁଝାମଣା ଦୃଷ୍ଟିକୋଣ ଦ୍ୱାରା ଅଧିକ ପରିଚାଳିତ ହେଉଛି । ବାଣିଜ୍ୟରେ ଜଟିଳତା ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ଆଲୋଚକମାନେ ଏବେ ଅଧିକ ତୀକ୍ଷ୍ଣ ପରିସ୍ଥିତି, ଦ୍ରୁତ ସମନ୍ୱୟ ଏବଂ ଆମେରିକା ବଜାର ବାହାରେ ବିଶ୍ୱସନୀୟ ବିକଳ୍ପ ପାଇଁ ଯୋଜନା କରିବାକୁ ପଡ଼ିବ । ଯଦି ଭାରତ ଶୀଘ୍ର ଏବଂ ରଣନୈତିକ ଭାବରେ ଅନୁକୂଳ ହୁଏ, ତେବେ ଅସ୍ଥିରତାକୁ ନିୟନ୍ତ୍ରଣ କରାଯାଇପାରିବ ।

### ସେଲ୍ ମୁଖ୍ୟଙ୍କୁ ନେଇ ଚର୍ଚ୍ଚା

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍ୟୁ)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ତାଙ୍କ ଇସ୍ତଫାପତ୍ର ଦାଖଲକରି ବିଶ୍ୱସ୍ତରୀୟ ଇସ୍ପାତ ମହାକୁମ୍ଭରେ ଏକ ବରିଷ୍ଠ ପଦବୀ ପାଇଁ ନଜର ରଖିପାରନ୍ତି ବୋଲି ଏବେ ଆଲୋଚନା ହେଉଛି । ତଥାପି, ମନ୍ତ୍ରଣାଳୟର କେହି ଏହାକୁ ସାର୍ବଜନୀନ ଭାବରେ ସ୍ୱୀକାର କରିବେ ନାହିଁ ଏବଂ ଏହା ହିଁ ସମସ୍ୟା । ପ୍ରକାଶ କୌଣସି ବିତ୍ତୀୟ ଅଧିକାରୀ ନୁହନ୍ତି । ସେ ଜଣେ ଅଭିଜ୍ଞ ଟେକ୍ନୋକ୍ରାଟ୍ ଯାହାଙ୍କର ଇସ୍ପାତ ଉତ୍ପାଦନରେ ଗଭୀର ଜ୍ଞାନ ଏବଂ ଏହି କ୍ଷେତ୍ରରେ ଦଶନ୍ଧିର ଅଭିଜ୍ଞତା ଅଛି । ତାଙ୍କ ନେତୃତ୍ୱ ଓ ନୀତିଗତ ଗତିଶୀଳତା ସେଲ୍‌କୁ ବିସ୍ତାରିତ କରିଥଲା ବୋଲି କୁହାଯାଏ । ତେବେ ତାଙ୍କୁ ନେଇ ହେଉଥିବା ଗୁଜବଗୁଡ଼ିକ ଯଦି ସତ୍ୟ ହୁଏ, ତେବେ ଏହା କିଛି ବଡ଼ ସଙ୍କେତ ଦେଇପାରେ ଯେ, ସରକାରୀ କ୍ଷେତ୍ରରୁ ବେସରକାରୀ କମ୍ପାନୀକୁ ପ୍ରତିଭାର ପଳାୟନ ଏକ ଧାରା ହୋଇଯାଉଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଯେତେବେଳେ ଶୀର୍ଷ ଅଧିକାରୀମାନେ ଅନ୍ୟତ୍ର ଭଲ ସୁଯୋଗ ପାଆନ୍ତି, ଯେତେବେଳେ ମନ୍ତ୍ରଣାଳୟଗୁଡ଼ିକ ସ୍ୱଚ୍ଛତା ବଦଳରେ କଠୋର ଅମଲାତନ୍ତ୍ରି ପ୍ରତିକ୍ରିୟା ପ୍ରକାଶ କରନ୍ତି, ସେତେବେଳେ ଏହା ବଜାର, ପିଏସ୍ୟୁ ଏବଂ ଏପରିକି ବିଦେଶୀ ନିବେଶକମାନଙ୍କୁ ସୂଚିତ କରିଥାଏ ଯେ ଭାରତର ନେତୃତ୍ୱ ଧାରା ଅସ୍ଥିର । ତେବେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଏବଂ ତଦାରଖ ସମ୍ପର୍କରେ ନିଷ୍ପତ୍ତି ନେବାକୁ ପଡ଼ିବ, କିନ୍ତୁ ଦେଖାଯାଉଛି ମନ୍ତ୍ରଣାଳୟ ଯେପରି ଅସ୍ୱୀକାର ଏବଂ ଗୁଜବ ନିୟନ୍ତ୍ରଣ ମଧ୍ୟରେ ଫସିରହିଛି ।

Email: dilipcherian@gmail.com

# ପିଏଚ୍.ଡି.ର ଆତ୍ମକଥା



ଡ. ସମୀର କୁମାର ନନ୍ଦ

ସାମ୍ପ୍ରତିକ ସମୟରେ, ଖବରକାଗଜ ଏବଂ ସୋସିଆଲ ମିଡିଆ 'ପିଏଚ.ଡି. ଡିଗ୍ରୀ' ପାଇଥିବା ବ୍ୟକ୍ତିବିଶେଷଙ୍କ ବିଷୟରେ ଘୋଷଣାରେ ପରିପୂର୍ଣ୍ଣ । ପ୍ରାୟତଃ, ଏହି ରିପୋର୍ଟ ଗୁଡ଼ିକ ଦର୍ଶାଏ ଯେ କାହାକୁ ସମ୍ମାନସୂଚକ ପିଏଚ.ଡି. ପ୍ରଦାନ କରାଯାଇଛି । ତଥାପି, ଅନେକ ପାଠକ ସମ୍ପୂର୍ଣ୍ଣ ଭାବରେ ବୁଝିପାରନ୍ତି ନାହିଁ ଯେ ଏକ ସମ୍ମାନସୂଚକ ପିଏଚ.ଡି ପ୍ରକୃତରେ କ'ଣ ପ୍ରତିନିଧିତ୍ୱ କରେ କିମ୍ବା ଏହା ଏକ ନିୟମିତ ଅର୍ଜିତ ଡକ୍ଟରେଟ ଡିଗ୍ରୀଠାରୁ କିପରି ଭିନ୍ନ । ବି.ଏ. କିମ୍ବା ଏମ.ଏ. ପରି, ପିଏଚ.ଡି. ଏକ ଶୈକ୍ଷିକ ଡିଗ୍ରୀ । ତଥାପି ଏହା ଏପରି ଏକ ଯାହା ପାଇଁ ଉଚ୍ଚତମ ସ୍ତରର ବିଦ୍ୱାନ ପ୍ରତିବଦ୍ଧତା, କଠୋର ପରୀକ୍ଷା ଏବଂ ବର୍ଷ ବର୍ଷର ଗବେଷଣା ଆବଶ୍ୟକ କରେ ।

ପିଏଚ.ଡି. ପ୍ରୋଗ୍ରାମରେ ପ୍ରବେଶ ପାଇଁ, ଜଣେ ଛାତ୍ରଙ୍କୁ ପ୍ରଥମେ ଆବଶ୍ୟକୀୟ ମାର୍କ ସହିତ ମାଷ୍ଟର ଡିଗ୍ରୀ (ଏମ.ଏ. କିମ୍ବା ସମକକ୍ଷ) ହାସଲ କରିବାକୁ ପଡ଼ିବ । ପ୍ରବେଶ ପାଇଁ ସାଧାରଣତଃ ବିଶ୍ୱବିଦ୍ୟାଳୟ କିମ୍ବା GATE, UGC-NET, କିମ୍ବା CSIR-NET ପରି ଜାତୀୟ ସଂସ୍ଥା ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ । ଏହି ପର୍ଯ୍ୟାୟଗୁଡ଼ିକ ଯୋଗ୍ୟତା ହାସଲ କରିବା ପରେ ହିଁ ପ୍ରକୃତ ଯାତ୍ରା ଆରମ୍ଭ ହୁଏ । ଜଣେ ଗବେଷଣା ବିଦ୍ୱାନଙ୍କୁ ଅନେକ ବର୍ଷ ଅଧ୍ୟୟନ, ତଥ୍ୟ ସଂଗ୍ରହ, ମୌଳିକ ଗବେଷଣା ଏବଂ ଏକ ଥେସିସ୍ ଲେଖିବାରେ ବିତାଇବାକୁ ପଡ଼ିବ । ଏହି ଥେସିସ୍ ବାହ୍ୟ ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଏ ପ୍ରାୟତଃ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଏବଂ ମୌଖିକ ପରୀକ୍ଷାରେ ସଫଳତାର ସହ କାର୍ଯ୍ୟକୁ ରକ୍ଷା କରିବା ପରେ ହିଁ ଚୂଡ଼ାନ୍ତ ଡିଗ୍ରୀ ପ୍ରଦାନ କରାଯାଏ । ସଂକ୍ଷେପରେ, ପିଏଚ.ଡି ହାସଲ କରିବା ପାଇଁ ବର୍ଷ ବର୍ଷ ଧରି ସମର୍ପଣ, ଶୃଙ୍ଖଳା ଏବଂ ବୌଦ୍ଧିକ ଶ୍ରମ ଆବଶ୍ୟକ ।

ସେହିପରି ଡି .ଲିଟ ଓ ଡି ଏସସି ଡିଗ୍ରୀ ମଧ୍ୟ ସେମିତି ପରୀକ୍ଷା ଦେଇ ହାସଲ କରାଯାଏ । ତେଣୁ ଯଦି ଜଣେ ଏମିତି ପରୀକ୍ଷା ଦେଇ ପିଏଚ. ଡିଗ୍ରୀ ପାଇଥିବେ, ସେ କେବଳ ନିଜ ନାମ ଆଗରେ ଡକ୍ଟର ବୋଲି ଲେଖିପାରିବେ । ଯେହେତୁ ଏସବୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ତେଣୁ କୌଣସି ବ୍ୟକ୍ତି ବିଶେଷଙ୍କୁ କୌଣସି କ୍ଷେତ୍ରରେ ଜୀବନବ୍ୟାପି ସାଧନା ଲାଗି ସମ୍ମାନିତ କରିବା ପାଇଁ ସମ୍ମାନସୂଚକ



ପିଏଚ. , ଡିଲିଟ କିମ୍ବା ଡିଏସ୍‌ସି ଡିଗ୍ରୀ ପ୍ରଦାନ କରାଯାଏ । ଯେହେତୁ ଏଇଟା କେବଳ ସମ୍ମାନସୂଚକ ପ୍ରଦାନ ତେଣୁ ସେମାନେ ନିୟମ ଅନୁସାରେ ତାଙ୍କ ନାମ ଆଗରେ ଡକ୍ଟର ଲେଖିବା କଥା ନୁହେଁ । ଏବେ ତ ଭାରତ ସରକାର ପଦ୍ମଶ୍ରୀ, ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ ମଧ୍ୟ ତାଙ୍କ ନାମ ଆଗରେ ଏଇଟା ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଡି.ଲିଟ (ସାହିତ୍ୟର ଡକ୍ଟର) ଏବଂ ଡି.ଏସ୍‌ସି (ବିଜ୍ଞାନର ଡକ୍ଟର) ଭଳି ଡିଗ୍ରୀଗୁଡ଼ିକ ଗବେଷଣା ଏବଂ ମୂଲ୍ୟାଙ୍କନର ଆହୁରି ଉନ୍ନତ ସ୍ତର ଅନୁସରଣ କରନ୍ତି । ତେଣୁ, ପରୀକ୍ଷା ଏବଂ ଗବେଷଣା ମାଧ୍ୟମରେ ଏହି ଡିଗ୍ରୀ ଅର୍ଜନ କରୁଥିବା ବ୍ୟକ୍ତିମାନେ ସେମାନଙ୍କ ନାମ ପୂର୍ବରୁ 'ଡକ୍ଟର' ନାମ ଲେଖିବାର ଅଧିକାର ପାଇପାରିବେ ।

ତଥାପି, ସମ୍ମାନଜନକ ଡକ୍ଟରେଟ ମୌଳିକ ଭାବରେ ଭିନ୍ନ । ସମାଜ, ଛାତ୍ରବୃତ୍ତି, କଳା, ଜନସେବା କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚଡି, ଡି.ଲିଟ୍ କିମ୍ବା ଡି.ଏସସି ଡିଗ୍ରୀ ପ୍ରଦାନ କରନ୍ତି । ଏହି ଡିଗ୍ରୀଗୁଡ଼ିକ ପୁରସ୍କାର, ଶିକ୍ଷାଗତ ଯୋଗ୍ୟତା ନୁହେଁ ଏବଂ ଏଥିପାଇଁ କୌଣସି ପାଠ୍ୟକ୍ରମ, ଗବେଷଣା କିମ୍ବା ପରୀକ୍ଷା ଆବଶ୍ୟକ ନାହିଁ । ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଶିକ୍ଷାଗତ ନିୟମ ଅନୁଯାୟୀ, ସମ୍ମାନଜନକ ଡକ୍ଟରେଟ ପ୍ରାପ୍ତକର୍ତ୍ତାମାନେ ସେମାନଙ୍କ ନାମ ପୂର୍ବରୁ 'ଡକ୍ଟର' ବ୍ୟବହାର କରିପାରିବେ ନାହିଁ ।

ପୂର୍ବରୁ, ପିଏଚଡି ଅର୍ଜନ କରିବାରେ ଆହୁରି ବଡ଼ ବାଧା ସୃଷ୍ଟି ହେଉଥିଲା । ଦୁଇଜଣ ଭାରତୀୟ ଏବଂ ଜଣେ ବିଦେଶୀ ପରୀକ୍ଷକଙ୍କ ଏକ ପ୍ୟାନେଲ ଦ୍ୱାରା ଥେସିସ୍ ମୂଲ୍ୟାଙ୍କନ କରାଯାଉଥିଲା, ଯାହା ପ୍ରାୟତଃ ଦୀର୍ଘ ବିଳମ୍ବକୁ ବୁଝାଉଥିଲା । ଯଦିଓ ସମୟ ସହିତ ଏହି ନିୟମଗୁଡ଼ିକ ପରିବର୍ତ୍ତନ ହୋଇଛି, ଡିଗ୍ରୀ କଠୋର ମୂଲ୍ୟାଙ୍କନ ଦାବି କରୁଛି । ପ୍ରକ୍ରିୟାଟି ଥରେ କେତେ ଚ୍ୟାଲେଞ୍ଜିଂ ଥିଲା ତାହା ଦର୍ଶାଇବା ପାଇଁ, ଆସନ୍ତୁ ଆମେ ପ୍ରଫେସର ବିଜୟ ତ୍ରିପାଠୀଙ୍କ ଲେଖାରେ ଦଲିଲ ହୋଇଥିବା ଏକ ଘଟଣାକୁ ପୁନର୍ବାର ଦେଖିବା । ୧୯୪୦ ମସିହାରେ, ପ୍ରଫେସର ଡକ୍ଟର ହରଦେବ ବାହାରୀ ସେତେବେଳେ ଲାହୋର କଲେଜର ଜଣେ ଅଧ୍ୟାପକ ଏବଂ ପରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଭାଷାବିଜ୍ଞାନ ବିଭାଗର ମୁଖ୍ୟ ତାଙ୍କର ପିଏଚଡି କରୁଥିଲେ । ହରଦେବ ବାହାରୀ (୧ ଜାନୁଆରୀ ୧୯୦୭ – ୩୧ ମାର୍ଚ୍ଚ ୨୦୦୦) ଜଣେ ପ୍ରଖ୍ୟାତ ଭାଷାବିତ୍, ସାହିତ୍ୟିକ ସମାଲୋଚକ ଏବଂ ଶବ୍ଦକୋଷକାର ଥିଲେ ଯାହା ହିନ୍ଦୀ, ପଞ୍ଜାବୀ ଏବଂ ଅନ୍ୟାନ୍ୟ ଇଣ୍ଡୋ–ଆର୍ଯ୍ୟ ଭାଷାରେ ତାଙ୍କର ଅଗ୍ରଣୀ କାର୍ଯ୍ୟ ପାଇଁ ଜଣାଶୁଣା । ସେ ଅନେକ ଏକଭାଷୀ ଏବଂ ଦ୍ୱିଭାଷୀ ଅଭିଧାନ ସଂକଳନ କରିଥିଲେ, ଯାହା ମଧ୍ୟରୁ ଅନେକ ଆଜି ମାନକ ସନ୍ଦର୍ଭ ହୋଇ ରହିଛି ।

ମୂଲ୍ୟାଙ୍କନ ପ୍ରକ୍ରିୟାର ଏକ ଅଂଶ ଭାବରେ, ତାଙ୍କ ଥେସିସ୍‌ର ଏକ କପି ଲଣ୍ଡନ ବିଶ୍ୱବିଦ୍ୟାଳୟର ଜଣେ ଭାଷାବତ୍‌ଙ୍କ ନିକଟକୁ ପଠାଯାଇଥିଲା । ମାସ ବିତିଗଲା କୌଣସି ଉତ୍ତର ନ ମିଳିଲା । ଚିନ୍ତିତ ହୋଇ, ବାହାରୀ ତାଙ୍କ ପିଲାଦିନର ବନ୍ଧୁ, ଜଣାଶୁଣା ଅଭିନେତା ଏବଂ ଲେଖକ ବଲରାଜ ସାହାଣୀଙ୍କୁ ଲେଖିଲେ, ଯିଏ ସେତେବେଳେ ଲଣ୍ଡନରେ ବିବିସିରେ କାମ କରୁଥିଲେ ଏବଂ ତାଙ୍କୁ ପଚାରିବାକୁ ଅନୁରୋଧ କଲେ । ସାହାଣୀ ଜାଣିଲେ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଶତ୍ରୁ ଆକ୍ରମଣରେ ଥେସିସ୍ ବହନ କରୁଥିବା ଜାହାଜ ବୁଡ଼ି ଯାଇଥିଲା । ଫଳସ୍ୱରୂପ, ଥେସିସ୍‌ଟି କେବେ ଲଣ୍ଡନରେ ପହଞ୍ଚି ନ ଥିଲା । ଏହି ଖବର ପାଇବା ପରେ, ବାହାରୀ ଆଉ ଏକ କପି ପ୍ରସ୍ତୁତ କରି ପୁଣି ପଠାଇଲେ, ଶେଷରେ ସଫଳତାର ସହ ତାଙ୍କର ପିଏଚ.ଡି ସମାପ୍ତ କଲେ ।

ଆଜି, ସମଗ୍ର ଶିକ୍ଷା ପ୍ରକ୍ରିୟା ବହୁତ ସୁଗମ ହୋଇଯାଇଛି । ଆବେଦନ, ଦାଖଲ, ମୂଲ୍ୟାଙ୍କନ ଏବଂ ଏପରି କି ମୌଖିକ ପରୀକ୍ଷା ପ୍ରାୟତଃ ଅନଲାଇନରେ ମଧ୍ୟ କରାଯାଇ ପାରୁଛି । ତଥାପି, ଏହି ସୁବିଧା ସତ୍ତ୍ୱେ, ଶିକ୍ଷାଗତ ପିଏଚ.ଡି ଏକ କଠୋର ଗବେଷଣା ଡିଗ୍ରୀ ଭାବରେ ରହିଯାଏ, ଏକ ସମ୍ମାନଜନକ ଡକ୍ଟରେଟ ସହିତ ଦ୍ୱନ୍ଦ୍ୱରେ ପଡ଼ିବା ଉଚିତ ନୁହେଁ । ଏହା ମଧ୍ୟ ଉଲ୍ଲେଖନୀୟ ଯେ ସରକାରୀ ପିଏଚଡି ସାର୍ଟିଫିକେଟ କେବଳ 'ଡକ୍ଟର ଅଫ ଫିଲୋସୋଫି ଡିଗ୍ରୀ' ଉଲ୍ଲେଖ କରେ ଏବଂ ଡିଗ୍ରୀ ସମ୍ମାନଜନକ କି ନାହିଁ ତାହା ସୂଚାଏ ନାହିଁ ।


ଏହି ପାର୍ଥକ୍ୟଗୁଡ଼ିକୁ ବୁଝିବା ଅତ୍ୟନ୍ତ ଜରୁରୀ, ବିଶେଷକରିଯେତେବେଳେସମ୍ମାନଜନକଡିଗ୍ରୀବହୁଳ ଭାବରେ ପ୍ରଚାରିତ ହୁଏ ଏବଂ କେତେକ ସମୟରେ ଭୁଲ ବୁଝାଯାଏ । ଶିକ୍ଷାଗତ ପିଏଚ.ଡି ବର୍ଷ ବର୍ଷ ଧରି ପ୍ରୟାସ କରି ଅର୍ଜନ କରାଯାଏ ; ସମ୍ମାନଜନକ ଡକ୍ଟରେଟ ହେଉଛି ସମ୍ମାନର ଏକ ଇଙ୍ଗିତ । ଦୁଇଟିକୁ କେବେ ବି ମିଶ୍ରଣ କରାଯିବା ଉଚିତ ନୁହେଁ ।

ମୋ : ୯୪୩୭୨୧୮୯୧୭

## ଏଇ ଭାରତରେ

ସୁସ୍ଥ ପରିବେଶ ସୁସ୍ଥ ପୃଥିବୀ ଗଢ଼ିବ । ଏଣୁ ଆଗାମୀ ପିଢ଼ି ପାଇଁ ପରିବେଶକୁ ସୁରକ୍ଷିତ ରଖିବା ଏବର ବୟସ୍କଙ୍କ ଦାୟିତ୍ୱ । ଏହାକୁ କୌଣସି ପ୍ରକାରେ ଅଣଦେଖା କରିବା ଉଚିତ ନୁହେଁ ବରଂ ଏଦିଗରେ ପଶ୍ଚିମବଙ୍ଗର ରମେଶ ଚନ୍ଦ୍ରନଙ୍କଠାରୁ ଶିକ୍ଷା ନେବା ଆବଶ୍ୟକ । ରମେଶ ହେଉଛନ୍ତି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ଏବେ ତାଙ୍କୁ ବୟସ ୭୦ରୁ ଊର୍ଦ୍ଧ୍ୱ । ଅବସର ପରେ ସେ ଲକ୍ଷ୍ୟ କରିଥିଲେ ଯେ, କୋଲ୍‌କାତାରେ ବଡ଼ ବଡ଼ ଗଛଗୁଡ଼ିକୁ କାଟିଦିଆଯାଉଛି କିମ୍ବା ସେଗୁଡ଼ିକ ମରିଯାଉଛି । ଏହି ଦୃଶ୍ୟ ଦେଖି ନିଜ ବାଟରେ ଚାଲି ଯାଉଥିବାବେଳେ ରମେଶ କିଛି ସମୟ ଗଛ ପାଖରେ ରହି ପରିବେଶ ପାଇଁ ସେମାନଙ୍କ ଆବଶ୍ୟକତାକୁ ଅନୁଭବ କରିଥିଲେ । ପରେ ସେ ଛୋଟ ଚାରା ଗଛ ନେଇ ଲଗାଇବା ଆରମ୍ଭ କରିଦେଲେ । ଚାରା ଲଗାଇବା ପରେ ପ୍ରତିଦିନ ସକାଳ ୫ଟାରେ ଉଠି ୨୦ ଲିଟର ପାଣି ନେଇ ବାହାରିଯାଇ ଗଛଗୁଡ଼ିକରେ ଦେଇଥାନ୍ତି । ପ୍ରାରମ୍ଭିକ ସମୟରେ ଏହାକୁ ଦେଖି ଲୋକେ ଏଡ଼ାଇ ଚାଲିଯାଉଥିଲେ । ହେଲେ ସମୟକ୍ରମେ ରମେଶଙ୍କ ଏହି କାର୍ଯ୍ୟ ଲୋକମାନଙ୍କୁ ଆକର୍ଷିତ କରିଥିଲା । ଧୀରେ ଧୀରେ ପଡ଼ୋଶୀମାନେ ତାଙ୍କ ସହ ସାମିଲ ହୋଇଥିଲେ, ସୁରକ୍ଷା ଗାର୍ଡମାନେ ସାହାଯ୍ୟ ମଧ୍ୟ କଲେ । ସକାଳେ ଚାଲିବାକୁ ଯାଉଥିବା ଲୋକେ ମଧ୍ୟ ନିଜ ପକେଟରେ ପାଣି ନେଇ ଆସିଲେ । ଫଳରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ ପରେ ଲୋକଙ୍କ ଅଭିଯାନ ପାଲଟିଗଲା । ଏବେ ତାଙ୍କ ଉଦ୍ୟମରେ ୨୦,୦୦୦ରୁ ଅଧିକ ଗଛ ଲଗାଯାଇ ସାରିଲାଣି ।

# ଆଜିର ଯୁବସମାଜ



ଡ. ମନୋରଞ୍ଜନ ପ୍ରଧାନ

"କିଛି ଦିନ ପୂର୍ବେ ଜଣେ ଛାତ୍ରଙ୍କୁ କହିଲି ଆସନ୍ତା ରବିବାର କିଛି ସାମାଜିକ ସେବା କରିବା । କଥା ଶୁଣି ଯୁବ ଛାତ୍ର ଜଣକ ଉତ୍ତର ଦେଲା– ସରି ସାର୍, ଆଇ ୱିଲ କମ୍ପଲିଟ୍ ମାଇଁ ସ୍ଲିପ ସାଇକେଲ । ମାନେ ସାର୍ ରବିବାର ଦିନ ମୁଁ ମୋର ନିଦ ପୂରା କରିବି । ମୁଁ ପଚାରିଲି ଅନ୍ୟ ଦିନ ଶୋଉ ନାହଁ କି ? ସେ କହିଲେ ରାତି ବାରରୁ ସକାଳ ସାଢ଼େ ଆଠ ଯାଏ ଶୋଉଛି କିନ୍ତୁ ରବିବାର ଭଳି ଛୁଟି ଦିନଗୁଡ଼ିକରେ ଅନ୍ତତଃ ବାର ଚଉଦ ଘଣ୍ଟା ଶୋଇଥାଏ । ଏହା ହେଉଛି ଆଜିକାଲିର ଯୁବପିଢ଼ିଙ୍କ ମାନସିକତା । ସେହିପରି ଯେତେବେଳେ ଛାତ୍ରୀଛାତ୍ରଙ୍କୁ ପଚାରେ ଆଜି କ'ଣ ଖାଇଛ ? ପ୍ରାୟତଃ ଉତ୍ତର ଆସେ ଫାଷ୍ଟ ଫୁଡ୍ ଖାଇ ଦେଇଛି । ସେହିପରି ଘଣ୍ଟା ଘଣ୍ଟା ଧରି ମୋବାଇଲ ଫୋନ ବ୍ୟବହାର କରିବା ଏମାନଙ୍କ ଏକ ସଉକ । ଅପରପକ୍ଷରେ, ଆଜିର ଯୁବସମାଜ କୌଣସି କାରଣବଶତଃ ନିଶା ପାନ ଭଳି କୁଅଭ୍ୟାସର ବଶବର୍ତ୍ତୀ । ମଦଦୋକାନ ପାଖରେ କିଶୋରମାନଙ୍କୁ ଦେଖିଲେ ମନରେ ଆଘାତ ସୃଷ୍ଟି ହୁଏ । ଗୁଟ୍‌ଖାର ବେପରୁଆ ବ୍ୟବହାର ଯୁବବର୍ଗଙ୍କ ଏକ କୁଅଭ୍ୟାସ ଯାହାର କୁପରିଣତି ନିଜେ, ପରିବାର ଓ ସମଗ୍ର ସମାଜକୁ ଭୋଗିବାକୁ ପଡୁଛି । କିନ୍ତୁ ତାଙ୍କୁ କହିବ କିଏ ! ମାନେ ଆଜିକାଲି ଯୁବଗୋଷ୍ଠୀଙ୍କ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବିଶୃଙ୍ଖଳିତ, ଅସନ୍ତୁଳିତ ଏବଂ ସେମାନଙ୍କ ଆଚରଣ ମଧ୍ୟ ସମାଜ ଉପଯୋଗୀ ନୁହେଁ । ଶୋଇବା, ଉଠିବା, ଖାଇବା ଇତ୍ୟାଦିରେ କୌଣସି ସମୟ ସାରଣୀ ନାହିଁ । ପାଟିଟା ସ୍ୱାଦଚଖା ଯନ୍ତ୍ର । ମୋବାଇଲ ପାଇଁ ଏମାନେ ରାତିଚର । ନିଶାଦ୍ରବ୍ୟଲାଗି ଏମାନେ ଏକ ପ୍ରକାର ପାଗଳ । ଏଭଳି ପରିସ୍ଥିତିରେ ଏମାନଙ୍କଠୁ ପିତାମାତା ଓ ଦେଶବାସୀ କ'ଣ ଆଶାକରିବେ ।

ଆଜିକାଲିର ଯୁବଗୋଷ୍ଠୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ । କିନ୍ତୁ ସାମାଜିକ ଜୀବନ ଧାରଣର ମୌଳିକ ଗୁଣାବଳୀ ଆଦି ତୁଳନାତ୍ମକ ଭାବରେ ନଗଣ୍ୟ । ଏମାନେ ପରୀକ୍ଷାରେ ସଫଳ କିନ୍ତୁ ଜୀବନରେ ବିଫଳ । ଜୀବିକା କଳା କୌଶଳରେ ପ୍ରବୀଣ କିନ୍ତୁ ଜୀବନ କଳା କୌଶଳ ବିକାଶ କ୍ଷେତ୍ରରେ ପଛୁଆ । ଜ୍ଞାନ, ଦକ୍ଷତା ଓ କୌଶଳ ବିଦ୍ୟାରେ ପାରଙ୍ଗମ, ହେଲେ ନୈତିକତା, ମୂଲ୍ୟବୋଧ, ଅନୁଶାସନ ଆଦିରେ ପଛରେ । ବିଚାର ବିଭ୍ରାଟ ଓ ବିପର୍ଯ୍ୟସ୍ତ ଦିନଚର୍ଯ୍ୟା ଏମାନଙ୍କ ପାଇଁ ବଡ଼ ସଙ୍କଟ ।

ଆମ ସାମାଜିକ ବ୍ୟବସ୍ଥାରେ ବ୍ରହ୍ମ ସ୍ନାନ, ଋଷି ସ୍ନାନ, ଦେବ ସ୍ନାନ, ମାନବ ଓ ଦାନବ ସ୍ନାନ ଆଦି ଅନେକପ୍ରକାର ସ୍ନାନ ବ୍ୟବସ୍ଥାର ସଂରଚନା ଅଛି । କିନ୍ତୁ ଯୁବଗୋଷ୍ଠୀ ପାଇଁ ଦାନବ ବା ରକ୍ତ ସ୍ନାନ ହିଁ ଏକମାତ୍ର ବିକଳ୍ପ । କାରଣ ଏମାନଙ୍କ ଉଠିବା ସମୟ ଦିନ ୯ ପରେ । ଖାଇବା ପିଇବାରେ କୌଣସି ଶୃଙ୍ଖଳା ନାହିଁ କହିଲେ ଚଳେ । ଯେତେବେଳେ ଯାହା ମିଳିଲା ଖାଇ ଚାଲିଲେ । ପୋଷଣ ଯୁକ୍ତ ସ୍ୱଦେଶୀ ଖାଦ୍ୟ ଏମାନଙ୍କୁ ରୁଚିକର ନୁହେଁ । ସେଥିପାଇଁ ଖାଦ୍ୟଜନିତ ରୋଗରେ ପୀଡ଼ିତ ହେବା ଏକ ସାଧାରଣ ଘଟଣା । ହଜମଜନିତ, ଅମ୍ଳ ଦୋଷ ଜନିତ, ମଧୁମେହ, ମେଦବହୁଳ, ରକ୍ତଚାପ ଆଦି ଅନେକ ଶାରୀରିକ ସମସ୍ୟାର ସମ୍ମୁଖୀନ ଆଜିର ଯୁବପିଢ଼ି । ହୃଦ୍‌ଘାତଜନିତ ଅକାଳ ମୃତ୍ୟୁବରଣ ସଂଖ୍ୟା ବହୁଗୁଣିତ ହୋଇଛି । ଯଦିଓ ଏହାର ବାସ୍ତବ କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଠିକ୍



କହିପାରିବେ । କିନ୍ତୁ ସାଧାରଣ ଭାବରେ କହିଲେ ଅସନ୍ତୁଳିତ ଦିନଚର୍ଯ୍ୟା ଓ ଅଶୃଙ୍ଖଳିତ ଖାଦ୍ୟାଭ୍ୟାସ ଏଭଳି ସଙ୍କଟର କାରଣ ହୋଇପାରେ ।

ନିଜକୁ ନିଜେ ନ୍ୟାୟ ପ୍ରଦାନ କରିବାରେ ଅସମର୍ଥ ଆଜିର ଯୁବବର୍ଗଙ୍କ ସମାଜ ଓ ପରିବେଶ ପ୍ରତି ମଧ୍ୟ ସେମାନଙ୍କ ଉତ୍ତରଦାୟିତ୍ୱ ଥିବା ଭଳି ପରିଲକ୍ଷିତ ହେଉନାହିଁ । ବେଧଡ଼କ ପଲିଥିନ ଓ ପ୍ଲାଷ୍ଟିକର ଅପର୍ଯ୍ୟାପ୍ତ ବ୍ୟବହାର ଏହାର ଏକ ଜ୍ୱଳନ୍ତ ନମୁନା । ଜଳଖିଆ ପାର୍ସଲଠାରୁ ପନିପରିବା ନେବା ଯାଏ ସବୁଠି ପଲିଥିନର ଉପଯୋଗ ପରିବେଶ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି । କେବଳ ସେତିକି ନୁହେଁ ବୃତ୍ତିଗତ ମୂଲ୍ୟବୋଧର ଅଭାବ ମଧ୍ୟ ସ୍ପଷ୍ଟ । ଏମାନେ ସମସ୍ତେ ସହରରେ କାମ କରିବାକୁ ପ୍ରସ୍ତୁତ କିନ୍ତୁ ଗାଁ କଥା କହିଲେ ପଳାୟନପନ୍ଥୀ । କାମ କରିବାର ମାନସିକତା ମଧ୍ୟ ବହୁତ ନକାରାତ୍ମକ । ଲାଭାର୍ଥୀମାନଙ୍କୁ ଉପଯୁକ୍ତ ସେବା ଦେବାରେ କୁଣ୍ଠିତ । ସଂକ୍ଷେପରେ କହିଲେ ଆଜିର ଯୁବ ସମାଜ ମୁଖ୍ୟତଃ ଆତ୍ମକେନ୍ଦ୍ରିକ । ଆପଣା ସୁଖ ସେମାନଙ୍କ ଜୀବନର ଲକ୍ଷ୍ୟ ।

ଅମନଯୋଗୀ, ବୃତ୍ତିଗତ ମୂଲ୍ୟବୋଧର ଅଭାବ, ଅସହନଶୀଳତା, ଅଳସୁଆ ମନୋଭାବ, ଅଧିକ ସ୍ୱାର୍ଥୀ, ସମାଜ ଓ ରାଷ୍ଟ୍ର ମନସ୍କ କମ, ମାତାପିତା ତଥା ଗୁରୁଜନଙ୍କ ପ୍ରତି ସମ୍ମାନ ବୋଧର ଘୋର ଅଭାବ, ବିଶୃଙ୍ଖଳିତ ଆଚରଣ ଇତ୍ୟାଦି ଯୁବପିଢ଼ିକୁ ବିପଥଗାମୀ କରୁଛି ।

ପ୍ରକୃତରେ ଯୁବାବସ୍ଥା ହେଉଛି ଜୀବନର ପ୍ରକୃଷ୍ଟ ସମୟ । ଏହି ସମୟରେ ସବୁ ଅସମ୍ଭବକୁ ସମ୍ଭବ କରାଯାଇପାରେ । ଏ ସମୟରେ ଯୁବତୀଯୁବକଙ୍କ ପାଖରେ ଥାଏ ଦୃଢ଼ ମନୋବଳ, ଅବିଶ୍ୱାସ୍ୟ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ, ଅଦମ୍ୟ ସାହସ, ଶୌର୍ଯ୍ୟ, କିଛିକରି ଦେଖେଇବାର ମାନସିକତା ଓ ସଙ୍କଳ୍ପ, ଅସୀମ ସମ୍ଭାବନା ଓ ଯେକୌଣସି କାର୍ଯ୍ୟ ସମ୍ପାଦନର ଅସୀମ ଧୈର୍ଯ୍ୟ ଓ ଶକ୍ତି । କିନ୍ତୁ ମୂଲ୍ୟବୋଧର ଅଭାବ କାରଣରୁ ଯୁବପିଢ଼ି ବିପଥଗାମୀ । ଇତିହାସ ପୃଷ୍ଠାକୁ ଓଲଟାଇଲେ ଜଣାଯାଏ କି ଆଜି ବିଶ୍ୱ ପ୍ରସିଦ୍ଧ ମହାପୁରୁଷମାନେ ନିଜର ଯୁବାବସ୍ଥାରେ ଯାହା କରିଛନ୍ତି, ସେଥିପାଇଁ ସେମାନେ ଅମର ହୋଇରହିଛନ୍ତି । ଯଦି ଯୁବାବସ୍ଥାରେ ଶୋଇ ରହିବା, ଅମନଯୋଗୀ ହେବା, ସମୟର ଅପଚୟ କରିବା, ନିଜ କାମ ଠିକ୍ ଭାବେ କରିବା ନାହିଁ, ଠିକ୍ ଜ୍ଞାନ ଓ କୌଶଳ ଶିଖିବା ନାହିଁ, ମାନବୀୟ ମୂଲ୍ୟବୋଧ ଆହରଣ କରିବା ନାହିଁ ଏବଂ ସମାଜ, ରାଷ୍ଟ୍ର ତଥା ବିଶ୍ୱ ପାଇଁ କିଛି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ନାହିଁ, ତା'ହେଲେ ଯୁବପିଢ଼ି ସମାଜର ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ବା ବୋଝ ହୋଇ ନିଜର ଓ ସମାଜର ଅସୀମ କ୍ଷତି କରିବେ । ତେଣୁ ଯୁବ ସମାଜ ନିଜର ସାମର୍ଥ୍ୟ ଜାଣି ଓ ବୁଝି, ନିଜ ପାଇଁ, ପରିବାର ପାଇଁ, ରାଷ୍ଟ୍ର ଓ ସମାଜ ପାଇଁ କିଛି କରି ଜୀବନର ସାର୍ଥକତା ହାସଲ କରିବା ଉଚିତ । ହଁ ମନେରଖିବା ଉଚିତ୍ କି ମାନବିକତା, ମୂଲ୍ୟବୋଧ ଓ ନୈତିକତା ବିନା ଆମର ସମସ୍ତ କୃତି ଓ କୀର୍ତ୍ତି ନିଷ୍ଫଳ ଏବଂ ଅର୍ଥହୀନ । ଏ କଥା ମଧ୍ୟ ମନେରଖିବା ଉଚିତ୍ କି ଯୁବଶକ୍ତି ହିଁ ରାଷ୍ଟ୍ର ଶକ୍ତି । ସେମାନଙ୍କ ଶକ୍ତି, ସାମର୍ଥ୍ୟ ଓ ସମର୍ପଣ ହିଁ ଗୋଟିଏ ରାଷ୍ଟ୍ରକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ ଓ ସମୃଦ୍ଧିର ଶୀର୍ଷରେ ପହଞ୍ଚିବା ପାଇଁ ମାର୍ଗ ପ୍ରଶସ୍ତ କରିବ ।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ:୭୦୦୮୨୮୩୦୫୫

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜାନୁଆରୀ ୧୯୭୭

- ସବୁ ର୍ୟାଙ୍କର ସୈନ୍ୟବାହିନୀ ଅଫିସରମାନଙ୍କ ଚାକିରି ସମୟସୀମା ଦୁଇ ବର୍ଷ ବୃଦ୍ଧି କରାଯାଇଥିବା ନେଇ ଜେନେରାଲ ଟି.ଏନ୍. ରାଇନା ଘୋଷଣା କରିଛନ୍ତି ।
- ସମୁଦ୍ର ଭିତରେ ଭାରତର ଅର୍ଥନୈତିକ ଜୋନ ସମୁଦ୍ରକୂଳରୁ ୨ ଶହ ମାଇଲବ୍ୟାପୀ ଭିତରକୁ ରହିବ ବୋଲି ଭାରତ ପକ୍ଷରୁ ଘୋଷଣା କରାଯାଇଛି ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 8 | | 5 | 9 |
| | | 1 | 9 | | | | | 8 |
| | 3 | 9 | | 5 | | | | |
| | | | | | | | | 5 |
| 3 | | | | | | 4 | | 2 |
| | 6 | | | | 2 | | | |
| | 7 | 6 | 5 | | | | 8 | |
| | | | | 1 | | | 6 | 4 |
| | 2 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 9 | 5 | 6 | 8 | 1 | 2 |
| 9 | 6 | 1 | 3 | 8 | 2 | 7 | 4 | 5 |
| 2 | 8 | 5 | 7 | 4 | 1 | 9 | 6 | 3 |
| 4 | 5 | 9 | 6 | 1 | 3 | 2 | 7 | 8 |
| 6 | 1 | 3 | 2 | 7 | 8 | 5 | 9 | 4 |
| 8 | 7 | 2 | 5 | 9 | 4 | 1 | 3 | 6 |
| 7 | 2 | 4 | 1 | 3 | 5 | 6 | 8 | 9 |
| 1 | 3 | 6 | 8 | 2 | 9 | 4 | 5 | 7 |
| 5 | 9 | 8 | 4 | 6 | 7 | 3 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୋବାଇଲ ବ୍ୟବହାର ଉପରେ କଟକଣା ରହୁ

ମହାଶୟ,

ପାରିବାରିକ ଅଶାନ୍ତି, ଅଭାବ ଅନଟନ, ପ୍ରେମରେ ବିଫଳତା, ପ୍ରେମରେ ଠକାମି କିମ୍ବା ମୋବାଇଲରେ ଅଶ୍ଳୀଳତା କିଶୋରୀ କିଶୋର ଏବଂ ଯୁବତୀ ଯୁବକଙ୍କୁ ବିପଥଗାମୀ କରିଥାଏ ଏବଂ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇ କରିଥାଏ । କୋମଳମତି ବାଳିକା ବାଳକଙ୍କୁ ପାଦେ ପାଦେ ଜଗିବା ମାତାପିତାଙ୍କର କର୍ତ୍ତବ୍ୟ । ମାତାପିତାମାନେ ସଚ୍ଚୋଟ ହେଲେ, ସେମାନଙ୍କ ଉଚ୍ଚାରଣ ଓ ଆଚରଣ ମାର୍ଜିତ ହେଲେ ପିଲାମାନେ ପ୍ରଭାବିତ ହୋଇଥାନ୍ତି । ସଂସ୍କାରିତ ପିଲାଙ୍କ ସହିତ ସାଙ୍ଗ ହୋଇଗଲେ ସେହିମାନଙ୍କ ଭଳି ମାର୍ଜିତ ହୋଇଥାନ୍ତି । ଭଲ ସ୍କୁଲରେ ଭଲ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ ପିଲାମାନେ ସେମାନଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାନ୍ତି । ପିଲାମାନେ କ'ଣ ଚାହାନ୍ତି ବା କି ଅଭିଯୋଗ କରନ୍ତି, ସେମାନଙ୍କ କଥା ଗୁରୁତ୍ୱର ସହିତ ଶୁଣି ତାହାର ସମାଧାନ କରିଦେଲେ ସେମାନଙ୍କ ମନରେ ବିଦ୍ୱେଷ ଭାବ ଜାଗ୍ରତ ହେବ ନାହିଁ । ପିଲାଙ୍କ ପାଠପଢ଼ା ଲାଗି ମୋବାଇଲ ଅତ୍ୟନ୍ତ ଦରକାରୀ ହୋଇପଡିଛି । ମୋବାଇଲ ମଧ୍ୟରେ ଯେଉଁ ଅଶ୍ଳୀଳତା ପ୍ରଦର୍ଶନ କରାଯାଉଛି ତାହା ଉପରେ ରୋକ ଲଗାଇବା ପାଇଁ ସରକାର ଯତ୍ନବାନ ହେବା ଉଚିତ । ସରକାରଙ୍କୁ କିମ୍ବା ଅନ୍ୟମାନଙ୍କୁ ଧମକ ଦେବାକୁ ଆତ୍ମହତ୍ୟା ଏକ ମାଧ୍ୟମ ହୋଇଗଲାଣି । ଏଥିପାଇଁ ସଚେତନତା ଦରକାର ।

–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ । –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଗଛରେ ପିଟିହୋଇ ଟିପ୍ପର ଚାଳକ ମୃତ**

ବଅଁରପାଳ,(ସୁବାସ ସାହୁ): ଅନୁଗୋଳ ଜିଲା ନାଲ୍କୋ ଥାନା ନିକଟ କୁଲାଡ଼ ଛକରେ ଶୁକ୍ରବାର ରାତିରେ ଏକ ଆଇରନ ବୋଝେଇ ଟିପ୍ପର ଗଛରେ ପିଟିହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଟିପ୍ପର (ନମ୍ବର ଓଆର୍୦୯-ଏ୫୮୪) ବଅଁରପାଳ ଆଡୁ ଅନୁଗୋଳ ଅଭିମୁଖେ ଯାଉଥିଲାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନାଲ୍କୋ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ଜରିଆରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।




## ସଂକ୍ଷେପରେ

### ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ

ଆଠମଲ୍ଲିକ,୧୬।୧ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତସ୍ଥିତ ଅଏଡ଼ା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ପୂର୍ବତନ ସଦସ୍ୟ ତଥା ଚାଷୀ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ମଣ୍ଡିର ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଏସ୍.ଆର୍. ଗୁରୁଚରଣ ଦାଶ, ସମ୍ପାଦକ ପଞ୍ଚାନନ ସାହୁ, ଚାଷୀ ପ୍ରଦୀପ ପ୍ରଧାନ, ବିପିନ ମଲ୍ଲିକ, ସୁରେନ୍ଦ୍ର ପ୍ରଧାନ, ବସନ୍ତ କର୍ଣ୍ଣ, ମାଧବ ଦନ୍ତା, ମାଧବ ଚନ୍ଦ୍ର ସାହୁ, ସୁଶାନ୍ତ ନାଏକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ହିତାଧିକାରୀମାନଙ୍କୁ ଇପିଏ ପ୍ରମାଣପତ୍ର ପ୍ରଦାନ



ହିତାଧିକାରୀମାନଙ୍କୁ ବନ ବିଭାଗ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ,୧୬।୧(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବ୍ଲକ ଡାଇନିଙ୍ଗ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଗୋଳ ବନ ବିଭାଗ ପକ୍ଷରୁ ଏକ ପ୍ରବେଶ ଦ୍ୱାର କାର୍ଯ୍ୟକଳାପ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଗଜସାଥୀ ଏବଂ ସ୍ୱୟଂ ସହାୟକ ସଂଘର ସଦସ୍ୟଙ୍କୁ ନେଇ ଗଜସାଥୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୭ଟି ଗ୍ରାମ ସହାୟକ ସାଥୀ (ଭିଏସ୍‌ଏସ୍) ଏବଂ ବିଭିନ୍ନ ସ୍ୱୟଂ ସହାୟକ ସଂଘର ପ୍ରାୟ ୧୦୦ ଜଣ ଗ୍ରାମବାସୀ, ୧୫୦ ଜଣ ଗଜସାଥୀଙ୍କ ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଇପିଏ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏଫ୍‌ଏସ୍(ପ୍ରି) ସିଦ୍ଧାର୍ଥଜିତ୍,ଅନୁଗୋଳ ଏସିଏଫ୍ ବିଦ୍ୟା ସାଗର, ଆରଓ ଉଦ୍ଧବ ବେହେରା, ଜାବିକିଆଣି ମନୋରଞ୍ଜନ ପରିଡ଼ା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

# ଚୋରି ଅଭିଯୋଗ, ଜଣେ ଗିରଫ

ବଅଁରପାଳ,୧୬।୧(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋ ଥାନା ଅଞ୍ଚଳରେ ଚୋରି ଅଭିଯୋଗରେ ନାଲ୍କୋ ପୋଲିସ ଗୁରୁବାର କଟକ ଜିଲା ସାଲେପୁର ଥାନା ଦେଉଳି ଗ୍ରାମର ସୌମ୍ୟରଞ୍ଜନ ବେହେରା(୨୯)ଙ୍କୁ ଗିରଫ କରିଛି। ସେ ରହୁଥିବା ଭଡ଼ାଘରୁ ୫ଟି ଗ୍ୟାସ ସିଲିଣ୍ଡର, ହୋଟେଲ ସାମଗ୍ରୀ, ଚୋରି ଓ ଏକ କାର୍ ଜବତ କରିଛି। ସୂଚନା ଅନୁଯାୟୀ, ନାଲ୍କୋ ଥାନା ଅନ୍ତର୍ଗତ ଗିରାଙ୍ଗ ଅଞ୍ଚଳରେ ବିଭିନ୍ନ ହୋଟେଲ ଓ ଗ୍ୟାରେଜରୁ ଚୋରି ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ସୌମ୍ୟରଞ୍ଜନଙ୍କ ଧରାଯାଇଥିଲା। ନାଲ୍କୋ ଥାନା ଏସ୍‌ଆଇ ପ୍ରତୀକ୍ଷା ପ୍ରଧାନ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

# ଏଆଇଡିଏସ୍‌ଓ ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ,୧୬।୧(ବିଦ୍ୟାଶଙ୍କର ନାଥ)

ଉଚ୍ଚ ମାଧ୍ୟମିକ (ଯୁକ୍ତ ୨) ସାର୍ଟିଫିକେଟ ଓ ମାର୍କସିଟ ଯାଞ୍ଚ ଫି ଦୁଇଗୁଣ ବୃଦ୍ଧି ବିରୋଧରେ ଏଆଇଡିଏସ୍‌ଓ ଅନୁଗୋଳ ଜିଲା କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଏହି ଫି ବୃଦ୍ଧିକୁ ଅବିଳମ୍ବେ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନର ଜିଲା ସମ୍ପାଦକ ନାରାୟଣ ନାୟକ, ସଙ୍ଗଠିକା ସରୋଜିନୀ ବେହେରା, ନିରୁପମା ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସରକାର ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ଫି ବୃଦ୍ଧିର ବୋଝ ଲଦି ଚାଲିଛନ୍ତି। ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ଏବଂ ସରକାର ଅବିଳମ୍ବେ ଏହି ଫି ବୃଦ୍ଧି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଏଆଇଡିଏସ୍‌ଓ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମକର ଯାତ୍ରା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ




ପବିତ୍ରନଗର,୧୬।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ କୁଲେଇ ଗ୍ରାମରେ ମକର ଯାତ୍ରା ଉପଲକ୍ଷେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦେଉଳବେଡ଼ା ଓ କୁମୁଣ୍ଡା ଦଳ ମୁହାଁମୁହିଁ ହୋଇଥିଲେ। ଏଥିରେ ଦେଉଳବେଡ଼ା ବାଜିମାତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭାରତୀୟ ଜନତା ପାର୍ଟି ଅନୁଗୋଳ ଜିଲାର ସମ୍ପାଦକ ପ୍ରହ୍ଲାଦ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଶିକ୍ଷାର ନବୀନତା ଓ ଗବେଷଣାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ

ଛେଣ୍ଡିପଦା,୧୬।୧(ଅଜିତ ଧଳ)

ଅନୁଗୋଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଡିଆଇଟି ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଉନ୍ନତି ପାଇଁ ୨ ଦିନିଆ ଜାତୀୟ ସେମିନାର ସଫଳତାର ସହ ଗୁରୁବାର ସମାପନ ହୋଇଛି। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶିକ୍ଷାବିତ୍, ଗବେଷକ, ଡିଆଇଟି ଅଧ୍ୟାପକ ଯୋଗଦେଇ ଶିକ୍ଷାର ପରିବର୍ତ୍ତନଶୀଳ ପନ୍ଥା ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଡିଆଇଟି ଅନୁଗୋଳ ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଡ. ଅଭିଲାଷ ନାୟକ ଓ ସ୍ପିକର ଡ. ଅଜୟ କୁମାର ସ୍ୱାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଚଳନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗ ଏନ୍‌ସିଇଆର୍‌ଟି ନୂଆଦିଲ୍ଲୀର ସହକାରୀ ପ୍ରଫେସର ଡ. ଜିତେନ୍ଦ୍ର କୁମାର ପାଟିଦାର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାରେ ନବୀନ ପେଡାଗୋଗି, ଡିଜିଟାଲ ଟୁଲ୍ସର ଠିକ୍ ବ୍ୟବହାର, ଖେଳ ଆଧାରିତ ଓ କାର୍ଯ୍ୟମୂଳକ ଶିକ୍ଷା, ଅନୁଭବାଧାରିତ ଶିକ୍ଷା ପ୍ରଣାଳୀ ଉପରେ ୧୯ଟି ଗବେଷଣା ପତ୍ର ଉପସ୍ଥାପିତ ହୋଇଥିଲା। ଅଧ୍ୟାପକ ମଦନ ସୁନ୍ଦର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ରାମକୃଷ୍ଣ ପରିଚ୍ଛା ସେମିନାର ରିପୋର୍ଟ ପ୍ରସ୍ତୁତ କରିଥିଲେ। ଛୋଟରାୟ ଟୁଡୁ ଓ ଜ୍ଞାନୀ ଦୁଷ୍ମନ୍ତ ବେହେରା ସହଯୋଗ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବାପୁଜୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଡ. ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ ଶିକ୍ଷାର ନବୀନତା ଓ ଗବେଷଣାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟକ୍ଷ ବିକ୍ରମ କୁମାର ସାହୁ, ସମସ୍ତ ଅତିଥି, ସାଧନ କର୍ମୀ, ଗବେଷକ, ଶିକ୍ଷକ ଓ ଛାତ୍ର ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଥିଲେ।



ଜାତୀୟ ସେମିନାର ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

# ପିଏସ୍‌ଏସ୍‌ଜେ କଲେଜର ବାର୍ଷିକ ଉତ୍ସବ

ବଅଁରପାଳ,୧୬।୧(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ପଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ବିଦ୍ୟାଳୟର ୪୦ ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ଅଡିଟ ଅଫିସର ପ୍ରମୋଦ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଗ୍ରନ୍ଥାଗାରିକ ବିକ୍ରମ ଚରଣ ବେହେରା କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଥିଲେ। ଅଧ୍ୟାପକ ବୀରେନ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରି ଥିବାବେଳେ ଅଧ୍ୟାପକ ମାନସ କୁମାର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଗାୟତ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୁଃଖବନ୍ଧୁ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ କମଲୋଚନ ନାୟକଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENTLY REQUIRED**
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ । ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି । ଶିଘ୍ର ଯୋଗାଯୋଗ କରନ୍ତୁ ।
Contact : 6372110065

**ଆବଶ୍ୟକ**
ସିଲିଂ/ଟେବୁଲ୍ ଫ୍ୟାନ୍ ୱାଇଣ୍ଡର ୨ଜଣ
ଫ୍ୟାନ୍/ଗ୍ରାଇଣ୍ଡର ମେକାନିକ ୨ ଜଣ
ସେଲ୍‌ସମ୍ୟାନ୍ ୨ଜଣ
ଯୋଗାଯୋଗ: 8328881723

**REQUIRED**
**Female Nurses (DMLT)**
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୧/୧, ତାରିଖ: ୧୪।୦୧।୨୦୨୬ରିଖ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧ । ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୧-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କୋଚିଂ ଷ୍ଟକ୍‌ର ରକ୍ଷଣାବେକ୍ଷଣ ପାଇଁ କ୍ୟାରିଏଜ୍ ଶପ୍‌ଗୁଡ଼ିକର ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୭,୩୧,୯୮,୨୯୨.୨୯ । ଅମାନତ ରାଶି: ₹୫,୧୬,୦୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ । କ୍ର.ସଂ.-୨ । ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୨-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପ୍‌ଠାରେ ୱାଗନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସିଟିଆରବି ସେକ୍ସନର କ୍ଷମତା ପରିବର୍ଦ୍ଧନ କରିବା ଓ ସମ୍ବନ୍ଧିତ ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ କରିବା । ଟେଣ୍ଡର ମୂଲ୍ୟ: ₹୪,୯୪,୧୭,୨୧୬.୩୨ । ଅମାନତ ରାଶି: ₹୩,୯୭,୧୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ) । ଖୋଲାଯିବା ତାରିଖ: ତା୧୨।୦୨।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ) । ବିଡିଂ ଆରମ୍ଭ ତାରିଖ: ତା୨୯।୦୧।୨୦୨୬ରିଖଠାରୁ ତା୧୨।୦୨।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1068)

**THE KOSALA SCHOOL**
Estd.- 1979
☎ 7682032632
An English Medium Residential Public School
(CBSE Affiliation No. 1530008)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- Principal

# ଆମ୍ବପାଳ ଗ୍ରାମକୁ ସମ୍ପୂର୍ଣ୍ଣ ଅଧିଗ୍ରହଣ ଦାବି

ଅନୁଗୋଳ,୧୬।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନତଡ଼ା ପଞ୍ଚାୟତର ଆମ୍ବପାଳ ଗ୍ରାମକୁ ଏମ୍‌ସିଏଲ୍ ଦ୍ୱାରା ସମ୍ପୂର୍ଣ୍ଣ ଅଧିଗ୍ରହଣ କରିବାକୁ ଆମ୍ବପାଳ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ଭୁବନେଶ୍ୱର ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ହିଙ୍ଗୁଳା ମାଇନ୍ସ ଦ୍ୱାରା ୨୦୧୦ରୁ କିଛି ଜମି ଅଧିଗ୍ରହଣ ହୋଇଥିଲା। ପରବର୍ତ୍ତୀ ସମୟରେ ରେଲ୍‌ୱେ ପାଇଁ କିଛି ଜମି ନୋଟିଫିକେଶନ ହେଲା। ଏବେ ପୁଣି ସୁଭଦ୍ରା ମାଇନ୍ସକୁ ରେଲ୍‌ୱେ ପାଇଁ ଜମି ଅଧିଗ୍ରହଣ ପ୍ରସ୍ତୁତି ସାରିଛି। ଗ୍ରାମବାସୀଙ୍କ ଦାବି ହେଉଛି ଏମ୍‌ସିଏଲ୍ ପାର୍ଟ ପାର୍ଟ କରି ଜମି ଅଧିଗ୍ରହଣ ନ କରି ଏକସଙ୍ଗରେ ଜମି ଅଧିଗ୍ରହଣ କରି ଉପଯୁକ୍ତ ଥଇଥାନ କରୁ। ଏହି ଦାବିପତ୍ର ପ୍ରଦାନ ବେଳେ ସମ୍ବଲପୁର ଏମ୍‌ପିଙ୍କ ଛେଣ୍ଡିପଦା ବ୍ଲକ ପ୍ରତିନିଧି ବିଜୟ କୁମାର ମାଝୀ, ଧର୍ମାନନ୍ଦ ମାଝୀ, ରଞ୍ଜନ ସାହୁ, ସୁଗ୍ରୀବର ସାହୁ, ପ୍ରଶାନ୍ତ ମାଝୀ, ସୁଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

**Government of Odisha "e" Procurement Notice**
No. O-2041
e-mail ID: rw_sambalpur@yahoo.co.in, Phone No.: 0663-2401850
Bid Identification No. TENDER ONLINE SBPR-18 of 2025-26
No. 435 Dated: 09.01.2026

1. Name of the Work : Road works as per DTCN available in the website: www.tendersodisha.gov.in
2. Total No. of Work : 07 (Seven) Nos.
3. Estimated Cost : Varies from Rs.6.72 lakhs to 36.47 lakhs
4. Period of Completion : 01 (One) Calendar Months
5. Period and time of availability of bid document in the portal for bidding : 19.01.2026 at 11.00 A.M. to 26.01.2026 upto 5.00 P.M.
6. Date and time of opening of Tender : 27.01.2026 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sambalpur

(1) Other details can be seen from detailed notice inviting tenders, available in website www.tendersodisha.gov.in.
(2) Corrigendum if any shall only be published in the website: www.tenderodisha.gov.in.

OIPR-
Sd./- Superintending Engineer
Rural Works Division, Sambalpur

# ହିମିତିରାକୁ ହରାଇ ହଣ୍ଡପା ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ବଇଣ୍ଡା, ୧୬।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହିମିତିରା ଗ୍ରାମ ପଡ଼ିଆରେ ଚାଲିଥିବା ସବୀର ଓ ବାଦଲ ମେମୋରିଆଲ କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହିମିତିରାକୁ ହରାଇ ହଣ୍ଡପା ଚାମ୍ପିୟନ ହୋଇଥିଲା। ହିମିତିରାର ଜୟନ୍ତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ହଣ୍ଡପାର ଏମ. ମହାପାତ୍ର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କିଶୋରନଗରର ବି. ସୁବ୍ରତ କୁମାର ବେହେରା ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଯତୀନ୍ଦ୍ର କୁମାର ପ୍ରଧାନ, ପ୍ରସନ କୁମାର ନାୟକ, କୃପାସିନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। ତରଣିସେନ ସାହୁ ପରିଚାଳନା କରିଥିବା ବେଳେ ବିନାୟକ ଦେହୁରୀ, କିଶୋର ଚନ୍ଦ୍ର ବିଶ୍ୱାଳ, ରଙ୍ଗାଧର ମହାନ୍ତି ସହଯୋଗ କରିଥିଲେ।

**National Dairy Development Board**
PB No. 40, Anand, Gujarat - 388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop
INVITATION FOR BIDS (IFB)/LOCAL COMPETITIVE BIDDING (LCB)

Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | Renovation of 8 (Nos.) D-Type Quarters and Miscellaneous Civil Repair Works at NDDB Residential Complex, Noida NDDB/HO/Purchase/95/25-26/ET/95[CIVIL-NOIDA] | 106 Lakh/ 06 Months | 22.01.26 12.02.26 | 12.02.26 15:00 hrs. 12.02.26 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 11KV/433 V sub-station at Giridih Dairy, Jharkhand NDDB/HO/Purchase/96/25-26/ET/96[SUBSTATION-GIRIDIH] | 169 Lakh/ 10 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |
| II | Water Treatment Plant at Giridih Dairy, Jharkhand NDDB/HO/Purchase/97/25-26/ET/97[WTP-GIRIDIH] | 152 Lakh/ 08 Months | 22.01.26 12.02.26 | 12.02.26 15:00 hrs. 12.02.26 15:30 hrs. |
| III | Electrical light fixtures & Fans at AmulFed Dairy II, Rajkot, Gujarat. NDDB/HO/Purchase/98/25-26/ET/98[Fixture-RAJKOT] | 93 Lakh/ 03 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| IV | Effluent Treatment Plant of 8 LLPD at Davanagere, Karnataka. NDDB/HO/Purchase/99/25-26/ET/99[ETP-DAVANAGERE] | 715 Lakh/ 12 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| V | Furniture and Interior Works at CEAH, Hesaraghatta Karnataka NDDB/HO/Purchase/100/25-26/ET/100[FURNITURE-HESSARAGHATTA] | 300 Lakh/ 03 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |
| VI | HVAC, Modular Partitions and Allied MEP Works for Vaccine Production Facility at OBPI, Berhampur, Odisha NDDB/HO/Purchase/101/25-26/ET/101[HVAC-BERHAMPUR] | 918 Lakh/ 07 Months | 23.01.26 13.02.26 | 13.02.26 15:00 hrs. 13.02.26 15:30 hrs. |
| VII | 7 KLPD ETP for Vaccine Production Facility at OBPI, Berhampur, Odisha NDDB/HO/Purchase/102/25-26/ET/102[ETP-BERHAMPUR] | 80 Lakh/ 06 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| VIII | Utility works (Clean & General) for Vaccine Production Facility at OBPI, Berhampur, Odisha NDDB/HO/Purchase/103/25-26/ET/103[UTL-BERHAMPUR] | 510 Lakh/ 07 Months | 21.01.26 11.02.26 | 11.02.26 15:00 hrs. 11.02.26 15:30 hrs. |
| C | Providing House-keeping and Gardening services at NDDB Kolkata NDDB/HO/Purchase/104/25-26/ET/104[HK-KOLKATA] | 63.72 Lakh/ 12 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact Group Head (Purchase), NDDB, Anand-388001.
NB: Any corrigendum/modification etc. will be posted only on these websites.

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
No. CAD-3034
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING E-TENDER**

| E-Tender No. | Tender Description: | Estimated Cost |
|---|---|---|
| CPC-44/2025-26 | Engineering, Supply, Installation, Testing & Commissioning works for "Construction of existing 03 nos Conventional Grid Sub-station at Cuttack, Bhanjanagar & Theruvali into SAS-enabled Sub-station through installation of Kiosk-Based Automation system and provision of switchyard equipment for one no. incomplete tie bay at Thiruvali GSS" in Odisha State of India on Turnkey Contract Basis. | Rs. 97,04,16,467.00 |
| CPC-56/2025-26 | Bids are invited from reputed manufacturers in two part bidding system for Procurement of BPI & PI for Isolators in e-tendering mode only. **Last Date & Time of Submission of Bid: 06.02.2026 upto 12:30 Hr.** | Rs. 9,44,80,528.00 |
| CPC-54/2025-26 | Bids are invited from reputed manufacturers for Procurement of Tower Structure Materials & HDG Nut & Bolts for conversion of 2ph to 3ph line of different RTSS Sub-stations and 220kV DC Lilo line from Narendrapur GSS to 400kV Gopalpur GSS. | Rs. 3,76,46,507/- |

Complete set of bidding documents are available at www.tenderwizard.com/OPTCL and www.optcl.co.in.
OIPR-
/optcl.odisha /optcl_odisha HIPR-65/2025-26

# ସଦାନନ୍ଦର ଡାଇରି

**ଗଳ୍ପ**

**ତେଜସ୍ୱିନୀ ପଣ୍ଡା**

ଏ ପିଲା କାହାର, ଯା'ର ମା'ବାପା କିଏ ସେ ନିଜେ ବି ଜାଣନ୍ତିନି! ଅନେକ ପ୍ରଶ୍ନର ପାହାଡ଼ ଉପରେ ଛିଡ଼ାହେଇ ରାଜେନ୍ଦ୍ର ଠାକୁର୍ ସେପଟ ରାସ୍ତାକଡ଼ରେ ପଡ଼ିଥିବା ଛୁଆକୁ ଦେଖୁଥିଲେ ଆଉ ଭାବୁଥିଲେ ଏ ଫୁଲସମ କଅଁଳ ଛୁଆକୁ ରାସ୍ତାରେ ଫୋପାଡ଼ିଥିବା ମା'ବାପା ମଣିଷ ନୁହନ୍ତି, ନରରୂପୀ ରାକ୍ଷସ। ମିଷ୍ଟର ଠାକୁର୍ ତାଙ୍କ ଆଙ୍ଗୁଠି ସନ୍ଧିରୁ ସିଗାରେଟ୍‌କୁ ଫୋପାଡ଼ି ଏକମୁହାଁ ହେଇ ଚାଲିଲେ ସେଇ ଛୁଆଟି ପାଖକୁ। ମିଷ୍ଟର ଠାକୁର୍ ହେଉଛନ୍ତି କୋଲ୍‌କାତାର ଜଣେ ବଡ଼ ଲୁଗା ବ୍ୟବସାୟୀ। କିନ୍ତୁ ଦେଖିବାକୁ କୌଣସି ପୋଲିସ ଅଫିସର୍‌ଠାରୁ ମଧ୍ୟ କମ୍ ନୁହନ୍ତି। ବୟସ ପ୍ରାୟ ପଇଁତିରିଶ ଛୁଇଁବ। ମିଷ୍ଟର ଠାକୁର୍ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଯାଇ ରାସ୍ତାକଡ଼ରୁ ପିଲାଟିକୁ କୋଳକୁ ଉଠାଇ ଆଣିଲେ। ପାଖାପାଖି ଦୁଇ ତିନି ମାସର ଶିଶୁପୁତ୍ର। ହସ ହସ ମୁହାଁ। ଟଣାଟଣା ଆଖି। କାନ୍ଦିବା ବଦଳରେ ରାଜେନ୍ଦ୍ର ବାବୁଙ୍କ କୋଳକୁ ଆସି ଛୁଆଟି ହସିବାକୁ ଲାଗିଲା। ଏହା ଦେଖି ରାଜେନ୍ଦ୍ର ବାବୁ ତା' ନାଁ ରଖିଦେଲେ ସଦାନନ୍ଦ। ଆଣି ତ ଦେଲେ, ପିଲାଟିକୁ ରଖିବେ କୋଉଠି! ସେ ତ ନିଜେ ବାହାସାହା ହୋଇନାହାନ୍ତି। ଘର କହିଲେ ବୁଝାଏ ଲୁଗା ଗୋଦାମକୁ। ତଥାପି ଯତ୍ନର ସହିତ ଗୋଦାମଘରକୁ ଆଣି ପିଲାଟିକୁ ରଖିଲେ। ସଦାନନ୍ଦ ଧୀରେ ଧୀରେ ବଡ଼ ହେଲା। ପଢ଼ିଲା ବୟସ ହେଲା ବେଳକୁ ରାଜେନ୍ଦ୍ର ବାବୁ ସଦାନନ୍ଦକୁ କୋଲ୍‌କାତାର ଗୋଟେ ବଡ଼ ସ୍କୁଲରେ ନାଁ ଲେଖାଇଦେଲେ। ସଦାନନ୍ଦ ନାଁ ପୂର୍ବରୁ ତାଙ୍କର ଠାକୁର୍ ସାଙ୍ଗିଆ ଯୋଡ଼ିଦେଲେ। ପୁଅକୁ ଯୋଉଠୁ ବି ଆଣିଥାଏ, ଏବେ ତ ପୁଅ ମୋର ବୋଲି ଭାବୁଥିଲେ ରାଜେନ୍ଦ୍ର ଠାକୁର୍। ନିଜେ ମିଷ୍ଟର ଠାକୁର୍ ପୁଅକୁ ସ୍କୁଲରେ ନେଇ ଛାଡ଼ନ୍ତି ଓ ଆଣନ୍ତି।



ବହୁତ ସ୍ନେହ ଆଦର ଯତ୍ନରେ ସଦାନନ୍ଦକୁ ଲାଳନପାଳନ କରି ସେ ବଡ଼ କଲେ।

ଦିନେ ସ୍କୁଲ ଆସିବା ବାଟରେ ସଦାନନ୍ଦ ଠାକୁର୍ ବାବୁଙ୍କୁ ପଚାରିଲା– ଡାଡି, ମୋର ସାଙ୍ଗମାନଙ୍କୁ ନେବାକୁ ସେମାନଙ୍କ ମଦର୍‌ମାନେ ଆସୁଛନ୍ତି। ମତେ ତ କେବେ ମୋର ମଦର୍ ସ୍କୁଲରୁ ନେବା ପାଇଁ ଆସନ୍ତିନି। ମୋର ମଦର୍ କିଏ ଡାଡି? ସେ ଦେଖିବାକୁ କେମିତି? ମୁଁ ତାଙ୍କ ଭଳି ଦେଖାଯାଏ ନା ତୁମ ଭଳି ଦିଶେ? ମୋର ଟିଚରମାନେ କହନ୍ତି ମୁଁ କାଳେ ତୁମ ଭଳି ଦେଖାଯାଏ। ପୂରା ତୁମ ଭଳି ରଙ୍ଗ, ତୁମ ଭଳି ଆଖି, ନାକ ଆଉ ହସ। ଡାଡି କୁହନା, ମୋର ମଦରଙ୍କ ନାଁ କ'ଣ?

ରାଜେନ୍ଦ୍ର ବାବୁ ପୁଅ କଥା ଶୁଣି ସାମାନ୍ୟ ଟିକେ ହସିଲେ। କହିଲେ– ମୋ' ପୁଅ ଯା' ଭିତରେ କେତେ ବଡ଼ ହେଇଗଲାଣି। ବାବା! ତୁ ବାଟରେ ଗଲାବେଳେ ଗୋଟେ ବଡ଼ ମନ୍ଦିର ପଡ଼େ ଦେଖିଥିବୁ, ତା' ଭିତରେ ତୋ' ମଦର ମାନେ ତୋ' ମାଆ ଅଛନ୍ତି। ତାଙ୍କ ନାଁ କାଳୀ। ସେ ସବୁବେଳେ ପରା ତୋ' ସାଙ୍ଗରେ ଅଛନ୍ତି। ତୁ ଦେଖିନୁ, ଯେତେବେଳେ ତତେ ଜ୍ୱର ହୁଏ, ମୁଁ କେମିତି ତାଙ୍କୁ ଡାକେ ମାଆ କାଳୀ ମୋ' ସଦାନନ୍ଦର ଦେହକୁ ଭଲ କରିଦିଅ। ଆଉ ତା'ପରେ ତୋ' ଜ୍ୱର ଆପେଆପେ ଭଲ ହେଇଯାଏ।

ବାପାଙ୍କ କଥା ଶୁଣି ସଦାନନ୍ଦ ପୁଣି ପ୍ରଶ୍ନ କଲା– ଡାଡୀ! ତାଙ୍କ ନାଁ କାଳୀ କାହିଁକି ଦିଆହୋଇଛି, ସେ କ'ଣ ଦେଖିବାକୁ କଳା?

ମିଷ୍ଟର ଠାକୁର୍ ଉତ୍ତରଦେଲେ– ନା ବାବା, କିଏ କହିଲା ସେ କଳା ବୋଲି; ସେ ତ ଖୁବ୍ ସୁନ୍ଦର ଦେଖିବାକୁ। ତାଙ୍କ ହୃଦୟ ଧଳା। ଯେମିତି ତାଙ୍କ ମନରେ ଆମମାନଙ୍କ ପ୍ରତି କୌଣସି ଘୃଣାଭାବ ନାହିଁ। ବାବା, ଯିଏ କଳା ସିଏ ଯେ ଭଲ ହେଇ ନ ଥିବ ସେମିତି କିଛି ନାହିଁ, ହୁଏତ ଦେଖିବାକୁ ଗୋରା ଲୋକମାନେ ଭଲ ହେଇ ନ ଥିବେ। ସେମାନେ ମଣିଷମାନଙ୍କୁ ଆଉ କୁନିକୁନି ପିଲାମାନଙ୍କୁ ଭଲପାଉ ନ ଥିବେ। ଅନ୍ୟକୁ ସାହାଯ୍ୟ କରୁ ନ ଥିବେ। ଯେମିତି ତୋ' ନାଁ ମୁଁ ସଦାନନ୍ଦ ଦେଇଛି ସେମିତି ତାଙ୍କ ବାପା ତାଙ୍କ ନାଁ କାଳୀ ଦେଇଥିବେ।

ସଦାନନ୍ଦ ବାପାଙ୍କ କଥା ଶୁଣି ମୁଣ୍ଡ ଟୁଙ୍ଗାରିଲା ଆଉ କହିଲା– ଡାଡି! ଦେଖ ଆମେ ବାଟସାରା କଥା ହେଇ ହେଇ ଆମ ଗୋଦାମ ପାଖରେ ପହଞ୍ଚିଗଲେଣି। ଏଇତ ଆମ ଗୋଦାମଘର।

ସମୟର ଚକ ବଡ଼ ସାବଧାନରେ ଘୂରି ଘୂରି ସଦାନନ୍ଦର କୈଶୋର ପାଖରେ ପହଞ୍ଚିଗଲା। ସ୍କୁଲ ଶିକ୍ଷା ସମାପ୍ତି ପରେ ପରେ ରାଜେନ୍ଦ୍ର ବାବୁ ପୁଅକୁ ନେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ନାଁ ଲେଖାଇଲେ। କହିଲେ ବାବା! ନିଜେ ବଙ୍ଗଳା କବି ରବୀନ୍ଦ୍ରନାଥ ଠାକୁର ଏଇ ବିଶ୍ୱବିଦ୍ୟାଳୟକୁ ଗଢ଼ିଛନ୍ତି। ଏହା ତ କୌଣସି କଲେଜ ଭଳି ଲାଗେନି, ଲାଗେ ଆଶ୍ରମ ଭଳି। ସବୁଆଡ଼େ ଶାନ୍ତ, ସରଳ ଓ ସତେଜ ପରିବେଶ। ସଦା ରବୀନ୍ଦ୍ର ସଙ୍ଗୀତର ମୂର୍ଚ୍ଛନା ଭାସି ଆସି ଛବିଳ ପ୍ରକୃତିର ଶୋଭାକୁ ଆହୁରି ମହିମାନ୍ୱିତ କରେ। ଏ ସ୍ଥାନକୁ ଅଧିକାଂଶ ଲୋକ ଶାନ୍ତିନିକେତନ କହନ୍ତି। ଏଇଠି ପ୍ରାୟ କଳାପ୍ରେମୀଙ୍କ ହୃଦୟରେ କବିର ବୀଜ ବିରାଟ ଦ୍ରୁମରେ ପରିଣତ ହୁଏ। କେତେ କେତେ ଜ୍ଞାନୀ ମନୀଷୀ ଏଇ ବିଶ୍ୱବିଦ୍ୟାଳୟର ଗାଥା ସମ୍ପର୍କରେ ସୁବକ୍ତବ୍ୟ ପ୍ରଦାନ କରନ୍ତି। ତୁ ଏଇଠି ରହି ମନଦେଇ ପାଠପଢ଼ିବୁ ବାବା। ମୁଁ ବେଳେବେଳେ ତତେ ଦେଖିବାକୁ ଆସିବି। ବ୍ୟସ୍ତ ହବୁନି କହି ଦୁଇ ଟୋପା ଲୁହ ଝରାଇ ଦେଲେ ମିଷ୍ଟର ଠାକୁର୍। ପୁଅକୁ କେବେ ଛାଡ଼ି ରହିନାହାନ୍ତି ସେ। ବାପା ପୁଅଙ୍କ ଯୋଡ଼ିକୁ ଦେଖିଲେ କେହି କହିବେନି ଯେ ସଦାନନ୍ଦ ତାଙ୍କ ନିଜ ରକ୍ତର ସନ୍ତାନ ନୁହେଁ ବୋଲି।


ସମୟର ଗତି ଏଣିକି କ୍ଷିପ୍ର ହେଲା। ଚାହୁଁ ଚାହୁଁ ବିଶ୍ୱଭାରତୀରୁ ସଦାନନ୍ଦ ବଙ୍ଗଳା ସାହିତ୍ୟରେ ଏମ୍.ଏ. ପାସ୍ କରି କୋଲ୍‌କାତାର ଗୋଟେ କଲେଜରେ ଅଧ୍ୟାପକ ରହିଲା। ସେଇ ବିଶ୍ୱଭାରତୀରେ ପଢ଼ିଲା ସମୟରୁ ହିଁ ତା'ର କବିପଣ ପ୍ରସ୍ଫୁଟିତ ହେଲା। ପରେ ସଦାନନ୍ଦ ଠାକୁର୍ ଆଜି ଜଣେ ଶ୍ରେଷ୍ଠ ମାନବବାଦୀ କବି। ଦେଶ–ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନିଜ ଲେଖନୀ ମୁନରେ କବିତାର ରୂପ ଦେଇ ସେ ଲେଖନ୍ତି ସମରଭୂମିର କାହାଣୀ। ଏସବୁ ଶୁଣି ରାଜେନ୍ଦ୍ର ବାବୁଙ୍କ ମନ ଆନନ୍ଦିତ। ପୁଅ ତାଙ୍କର ନାଁ ରଖିଛି। ବାପା ନ ହେଇକି ବି ବାପା ଭୂମିକାର ପାରିବାପଣ ଓ ଅବଦାନକୁ ତାଙ୍କ ଗୋଦାମର କର୍ମଚାରୀମାନେ ଆଜି ବାଃ ବାଃ କରୁଛନ୍ତି। ସଦାନନ୍ଦ ଆଜିଯାଏ ଜାଣିନି ଯେ ରାଜେନ୍ଦ୍ର ବାବୁ ତା'ର ପ୍ରକୃତ ବାପା ନୁହନ୍ତି। ତା'ର ମା'ବାପା କିଏ ମୁଁ ନିଜେ ବି ଜାଣିନି। କେତେଥର ସଦାନନ୍ଦକୁ ସବୁ ସତ କଥା କହିବେ କହିବେ ବୋଲି ଚିନ୍ତା କରିଛନ୍ତି, କିନ୍ତୁ ସେ କହିପାରି ନାହାନ୍ତି। ଆଜି ରବିବାର। ସଦାନନ୍ଦ ଆଜି କଲେଜ ଯିବନି। ମିଷ୍ଟର ଠାକୁର୍ ଭାବିଛନ୍ତି ପୁଅକୁ ଆଜି ରାତିରେ ବସି ସବୁ କଥା କହିବେ। ରାତି ଆଠଟା। ରାଜେନ୍ଦ୍ର ବାବୁ ସଦାନନ୍ଦ ପାଖକୁ ମନରେ ଭୟ ଓ ଆଶଙ୍କା ଭରି ଗଲେ। ପାଖକୁ ଯାଇ ଦେଖିଲେ ସଦାନନ୍ଦ କିଛି ଗୋଟେ ଲେଖୁଛି, କଲମର ବେଗ ବି ତୀବ୍ର ଅଛି। ଏବେ ଡାକିଦେଲେ ସେ କାଳେ ଅନ୍ୟମନସ୍କ ହେବ ଜାଣି ତା' ପାଖରେ ବସିଲେ, କିନ୍ତୁ କିଛି କହିଲେନି। ସଦାନନ୍ଦ କାଗଜ ଉପରୁ ମୁଣ୍ଡ ଉଠାଇ ଦେଖେ ତ ଡାଡି ତା' ପାଖରେ ବସିଛନ୍ତି। ସଦାନନ୍ଦ ସାଙ୍ଗେ ସାଙ୍ଗେ କହିଲା– ଡାଡି ତୁମେ ଏଠି, ଆସିଛ ଭଲ କରିଛ। ଦେଖିଲ ମୁଁ ଗୋଟେ କବିତା ଲେଖୁଥିଲି, ଭଲ ହେଇଛି କି ନାହିଁ, ତୁମକୁ ଭଲ ଲାଗୁଛି କି ନାହିଁ ଦେଖିଲ ଟିକେ। ମିଷ୍ଟର ଠାକୁର୍ ଡାଇରିଟିକୁ ହାତକୁ ନେଇ ଦେଖିଲେ କବିତାର ଶୀର୍ଷକ ରହିଛି 'ମାଆର ସଂଜ୍ଞା'। କବି ସଦାନନ୍ଦ ସେଦିନ ମାତୃମନସ୍କ ହେଇଯାଇଥିଲେ। କବିତାର ଶେଷଧାଡ଼ିରେ ଲେଖାଥିଲା– ମୋ' ମାଆ କିଏ? ଯିଏ ମନ୍ଦିରରେ ପ୍ରତିମା ରୂପରେ ପୂଜା ପାଏ ନା ଯିଏ ମତେ ତା' ଗର୍ଭରୁ ଜନ୍ମ ଦେଇଛି!

ମିଷ୍ଟର ରାଜେନ୍ଦ୍ର ଠାକୁରଙ୍କ ପିତୃତୁଲ୍ୟ ନୟନ ଏଇ ମୁହୂର୍ତ୍ତରେ ଦୁଃଖର କୋହ ଓ ପୁତ୍ରର ମୋହରେ ଓଦା ହେଇଆସୁଥିଲା।

ମୋ: ୯୬୯୨୩୬୧୪୦୪

## ପୁସ୍ତକ ପରିଚୟ

### ଶେଷ ସାକ୍ଷାତ



**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/–

ମୋଟ ୧୧ଟି ଗଳ୍ପ ଆଲୋଚ୍ୟ ଗଳ୍ପସଂକଳନରେ ସ୍ଥାନିତ। ଗଳ୍ପଗୁଡ଼ିକ ହେଲା– ଗୋଟିଏ ଭଲଦିନ, ଅତିଥି, ଶେଷ ସାକ୍ଷାତ, ଚିନ୍ତକ, ଛଦ୍ମ ଜୀବନ, ମାୟାନ୍ଧକାର, ଦେହ ଓ କୋହ, ଧୋକା, ଛୋଟ ମଣିଷ, ମୁହୂର୍ତ୍ତେ ଜୀବନ ଓ ପୁଣ୍ୟ ପାପ। ବହିର ଚାରି ନମ୍ବର ଗପ 'ଚିନ୍ତକ'। ସରକାରୀ ଚାକିରି କରିଥିବା ଜଣେ ଲେଖକ, ଯିଏ ନିଜର ଲେଖକ ପରିଚୟରେ ଖୁସି ନ ହୋଇ ଖୁସି ହୁଅନ୍ତି 'ଚିନ୍ତକ' ପରିଚୟରେ। ସହିଦ ନଗର ଶୋରୁମ୍‌ରୁ 'ଚିନ୍ତକ' ଜଣକ କିଣିଥିବା ଦାମୀ ଉଡ୍‌ଲ୍ୟାଣ୍ଡ ବ୍ରାଣ୍ଡର ଜୋତାକୁ ମୂଷା କାଟି ଖିନ୍‌ଭିନ୍ କରିଦେବା ପରେ ସେ ଶୋ'ରୁମ୍‌କୁ ଯାଇ ତାହା ବଦଳ ବା ମରାମତି କରାଯାଇ ପାରିବ କି ନା ପଚାରିଛନ୍ତି ଓ ଉତ୍ତରରେ 'ନା' ପଦ ଶୁଣି ନିରୁପାୟ ହୋଇ ୯ ନମ୍ବର ଛକର ଏକ ଝଙ୍କା ଗଛତଳେ ବସି ଜୋତା ସିଲେଇ କରୁଥିବା ଅଶୀତିପର ବୃଦ୍ଧଙ୍କ ନିକଟକୁ ଯାଇଛନ୍ତି। ଚିନ୍ତକ ଭାବିଥିଲେ ତାଙ୍କ ଚାଟୁକାରଙ୍କ ଭଳି ବୁଢ଼ା ତାଙ୍କୁ ସମ୍ଭ୍ରମତାର ସହିତ ସମ୍ମାନ ଜଣାଇବ ଓ ସାଙ୍ଗେ ସାଙ୍ଗେ ଅନ୍ୟ କାମ ଛାଡ଼ି ତାଙ୍କ ଜୋତାକୁ ଆଗ ମରାମତି କରିଦେବ। କିନ୍ତୁ ସେପରି କିଛି ହେଲା ନାହିଁ। ବୁଢ଼ା ତା' କାମ ଓ କାମର ଗୁଣାଗୁଣ ପ୍ରତି ଥିଲା ସମର୍ପିତ। ଆତ୍ମପ୍ରଚାର ପାଇଁ ନ ଥିଲା ବ୍ୟଗ୍ରତା। ଦୁଇଦିନ ସମୟ ନେଇ ଜୋତାଟିକୁ ମରାମତି ପୂର୍ବକ ସେ ନୂଆ ପରି କରିଦେଲା। ଚିନ୍ତକଙ୍କ ଗଢ଼ଁ କ୍ଷୀରୋଦ ଭାଙ୍ଗିଛନ୍ତି, ଜଣେ ସାମାନ୍ୟ ମୋଚିକୁ ଗଳ୍ପରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା କରାଇ। ବିଡ଼ମ୍ବନାର ବିଷୟ ଯେ, ଚିନ୍ତକଙ୍କ ଜୋତାକୁ ମରାମତି ପରେ ମୋଚି ଯେଉଁ ଖବରକାଗଜରେ ଗୁଡ଼ାଇଛି, ସେଇ କାଗଜଟିରେ ପ୍ରକାଶ ପାଇଥାଏ ଚିନ୍ତକଙ୍କ ଭାଷଣ ଓ ତାଙ୍କର ଫଟୋ। ଏଥିରେ ନିହିତ ବ୍ୟଙ୍ଗଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। କିଏ ପ୍ରକୃତରେ ଚିନ୍ତକ? ସ୍ୱାଭିମାନୀ ମୋଚି ବୁଢ଼ା ନା ଅହଂମନ୍ୟ ଚିନ୍ତକ ହରିହର? ବହିର ପ୍ରାୟ ଗଳ୍ପ ଜୀବନ ଓ ସମାଜ ପାଇଁ ଏକ ଏକ ସଫଳ ବାର୍ତ୍ତା ବହନ କରନ୍ତି, ଅଥଚ କଳା ସହ କେଉଁଠି ସାଲିସ୍ ନାହିଁ।

### ବିନ୍ଦୁ ସୀମା



**କବୟିତ୍ରୀ:** ଅସୀମା ସାହୁ ଓ ବିନ୍ଦୁ ନିବେଦିତା
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/–

ଏ ଏକ ଭିନ୍ନ ଧରଣର କବିତାଗ୍ରନ୍ଥ। ଦୁଇ କବୟିତ୍ରୀଙ୍କ ଭାବ–ଭାବନାର ଏହା ଯୁଗଳବନ୍ଦୀ। ଗ୍ରନ୍ଥରେ ୫୦ଟି ଲେଖାଏଁ କବିତା ଅଛି ପ୍ରତ୍ୟେକଙ୍କର। ଅର୍ଥାତ୍ ମୋଟ ଶହେଟି କାବ୍ୟିକ ନିବେଦନ। 'ଫେସ୍‌ବୁକ୍'ରେ ଜଣଙ୍କର ଅନୁଭବରେ ପ୍ରତି–ଅନୁଭବ ବାଢ଼ି ବସୁବସୁ କବିତାଗୁଡ଼ିକ ପରିଣତିରେ ଗ୍ରନ୍ଥରୂପ ନେଇଛି। 'ଆମକଥା'ରେ ବିନ୍ଦୁ–ନିବେଦିତା ଲେଖିଛନ୍ତି: ''ଯେବେ ମୁଁ ଅସୀମାର କବିତା ପଢ଼େ, ଆପେଆପେ ତା' ମଧ୍ୟରେ ଏକ ଚରିତ୍ର ପାଲଟିଯାଏ ଏବଂ ପ୍ରତିକ୍ରିୟାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମୋ ହୃଦୟରୁ କିଛି ପଙ୍କ୍ତି ଝରିଆସେ, ହୁଏତ ସେପରି କିଛି ଅନୁଭବ ତାଙ୍କର ବି ଥିବ। ଏହି କବିତା ହିଁ ଆମ ବନ୍ଧୁତାର ବୁନିଆଦି ଅଟେ, ଯାହା ଆମ ଭିତରେ ଏକ ଭାବଗତ ସମ୍ପର୍କର ଡୋରି ବାନ୍ଧିଥିଲା। ଆମ ପ୍ରେମ ଓ ପ୍ରତ୍ୟୟକୁ ଏକ ନୂଆ ଉଡ଼ାଣ ଦେଇଥିଲା।'' 'ଚର୍ଚ୍ଚା ଭଲପାଏ' ଶୀର୍ଷକ କବିତାରେ ଅସୀମା ଲେଖନ୍ତି– ''ଚର୍ଚ୍ଚା ନାହିଁ ତ ଜୀବନ କ'ଣ?/ ଜନ୍ମରୁ ମୃତ୍ୟୁଯାଏଁ/ ଲୋଡ଼ା ମୋର ଚର୍ଚ୍ଚା ଆଉ ଚର୍ଚ୍ଚା।'' ଏହାର ଉତ୍ତରରେ ସହଅନୁଭବୀ ବିନ୍ଦୁ ଲେଖନ୍ତି– ''ଏମିତି ଚର୍ଚ୍ଚାରେ ଥାଅ ଗୋ ରାଣୀ/ ଚର୍ଚ୍ଚିତ ସାମ୍ରାଜ୍ଞୀଟେ ହୁଅ।'' ପ୍ରେମ ଓ ପ୍ରକୃତି ପ୍ରାୟ କବିତାରେ ଲହଡ଼ି ଭାଙ୍ଗନ୍ତି ଏବଂ ଉଭୟଙ୍କର ଅନୁଭବକୁ ପାଠିକାପାଠକଙ୍କ ଅନୁଭବ ସହ ଯୋଡ଼ିବସନ୍ତି। ଓଡ଼ିଆ କବିତାରେ ଏପରି ଦ୍ୱୈତସ୍ୱର କ୍ୱଚିତ୍ ଦେଖିବାକୁ ମିଳେ। ତେବେ ଦୁଇ କବୟିତ୍ରୀଙ୍କ ଭାଷା ପ୍ରୟୋଗ ଆହୁରି ପରିପକ୍ୱତାର ଅପେକ୍ଷା ରଖେ। ଶବ୍ଦର ନିର୍ଭୁଲ୍ ଉଲ୍ଲେଖ ପ୍ରତି ଉଭୟ ଲେଖିକା ଓ ସର୍ବୋପରି ପ୍ରକାଶକଙ୍କଠାରୁ ଅଧିକ ସତର୍କତା ଆଶା କରାଯାଏ।

### ହେ ଈଶ୍ୱରୀ!

**ମନୋରଞ୍ଜନ ଦାଶ**

ତୁମ–ମୋ ସମ୍ପର୍କକୁ
ମୁଁ ମାପିନି କେବେ।
କେବଳ ହୃଦୟକୁ ଯୋଡ଼ିଚି ଯାହା...
ଫେଡ଼ାଣ ଓ ହରଣକୁ ଆଡ଼େଇ ଦେଇଚି।
ସମ୍ପର୍କ ତ ଅଦୁଆ ସୂତା...

ଜଞ୍ଜାଳର ଭୂଗୋଳକୁ ମାପିବାକୁ
ସମୟ ମୋ ନିଅଣ୍ଟ
ତଥାପି ସମ୍ପର୍କର ସ୍ୱଚ୍ଛତାକୁ ଆଦରି ନେଇ
ବୃଥା କଳଙ୍କକୁ ତୋଳିଚି ମଥାରେ...
ଦିନେ ମୁଁ ଆକାଶକୁ ଅନେଇ ଗୁଣୁଗୁଣଉ ଥାଏ
ଦୀର୍ଘଶ୍ୱାସ ନେଉଥାଏ, ଅଚାନକ ସେଇ
ମୁହୂର୍ତ୍ତରେ ତୁମ ସହ ଦେଖା...

ବାସ୍ ତା' ପରଠୁଁ ଜୀବନ ଦର୍ଶନ ବିଶ୍ଳେଷଣରେ
ତୁମର ଶ୍ରଦ୍ଧା ଓ ଆତ୍ମିକପଣ...
ଆଉ ମୋର ଚପଳପଣ।
ବାସ୍ ଏଇ ତ ସମ୍ପର୍କ...

ସେଦିନ ଯେମିତି ମୁଁ
ପୋଖରୀରେ ପହଁରୁଥିବାବେଳେ
ତୁମେ ତୁଠରେ ବସି ଅନେଇଥାଅ ମୋତେ
ମୁଁ ଗାଧୋଇସାରିଲା ପରେ ଲୁଣ ଟିକିଏ ଦେଇ
କହିଲ ମୋତେ– ଖାଇଦିଅ, ଥଣ୍ଡା ଧରିବ!
ହଁ, ସଂଘର୍ଷକୁ ସାମ୍ନା କରିବାକୁ
ସାହସ ଜୁଟେଇଥିଲ ତୁମେ
ପୁଣି କହିଥିଲ– ଜୀବନଟା ସଂଘର୍ଷରେ
ପୋଷଣ ପାଇଥାଏ!
ହେ ଦେବୀ! ଏ ସବୁକୁ
ମୁଁ ସାଇତିଛି ମୋ' ଛାତିରେ।

ମୋ: ୯୪୩୭୩୧୭୭୨୨

### ଚାଖଣ୍ଡେ ମାଟି

**ଶିବ ମିଶ୍ର**

ତମେ ସାରା ଆକାଶ ବାଣ୍ଟିକୁଣ୍ଟି ନେଇଯାଅ
ନେଇଯାଅ ସୂର୍ଯ୍ୟ ଚନ୍ଦ୍ର ତାରାର ଆଲୁଅ
ସେ ସବୁ ମୋର ଲୋଡ଼ା ନାହିଁ,
ଆଜି ଆସିଛି ମୁଁ, କାଲି ଫେରିଯିବା ପାଇଁ।
ମୁଁ ଗଲାପରେ ମୋ' ଛାଇ ରହିବ ଯେଉଁଠି
କେବଳ ସେଥିପାଇଁ ଦେଇଦିଅ ମୋତେ,
ଚାଖଣ୍ଡେକ ମାଟି।

ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮

### ବ୍ୟଙ୍ଗ କବିତା

କ ବି ତା

### କୁକୁର ଦୌଡ଼

**ପ୍ରଶାନ୍ତ କୁମାର ସାହୁ**

କରିବାକୁ ଥରେ ମନ ବଳାଇଲା
କୁକୁର ପ୍ରତିଯୋଗିତା,
ଆସିଲେ ଭାଲୁଆ, ଶେରୁ, ଟାଇଗର,
ବିନ୍ଦାସ, ମିଞ୍ଜାସ, ମେଟା।

ରୟାଲ, ଗୁଗୁଲୁ କେତେ ଯେ ବିଦେଶୀ
ଦିଶୁଥିଲେ ଲମ୍ବା ମୋଟା,
ବଳିଷ୍ଠ ଦେହକୁ ତାଙ୍କ ଗରଜନେ
କମ୍ପୁଥିଲା ପଡ଼ିଆଟା।

ତାଙ୍କରି ଭିତରେ ଗାଉଁଲି କୁକୁର
ଟମି ନାମେ ଥିଲା ଏକ,
ପଞ୍ଜରା ତାହାର ଗଣି ହେଉଥିଲା
ସରୁ ଗୋଡ଼ ସରୁ ବେକ।

ହୁଇସିଲ୍ ମୁହେଁ ନିର୍ଣ୍ଣେତା ଧରିଲେ
କୁକୁର ଛୁଇଁଲେ ଗାର,
ଯେମିତି ବାଜିଲା ହୁଇସିଲ୍ ଗୋଟେ
ଦଉଡ଼ିଲେ ତରତର।

ଅଧା ବାଟ ଯାଇ ବିନ୍ଦାସ, ମିଞ୍ଜାସ,
ଶେରୁ, ମେଟା, ଟାଇଗର,
କଜିଆ କରିଲେ ପରସ୍ପର ମଧ୍ୟେ
ନ ଛାଡ଼ିଲେ ବାଟ କା'ର।

କାମୁଡ଼ାକାମୁଡ଼ି, ଗୋଡ଼ ଟଣାଟଣି
ଦଳା ଚକଟାରେ ମାତି,
କାହାର ଛିଡ଼ିଲା ମୁହଁ ଗୋଡ଼ ପିଠି
କାହାର ଛିଡ଼ିଲା ଛାତି।

ବିଚରା ଟମିଟା ଲାଞ୍ଜ ଜାକି ଧୀରେ
ଖସି ପଳାଇଲା ବେଗେ,
ଭୟରେ ହେଉକି ହେଉ ଚାଲାଖିରେ
ଛୁଇଁ ଦେଲା ସୀମା ଆଗେ।

ଦୌଡ଼ ଜିତି ଟମି ବିଜୟ ମୁକୁଟ
ପିନ୍ଧିଲା ଯେବେ ମୁଣ୍ଡରେ,
ଯେତେ ଥିଲେ ସବୁ ବିଦେଶୀ କୁକୁର
ଜଳିଲେ ଅନୁତାପରେ।

ମୋ: ୯୭୭୭୦୯୦୦୫୬

### କାଳକାଳକୁ



**''ପ୍ରକୃତ ଲେଖକ ସେଇମାନେ, ଯେଉଁମାନେ ଭାଷାକୁ ଏକ ପ୍ରକ୍ରିୟା ଭାବେ ନ ଦେଖି ଦେଖନ୍ତି ଜୀବନ୍ତ ସତ୍ତା ଭାବେ।''**

**–ଡେରେକ୍ ୱାଲ୍‌କଟ୍**

**ଡେରେକ୍ ୱାଲ୍‌କଟ୍‌ଙ୍କ** ଜନ୍ମ ୨୩ ଜାନୁଆରୀ ୧୯୩୦ରେ ଓ ପରଲୋକ ୧୭ ମାର୍ଚ୍ଚ ୨୦୧୭ରେ ବ୍ରିଟିଶ୍ ସାମ୍ରାଜ୍ୟର ସେଣ୍ଟ ଲୁସିଆରେ। ସେ ଏକାଧାରରେ କବି, ନାଟ୍ୟକାର, ଶିକ୍ଷକ, ସମାଲୋଚକ ଓ ଖବରଜୀବୀ। ସାହିତ୍ୟରେ ଉତ୍ତର–ଉପନିବେଶବାଦର ଏହି ପ୍ରମୁଖ ପ୍ରବକ୍ତାଙ୍କର ପ୍ରଖ୍ୟାତ ଗ୍ରନ୍ଥମାନଙ୍କ ମଧ୍ୟରେ ରହିଛି– 'ଡ୍ରିମ୍‌ଅନ୍‌ମଙ୍କିମାଉଣ୍ଟେନ୍' (୧୯୬୭), 'ଓମେରସ୍' (୧୯୯୦) ଓ 'ହ୍ୱାଇଟ୍‌ଇଗ୍ରେଟ୍‌ସ' (୨୦୦୭)। ସାହିତ୍ୟକୁ କାଳଜୟୀ ଅବଦାନ ପାଇଁ ୧୯୯୨ରେ ସେ ନୋବେଲ ପୁରସ୍କାରରେ ସମ୍ମାନିତ। 'ହ୍ୱାଇଟ୍ ଇଗ୍ରେଟସ୍' ପୁସ୍ତକ ପାଇଁ ୨୦୧୦ରେ ତାଙ୍କୁ ମିଳେ ଟି.ଏସ୍. ଏଲିୟଟ୍ ପୁରସ୍କାର'। ୧୯୫୯ରେ ଗଠିତ 'ତ୍ରିନିନାଦ୍ ନାଟ୍ୟକର୍ମଶାଳା'ର ସେ ପ୍ରତିଷ୍ଠାତା। ସେ କହନ୍ତି: ''ପୃଥିବୀର ପ୍ରେମରେ ପଡ଼ିବା ହେଉଛି କବିତାର ଭାଗ୍ୟ।''

## ସୃଜନ-ଆଳାପ

# ଲୋକ ବୁଝିବା ଭାଷାରେ ମୁଁ ଗୀତ ଲେଖେ



ସରୋଜ ବିଶ୍ୱାଳ


**ପ୍ର:** ସାହିତ୍ୟର ବିଭିନ୍ନ ଅଙ୍ଗ ଯଥା– କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି କ୍ଷେତ୍ରରେ ଆପଣ ପାରଦର୍ଶିତା ଅର୍ଜନ କରିଥିଲେ ବି ଗୀତିକାର ହେବାକୁ ମନ ବଳାଇଲେ କାହିଁକି?

**ଉ:** ଏସବୁ ସାରସ୍ୱତ ଉପାଦାନ ଜନ୍ମରୁ ମୋ' ସହ ଥିଲା ଓ ସମୟାନୁସାରେ ତା'ର ପରିପ୍ରକାଶ ଘଟିଲା। କିନ୍ତୁ ମୋ' ଭିତରେ ଥିବା ଗୀତ ବା ଗୀତିକବିତା ମୋର ଅନ୍ୟ ସୃଷ୍ଟିଙ୍କ ଠାରୁ ଆଗେଇଗଲା ଓ ଜଣେ ଗୀତିକାର ଭାବେ ମତେ ପରିଚିତ କରାଇଲା।

**ପ୍ର:** ପ୍ରଥମ ଗୀତରୁ ଆପଣ ଜଣେ ସଫଳ ଗୀତିକାରର ଯଶ ଅର୍ଜନ କରିଛନ୍ତି। ଏ ବିଷୟରେ କିଛି କହିବେ କି?

**ଉ:** ଗୀତିକାର ଭାବେ ମୁଁ ସଫଳ କି ନୁହେଁ, ତାହା କହିପାରିବି ନାହିଁ। ଶ୍ରୋତା ହିଁ ଏହାର ନିର୍ଣ୍ଣାୟକ। ୨୦୦୮ରେ ମୋ ପ୍ରଥମ ଭଜନ ଆଲବମ 'ଆହେ ନୀଳ ଶଇଳ' ମୁକ୍ତିଲାଭ କରିଥିଲା। ଶୀର୍ଷକ ଗୀତ ସହ ଏ ସିଡୀ ପାଇଁ ବଛାଯାଇଥିବା ସମୁଦାୟ ଆଠଟିଯାକ ଗୀତ ମୁଁ ଲେଖିଥିଲି। ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲା ଗୀତଗୁଡ଼ିକୁ ସ୍ୱର ଦେଇଥିବାବେଳେ କୁମାର ବାପି, ଶୈଳଭାମା ମହାପାତ୍ର, ଶ୍ରୀଚରଣ ମହାନ୍ତି, ସସ୍ମିତା ମିଶ୍ର, ସୁଧାକର ମିଶ୍ର, ଧୀରଜ, ତପସ୍ୱିନୀ ପ୍ରମୁଖ କଣ୍ଠଦାନ କରିଥିଲେ।

**ପ୍ର:** ଲୋକପ୍ରିୟତା ଅର୍ଜନ କରିଥିବା ଆପଣଙ୍କ ଗୀତଗୁଡ଼ିକ କ'ଣ? ତହିଁରୁ କେଉଁଟି ଆପଣଙ୍କୁ ଅଧିକ ଆତ୍ମସନ୍ତୋଷ ଦେଇଛି?









**ଉ:** ମୁଁ ୧୨ ଶହରୁ ଉର୍ଦ୍ଧ୍ୱ ଗୀତ ଲେଖିଛି। ଏଥିରୁ ୩୯୨ଟି ଗୀତ ରେକର୍ଡ ହୋଇ ବାଜିଛି। ଆହେ ନୀଳ ଶଇଳ, ତୁ ରେଶମୀ ସୂତା ମୁଁ କାଗଜ ଗୁଡ଼ି, କହ ମୋ ରାଇଜରେ କ'ଣ ନାହିଁ, ତୁ ସରକାରୀ ଦଳ ଝିଅ ମୁଁ ବିରୋଧୀ ଦଳ ପୁଅ, କ୍ଷେତ୍ରବାସୀ କ୍ଷେତ ମୋର ଉଜାଡ଼ି ଦେଲୁ, ମାଟିର ଛାତିରେ ଫିଟିବ ବାଟ, ତୋ ଆଖି ବଡ଼ ବେଇମାନ, ଇନ୍ଦ୍ରଧନୁର ଛାଇ, ହେ ମଣିଷ, ତୋ ମୁହଁ ଦିଶେ ଖୋଲିଲେ ବହି, ବୋଧେ ଶୋଇନ ଆଖିତଳ କଳାପଡ଼ିଛି, ଛକ ଟୋକା, ଆ ଜହ୍ନମାମୁଁ, ରୁଟି ପରି ଦିଶେ ଜହ୍ନ, ଝିଙ୍ଗିରି ଝାଏଁ ଇତ୍ୟାଦି ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ତେବେ ମୁଁ ଏଯାଏଁ କୌଣସି ଗୀତରେ ସମ୍ପୂର୍ଣ୍ଣ ଆତ୍ମସନ୍ତୋଷ ଲଭି ନାହିଁ।

**ପ୍ର:** ଆପଣଙ୍କ ଗୀତର ଶବ୍ଦ, ଶୈଳୀ ଓ କାହାଣୀ ଅନ୍ୟ ଗୀତିକାରଙ୍କଠୁଁ ଭିନ୍ନ। ଗୀତରେ ଆପଣ ଅଶ୍ଳୀଳତାର ବିରୋଧୀ। କ'ଣ କହିବେ?

**ଉ:** ମୋ' ଗୀତର ଶବ୍ଦ ପ୍ରାୟତଃ ଗାଉଁଲି। ସମସ୍ତେ ବୁଝିପାରୁଥିବା ଅଥଚ ନୂଆ ଲାଗୁଥିବା ଗ୍ରାମୀଣ ଶବ୍ଦ ଓ ବିଲୁପ୍ତ ପ୍ରାୟ ଢଗଢମାଳିର ପ୍ରୟୋଗ ମୁଁ କରିଥାଏ। ମୋର ପ୍ରତ୍ୟେକ ଗୀତରେ ଗୋଟିଏ ଗୋଟିଏ କାହାଣୀ ଥାଏ। ଶ୍ରୋତାଙ୍କୁ ଗୀତଟି ଶେଷଯାଏ ଶୁଣିବା ପାଇଁ ତାହା ପ୍ରବର୍ତ୍ତାଇଥାଏ। ରାତାରାତି ଚର୍ଚ୍ଚାକୁ ଆସିବା ପାଇଁ କିଛି ଅଶ୍ଳୀଳ ବା ଦ୍ୱିଅର୍ଥବୋଧକ ଗୀତ ବଜାରକୁ ଆସିଥାଏ। ମୁଁ ଏହାର ଘୋର ବିରୋଧୀ। ମୋ' ମତରେ– ଜଣେ ସାରସ୍ୱତ ସ୍ରଷ୍ଟା ଭାବେ ପ୍ରତ୍ୟେକ ଗୀତିକାରଙ୍କର ସାମାଜିକ ଦାୟିତ୍ୱ ଅଛି।

**ପ୍ର:** ଆପଣ ଏକାଧାରରେ ସମାଜସେବୀ, ପରିବେଶବିତ୍, ସାହିତ୍ୟିକ ଓ ସାମ୍ବାଦିକ। ଏତେ ଭୂମିକା କିପରି ତୁଲାନ୍ତି?

**ଉ:** ବଞ୍ଚିତ ଲୋକଙ୍କ ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ଭାଷା ଚଷା ନିଶା ଆନ୍ଦୋଳନ ସହ ସମାଜର ସବୁ ବର୍ଗକୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ମୁଁ ରାସ୍ତାକୁ ଓହ୍ଲାଏ। ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଅନ୍ୟ ସତୀର୍ଥଙ୍କ ସହ ମୁଁ ଓଡ଼ିଶାର ୧୯୨ ବ୍ଲକ ବୁଲିଛି। ପରିବେଶ ବିଗୁଡ଼ୁଥିବା ଲକ୍ଷ୍ୟ କରି ପରିବେଶ ସୁରକ୍ଷା ପାଇଁ ଧ୍ୟାନ ଦେଇଛି। ବୃକ୍ଷରୋପଣ ସହ ବାୟୁ, ଜଳ, ମୃତ୍ତିକା, ଶବ୍ଦ ପ୍ରଦୂଷଣ ଉପରେ ସଚେତନତା ସୃଷ୍ଟି କରୁଛି। ପରିବେଶ କାମ ପାଇଁ ମୁଁ ଜାତୀୟସ୍ତରରେ ସମ୍ମାନିତ ହୋଇଛି। ତେବେ ସମାଜସେବା କିମ୍ବା ପରିବେଶ କାମ ପାଇଁ ମୋର କୌଣସି ପଞ୍ଜୀକୃତ ସଂସ୍ଥା ନାହିଁ। ସାଧାରଣ ଲୋକଙ୍କ ସହ ମିଶି ସେମାନଙ୍କ ସହଯୋଗରେ ଏସବୁ କରେ।

**ପ୍ର:** ସାମ୍ବାଦିକତା ପାଇଁ ସାହିତ୍ୟ ଜରୁରୀ କି?

**ଉ:** ମୋର ସାମ୍ବାଦିକ ଜୀବନ 'ଧରିତ୍ରୀ' ଖବରକାଗଜରୁ ଆରମ୍ଭ। ଧରିତ୍ରୀରୁ ମୁଁ ବହୁତ କିଛି ଶିଖିଛି। ଜଣେ ସାହିତ୍ୟିକ ଭାବେ ମୁଁ କବିତା ଲେଖେ। ମୋର କବିତା ସଂକଳନ 'ମାଟିଆଟୋକା' ପାଠକୀୟ ଆଦୃତି ପାଇଛି। 'କହେ ଓଡ଼ିଆ' ନାମକ ଏକ ପତ୍ରିକା ମୁଁ ସମ୍ପାଦନା କରେ, ଯେଉଁ ପତ୍ରିକା ଦାବି କରିଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ। ସାମ୍ବାଦିକତା ପାଇଁ ସାହିତ୍ୟର ଆବଶ୍ୟକତା ରହିଛି।

**ପ୍ର:** ସମାଜକୁ ଆପଣଙ୍କ ବାର୍ତ୍ତା କ'ଣ?

**ଉ:** ଏ ସୃଷ୍ଟି ଓ ସମାଜ ଆମକୁ ମାଗଣାରେ ବହୁତ କିଛି ଦେଇଛି; ସୂର୍ଯ୍ୟ କିରଣ, ବର୍ଷା, ପବନ, ଅନ୍ୟର ଶ୍ରଦ୍ଧା, ସମ୍ମାନ ଏମିତି କି ଏ ଜୀବନ ବି ଆମେ ମାଗଣାରେ ପାଇଛନ୍ତି। ତେଣୁ ସମାଜ ପାଇଁ କିଛି ନ କଲେ ଆମେ ଧାରୁଆ ହୋଇ ରହିଯିବା।

ପ୍ରସ୍ତୁତି: ସୁରଞ୍ଜନ ପାତ୍ର


ଯୋଗାଯୋଗ: E-mail:dharitrisahityayana@gmail.com

## ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଲା ଟିପ୍ପର

ବଅଁରପାଳ,(ସୁବାସ ସାହୁ): ବଅଁରପାଳ ଥାନା ନିକଟସ୍ଥ ହାଟ ଛକରେ ଏକ ଯାତ୍ରୀବାହୀ ବସ୍ ପଛରେ ଟିପ୍ପର ଧକ୍କା ହୋଇଛି। ଉକ୍ତ ଯାତ୍ରୀବାହୀ ବସ୍‌ଟି କମ୍ପାନୀ କର୍ମଚାରୀଙ୍କୁ ନେଇ ଯାଉଥିବାବେଳେ ଆଇରନ ବୋଝେଇ ଟିପ୍ପର ଭାରସାମ୍ୟ ହରାଇ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବସରେ ଥିବା କେତେଜଣ କର୍ମଚାରୀ ସାମାନ୍ୟ ଆହତ ହୋଇଥିଲେ। ପୋଲିସି ବସ୍‌କୁ ଥାନାକୁ ନେଇଥିବାବେଳେ ରାସ୍ତା ଉପରେ ଥିବା ଟିପ୍ପରକୁ ସ୍ଥାନାନ୍ତର କରିଥିଲା।

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଜବତ

ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଲୁହାମୁଣ୍ଡା ନିକଟରୁ ଶୁକ୍ରବାର ବଇଣ୍ଡା ରେଳୱେ ଫାଣ୍ଡି ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ୪୫ ହେବ ବୋଲି ରେଲୱେ ପୋଲିସ ସୂଚନା ଦେଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି।

### ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୧୬।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଖାଲପାଳ ଗ୍ରାମର ଚୁନି ପ୍ରଧାନ ଓ ତାଙ୍କ ସ୍ୱାମୀ ମିଥୁନ ପ୍ରଧାନଙ୍କୁ ସେହି ଗ୍ରାମର ବାଇଧର ପ୍ରଧାନ ଆକ୍ରମଣ କରିଥିବା ଚୁନି ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୩/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଦମ୍ପତି ତାଙ୍କ ଘରେ ଥିବାବେଳେ ବାଇଧର ସେଠାକୁ ଯାଇ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ



ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ ଅବସରରେ ଅତିଥିମାନେ।

ଅନୁଗୋଳ,୧୬।୧(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବିଜୁ ମଇଦାନରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଉତ୍ପାଦଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲା ସ୍ତରରେ ପ୍ରଦର୍ଶନ କରିବା ଏହି ମେଳାର ଉଦ୍ଦେଶ୍ୟ। ମହିଳା ସଶକ୍ତୀକରଣକୁ ଆଧାର କରି ମେଳାରେ ମୋଟ ୧୨୫ଟି ଷ୍ଟଲ୍ ବ୍ୟବସ୍ଥା କରାଯାଇଛି।

ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ମହିଳାମାନଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନାରୀ ଶକ୍ତି ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ସମାଜର ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଓର୍ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲ, ମିଶନ ଶକ୍ତିର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେଙ୍କ ସମେତ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ତମ ବେଦ ପାରାୟଣ ଯଜ୍ଞ

ପବିତ୍ରନଗର,୧୬।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ବେଦ ଭବନର ୫୦ ତମ ବେଦ ପାରାୟଣ ଯଜ୍ଞ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ସୋମବାର ଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଚାଲିଥିଲା। ସକାଳ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବେଦ ପାରାୟଣ ଯଜ୍ଞ ସହ ସନ୍ଧ୍ୟାରେ ସନ୍ଧ୍ୟା ଉପାସନା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଦଭବନ ଓ ଦୟାନନ୍ଦ ବୈଦିକ ସାଧନା ଆଶ୍ରମ ସଞ୍ଚାଳକ ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଯଜ୍ଞରେ ଶିବାନନ୍ଦ ତପୋଭୂମିର ବିଶିଷ୍ଟ ବିଦ୍ୱାନ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ବେଦଶ୍ରବା ସରସ୍ୱତୀ, ଶ୍ରୀକାନ୍ତ ବ୍ରହ୍ମଚାରୀଜୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ତିମ ଦିବସରେ ୨୦୦ କୁଣ୍ଡୀୟ ସାମୂହିକ ଯଜ୍ଞ ଓ ଚତୁର୍ବେଦ ପାରାୟଣ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା। ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ରେଙ୍ଗାଳି ଡ୍ୟାମ୍ ପ୍ରତିଷ୍ଠାତା ମୁଖ୍ୟଯନ୍ତ୍ରୀ ଦିବାକର ମିଶ୍ର ଯୋଗ ଦେଇଥିଲେ। ବୈଦିକ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ବେଦ ଭବନ ସଭାପତି ଅଧୀକ୍ଷଣ ଯନ୍ତ୍ରୀ ସମରେନ୍ଦ୍ର ବେହେରା, ସାମାଜିକ କର୍ମୀ ଭରତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବେଦଭବନ ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ଅନୁଗୋଳରେ ସ୍ୱାଗତ




ଅନୁଗୋଳ ଜିଲାରେ ପହଞ୍ଚିଥିବା ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରାଯାଉଛି।

ଅନୁଗୋଳ,୧୬।୧(ଦିବ୍ୟଶାନ୍ତନୁ ନାଥ)

ଭାରତକୁ ଆର୍ଥିକ ରୂପରେ ସୁରକ୍ଷିତ, ସମୃଦ୍ଧ ଏବଂ ସ୍ୱାବଲମ୍ବୀ କରିବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ଗତ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ପୁରୀ ଶ୍ରୀମନ୍ଦିରଠାରୁ 'ସ୍ୱଦେଶୀ ସଂକଳ୍ପ ଯାତ୍ରା' ପୂର୍ବ ଓଡ଼ିଶା ପରିଭ୍ରମଣ କରୁଛି। ଏହି ଯାତ୍ରା ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଜିଲାରେ ପହଞ୍ଚିଥିଲା। ଅନୁଗୋଳ ଜିଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଏହି ଯାତ୍ରାକୁ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଗତ କରାଯାଇଥିଲା। ସେହିପରି ଗାନ୍ଧୀମାର୍ଗ ଶିଶୁ ମନ୍ଦିର ଠାରେ ମଧ୍ୟ ଏହି ସଂକଳ୍ପ ଯାତ୍ରାର ରଥକୁ ସ୍ୱାଗତ କରିବା ସହିତ ସଂକଳ୍ପ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଅଭୟ ରାୟ, ଶ୍ରୀଗୋପାଳ ମୁଦ୍ରା, ଅମିୟ କୁମାର କର, ଗୋପବନ୍ଧୁ ସାହୁ, ଲରେନ୍‌ଜିତ ସାମଲ, ସୁଶୋଭିତ ସାହୁ, ଜୟନ୍ତ କର ଓ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ପୋଲିସ ସମିତି ବୈଠକ



ବୈଠକରେ ସରପଞ୍ଚଙ୍କ ସହ ପୋଲିସ ଅଧିକାରୀ।

ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ ସଭାଗୃହ ପରିସରରେ ହଣ୍ଡପା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହଣ୍ଡପା ଆଇଆଇସି ରାଜେଶ କୁମାର ଶତପଥୀ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ, ସତ୍ୟବାନ ସାହୁ, ବଳରାମ ନାୟକ, ମୋହନ ସାହୁ, ବସନ୍ତ ବେହେରା, ଲିଙ୍ଗରାଜ ବିଶ୍ୱାଳ, ବୀରବର ପ୍ରଧାନ, ଗିରିଶ ଚନ୍ଦ୍ର ସାହୁ, ବବିତା ସାହୁ, ଅମିତ ସାହୁ, ଅଜିତ କୁମାର ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଏବେ ବ୍ୟାପକ ଚୋରା ମଦ ବିକ୍ରି କରାଯାଉଛି। ବିଭାଗ ପକ୍ଷରୁ ଠିକ୍ ଭାବରେ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଏହି ଚୋରା କାରବାର ବଢ଼ୁଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଏଥିପ୍ରତି ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ଅଧିକାରୀମାନେ କହିଥିବା ବେଳେ ସାଇବର ଅପରାଧ ବିଷୟରେ ଲୋକଙ୍କୁ ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା।

# ଭାଗବତ ଶାନ୍ତିଧାମରେ ମକରମେଳା

ସନ୍ତ୍ରୀଛକ,୧୬।୧(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ମହୀଧରପୁରରେ ଥିବା ଭାଗବତ ଶାନ୍ତିଧାମରେ ମକର ଉତ୍ସବ ପାଳିତ ହୋଇଯାଇଛି। ଏଥିସହ ନାମ ସଂକୀର୍ତ୍ତନ, ବନ୍ଦନା, ପଠନ, ଶ୍ରବଣ ଓ ମନନ କାର୍ଯ୍ୟକ୍ରମ ହୋଇଥିଲା। ମହନ୍ତ କହ୍ନେଇ ଜେନାଙ୍କ ସହ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମାପନ ହୋଇଥିଲା। ମହୀଧରପୁର ସମେତ ତଳମୂଳ, ଫୁଲପଡ଼ା, ସାନ୍ତରାପୁର, ବଉଳୀଗଡ଼, ଖଣ୍ଡହତା, ଅନୁଗୋଳ ଆଦି ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ମହିଳାମାନେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶାନ୍ତିଧାମରେ ପୂଜାର୍ଚ୍ଚନା ପରେ ଠାକୁରଙ୍କୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଆଦର୍ଶ ଗ୍ରୁପ୍ ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳ, ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶାନ୍ତିଧାମ କମିଟି ସଦସ୍ୟ ତ୍ରିପୁର କୁମାର ଜେନା, ଶିଶିର କୁମାର ପାଳ, ରବି ବେହେରା, ଅଭୟ ସାହୁ, ରମେଶ ସାହୁ, ଟୁଟୁ ଜେନା, ଛକୁଡ଼ି ସାହୁ, ଶ୍ରୀକାନ୍ତ ସାହୁ, ମାନସ କୁମାର ସାହୁଙ୍କ ସମେତ ମହୀଧପୁର ଗ୍ରାମବାସୀଙ୍କ ସହଯୋଗରେ ଏହି ମେଳା ଅନୁଷ୍ଠିତ ହୋଇଥିଲା।

# 'ସାଂସ୍କୃତିକ ଜାତୀୟତାବାଦ ଆଣିଥିଲା ବନ୍ଦେ ମାତରମ୍'



ବ୍ଲକସ୍ତରୀୟ ଉତ୍ସବ ପାଳନ ଅବସରରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)

ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଅବସରରେ ଅନୁଗୋଳ ଜିଲା କିଶୋରନଗର ବ୍ଲକସ୍ତରୀୟ ଉତ୍ସବ ଶୁକ୍ରବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ, ମୁଖ୍ୟବକ୍ତା ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଶିଶୁ ପ୍ରକଳ୍ପ ଅଧିକାରୀ ଭାଗ୍ୟଲତା ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ରମଣୀ ରଞ୍ଜନ ସାହୁ ଓ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ବନ୍ଦେ ମାତରମ ସାଂସ୍କୃତିକ ଜାତୀୟତାବାଦ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ମତ ଦେଇଥିଲେ। ଏହି ଅବସରରେ ସାମାଜିକ ନିରାପତ୍ତା ଅଧିକାରୀ ଝସକେତନ ସାହୁଙ୍କ ତତ୍ତ୍ୱାବଧାନରେ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତା କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଗସ୍ତି କୁମାର ସାହୁ ସଂଯୋଜନା କରିଥିଲା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା



ସନ୍ତ୍ରୀଛକ,୧୬।୧,(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଆଶା ଟିକିଜ ପରିସରରେ ଆଶା ଫାଉଣ୍ଡେଶନର ୨୬ତମ ପ୍ରତିଷ୍ଠା ଦିବସ ଏବଂ ନିଉ କ୍ରିଏଶନ ଡ୍ୟାନ୍ସ ଏକାଡେମୀର ୯ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ ଏବଂ ଗଡ଼ତଳ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଯୋଗଦେଇଥିଲେ। ଏଥିରେ ଏକକ ନୃତ୍ୟ, ଗ୍ରୁପ୍‌ଡ୍ୟାନ୍ସ, ରଙ୍ଗଭରୋ, ଚିତ୍ରାଙ୍କନ, ଝୋଟି, ଗୃହଲକ୍ଷ୍ମୀ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିରେ ଜିଲା ଭାଜପା ସମ୍ପାଦକ କୀଟୁ ପଣ୍ଡା, ମଣ୍ଡଳ ସଭାପତି ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନ କର୍ମଚାରୀ ସହଯୋଗ କରିଥିଲେ।

# ହୁଲୁରିସିଂହାରେ ଜାତୀୟ ଯୁବ ଦିବସ ପାଳିତ

ଅନୁଗୋଳ,୧୬।୧(ଦିବ୍ୟଶାନ୍ତନୁ ନାଥ)

ଲାଇଟହାଉସ କମ୍ୟୁନିଟିଜ୍ ଫାଉଣ୍ଡେଶନ ଉଦ୍ୟମରେ ଅନୁଗୋଳ ହୁଲୁରିସିଂହା ଅଞ୍ଚଳର ଦଶ ଦୋଳମଣ୍ଡପଠାରେ ମଙ୍ଗଳବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଲାଇଟହାଉସ ଦ୍ୱାରା ପ୍ରାୟ ୧୨୦୦ରୁ ଅଧିକ ଯୁବତୀ ଯୁବକ ତାଲିମ ନେଇଥିବାବେଳେ, ସେମାନଙ୍କ ମଧ୍ୟରୁ ୮୫୦ ଜଣ ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲାଇଟହାଉସର ୧୫ ଜଣ ଆଲୁମ୍ନିଙ୍କୁ ମାନପତ୍ର ଓ ସ୍ନାତକ ପ୍ରଦାନ କରାଯାଇଥିଲା। ଏହାସହ ତାଲିମ ପାଇଥିବା ଯୁବତୀ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, କାଉନସିଲର ସରିତା ମିଶ୍ର, କାଉନସିଲର କୈଳାସ ପ୍ରଧାନ, କାଉନସିଲର ନିରଞ୍ଜନ କର, କାଉନସିଲର ସୁଶୀଲ ମୁଖୀ, କୁକୁଡ଼ାଙ୍ଗାର ପୂର୍ବତନ ସରପଞ୍ଚ ଅମିୟ ତ୍ରିପାଠୀ, ଉତ୍କର୍ଷ ପରିବାରର ମୁଖ୍ୟ ଭୀଷ୍ମ ସାହୁ, ମୋ ଭାରତ ଯୁବ ଭାରତ ପ୍ରତିନିଧି ତପନ ସାମଲ, ଜିଲା ମୁଖ୍ୟ କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଲାଇଟହାଉସ କମ୍ୟୁନିଟିଜ୍ ମୁଖ୍ୟ ରାଜେଶ ସ୍ୱାଇଁ, ସହମୁଖ୍ୟ ହୋଦ୍ୟୁତି ବେହେରା, ଫାଉଣ୍ଡେଶନ ଟ୍ରେନର ବିସ୍ମିତା ଶେଠ, ପ୍ଲେସମେଣ୍ଟ କୋଅର୍ଡିନେଟର ଯଶୋବନ୍ତ ପରିଡ଼ା, ସୁସ୍ମିତା ବାରିକ ପରିଚାଳନା କରିଥିଲେ।

# ରାମକୃଷ୍ଣ ସେବା ସମିତି ପକ୍ଷରୁ କମ୍ବଳ, ଲୁଗା ବଣ୍ଟନ



ତାଳଚେର,୧୬।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ରାମକୃଷ୍ଣ ସେବା ସମିତି ପକ୍ଷରୁ ବୁଧବାର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାମକୃଷ୍ଣ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ୨୦ ତମ ସେବା ସଂକଳ୍ପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ରାମକୃଷ୍ଣ ସେବା ସମିତିର ୨୦ ବର୍ଷ ଧରି ଏଭଳି ସେବା ମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସ୍ୱପ୍ନାରାଣୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ତାଳଚେର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାଳନ୍ଦୀ ସାହୁ, ସ୍କୁଲ ସଭାପତି ଆଇନଜୀବୀ କୁଶ ବିହାରୀ ସାମଲ, ସଞ୍ଜୀବ ନାୟକ, ଶଙ୍କର୍ଷଣ ମିଶ୍ର, ଅମିତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଭିଜିଲାନ୍ସ ଜାଲରେ ଡାକ୍ତର

ତାଳଚେର, ୧୬।୧ (ମନୋଜ ନନ୍ଦ)/ ପବିତ୍ରନଗର( ନିରାଜ ପ୍ରଧାନ)

ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପ୍ରୋତ୍ସାହନ ରାଶି ମଞ୍ଜୁର କରିବା ନିମନ୍ତେ ୪୯ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲା କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁମନ୍ତ କୁମାର ପଟେଲ। ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରିଛନ୍ତି। ଡାକ୍ତର ପଟେଲଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ଡାକ୍ତରଙ୍କ ୩ ଗୋଟି ଠିକଣାରେ ଚଢ଼ାଉ ଜାରି ରହିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ପିଏସ୍ ନମ୍ବର ୦୨ରେ ଏକ ମାମଲା ରୁଜୁ କରାଯାଇଛି।


**कार्यपालक अभिंयता का कार्यालय, लघु वितरणी प्रमण्डल सं०–8, जमशेदपुर**
(Email – eemdd8.chandil@gmail.com)

निविदा रद्द करने की सूचना

इस कार्यालय के Expression of Interest (EOI), Very Short e-Tender inviting Notice no.- WRD/MDD8/JSR-04/2024-25, Date:- 11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर

PR 370789 Water Resource(25-26).D

**कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।**
शुद्धि–पत्र

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाहन्। | 13.01.2026 के 11:00 बजे पूर्वाहन्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाहन्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।

PR 370808 West Singhbhum(25-26)D

**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**
झारखण्ड सरकार
अल्पकालीन ई–निविदा आमंत्रण सूचना
अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26

1.कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी०एल०एफ० के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाइट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।

PR 370730 Rural Work Department(25-26)D

**कार्यपालक अभियंता का कार्यालय,**
ग्रामीण कार्य विभाग, कार्य प्रमण्डल, चतरा।

शुद्धि–पत्र

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् ई–अल्पकालीन निविदा संख्या– **05/2025-26/RWD/CHATRA**, दिनांक– 31.12.2025 (**Construction of PCC Road from Panchwati Pul to Bachra Basti End via Bachra Basti Mandir**), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका **P.R. No. 369869 Rural Work Department(25–26):D** है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– **19.01.2026**
2. ई–निविदा प्राप्ति की अंतिम तिथि एवं समय :– **01.02.2026 अपराह्न 5.00 बजे तक।**
3. ई–निविदा खोलने की तिथि एवं समय :– **03.02.2026 अपराह्न 03.30 बजे।**
4. अन्य शर्ते यथावत् रहेंगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR 370800 (Rural Work Department) 25-26 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

**Corrigendum – 6**

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.

PR 370845 Urban Development(25-26)#D

# ଆଲମିରା ଭର୍ତ୍ତି ଟଙ୍କା ଜବତ

## ବିଜେଡି ନେତା, ଠିକାଦାର, ବାଲି ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)/ ଭୁବନେଶ୍ୱର,୧୬।୧(ସତ୍ୟଜିତ ରାଉତ)



ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର ଓ ବାଲି ବ୍ୟବସାୟୀଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ବଡ଼ଧରଣର ଏକାକାଳୀନ ଚଢ଼ାଉ କରାଯାଇଛି। ଏହି ସମୟରେ ଜଣେ ବ୍ୟବସାୟୀଙ୍କ ଘରୁ ଆଲମିରା ଭର୍ତ୍ତି ଟଙ୍କା ଜବତ ହୋଇଛି, ଯାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗିରହିଛି। ଟିକସ ଫାଙ୍କି ଓ ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ରହ୍ମପୁର ସହର ସମେତ କନିଶି, ଶେରଗଡ଼ ଓ ଆସିକା ଅଞ୍ଚଳରେ ଇଡି ଅଧିକାରୀମାନେ ଚଢ଼ାଉ କରି ବହୁ କାଗଜପତ୍ର ଜବତ କରିଛନ୍ତି। ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ର ବିଜେଡି ନେତା ତଥା ଠିକାଦର ହୃଷୀକେଶ ପାଢ଼ୀ ଓ ତାଙ୍କ ପୁଅ ସଚିନ ପାଢ଼ୀଙ୍କ ଘର, ଆସିକାର ବାଲି ବ୍ୟବସାୟୀ ଭଗବାନ୍ ସାହୁ, ବ୍ରହ୍ମପୁର କନିଶିର ସୁନୀଲ ପାତ୍ର, ଶୁଭାଶିଷ ସାହୁ ଓରଫ ବଣ୍ଟି, ଲାଞ୍ଜିପଲ୍ଲୀ ଉମନଗର ଅଞ୍ଚଳର ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ଘରେ ଚଢ଼ାଉ କରାଯାଉଛି। ସେହିପରି ଏହି କ୍ରାଇମ୍ ସିଣ୍ଡିକେଟ୍ ଲିଙ୍କ୍‌ରେ ବ୍ରହ୍ମପୁରସ୍ଥିତ ସନ୍ତୋଷ ଦଳେଇଙ୍କ ଘରେ ମଧ୍ୟ ଯାଞ୍ଚ କରାଯାଇଛି। ତେବେ ଶେରଗଡ଼ର ହୃଷୀକେଶ ଓ ତାଙ୍କ ପୁଅ ସଚିନ ଠିକାଦର ହୋଇଥିବା ବେଳେ ଅନ୍ୟମାନେ ବାଲି ବ୍ୟବସାୟରେ ସମ୍ପୃକ୍ତ ଅଛନ୍ତି। ଆଲମିରା ଭର୍ତ୍ତି ଟଙ୍କା ଜବତ ହୋଇଥିବା ଘର କାହାର ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଏମାନଙ୍କ ସହଯୋଗୀଙ୍କ ଘର ବୋଲି ସୂଚନା ମିଳିଛି। ଏହି ଟଙ୍କା ୫୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସହଯୋଗୀ ଜଣକ ବଡ଼ ବାଲି ବ୍ୟବସାୟୀ ହୋଇ ନ ଥିବା ବେଳେ ତାଙ୍କଘରୁ ଏତେ ପରିମାଣର ଟଙ୍କା ଜବତ ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ବିଶ୍ୱାସ କରିପାରୁନାହାନ୍ତି। ଏହି ସିଣ୍ଡିକେଟରେ ଥିବା ବହୁ ବଡ଼ ବ୍ୟବସାୟୀମାନେ ସନ୍ତୋଷଙ୍କ ଘରେ କିଛିଦିନ ହେବ ଏହି ଟଙ୍କା ଗଚ୍ଛିତ କରି ରଖିଥିଲେ ବୋଲି ଚର୍ଚ୍ଚା ହେଉଛି। ଜବତ ଟଙ୍କାକୁ ବ୍ୟାଙ୍କ ଅଧିକାରୀମାନେ ନେଇ ଗଣତି ଆରମ୍ଭ କରିଛନ୍ତି। ତେବେ ଚଢ଼ାଉ କରାଯାଇଥିବା ବାଲି ବ୍ୟବସାୟୀଙ୍କ ଭୁବନେଶ୍ୱର ଓ କଟକର କିଛି ସ୍ଥାନରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ ଓ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ଏମାନେ ବେନାମୀ ଲୋକଙ୍କ ନାଁରେ ବାଲିଘାଟ ଟେଣ୍ଡର ନେଇ ବ୍ୟବସାୟ କରୁଥିବା ଅଭିଯୋଗ ରହିଛି। ଏପରିକି ସେମାନେ ଦୀର୍ଘଦିନ ହେବ ବେଆଇନ ଭାବେ ବାଲି ଖନନ କରି ବିପୁଳ ଟଙ୍କା ରୋଜଗାର କରିଥିବା ବେଳେ ଟିକସ ମଧ୍ୟ ପୈଠ କରୁ ନ ଥିଲେ। କିଛିଦିନ ହେବ ଇଡି ପକ୍ଷରୁ ସେମାନଙ୍କ ଉପରେ କଡା ନଜର ରଖାଯାଇଥିଲା। ପରେ ସର୍ଚ୍ଚ ୱାରେଣ୍ଟ ସହ ଇଡି ପକ୍ଷରୁ ଏହି ବଡ଼ ଧରଣର ରେଡ୍ କରାଯାଉଛି। ଏନେଇ ଇଡି ପକ୍ଷରୁ ପ୍ରେସ ରିଲିଜ୍ ଜରିଆରେ କୁହାଯାଇଛି, ବେଆଇନ ଓ ଅନଧିକୃତ ଭାବେ ବାଲି ଓ କଳା ପଥର ଖନନ ଏବଂ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଏହି ଚଢ଼ାଉ କରାଯାଉଛି। ବ୍ୟବସାୟୀମାନେ ଅପରାଧୀ ଶ୍ରେଣୀୟ ହୋଇଥିବାବେଳେ ବାହୁବଳ ଜରିଆରେ ଜବରଦଖଲ କରି ବେଆଇନ ଭାବେ ଲଘୁ ଖଣିଜ ଖନନ କରିବା ସହ ସ୍ଥାନୀୟ ଲୋକଙ୍କୁ ଶୋଷଣ ଓ ଭୟଭୀତ କରି ରଖୁଛନ୍ତି। ସେମାନେ ଜାଲ କାଗଜପତ୍ର ଜରିଆରେ ଏହି କାରବାର କରିଆସୁଛନ୍ତି। ଏହାଦ୍ୱାରା ରାଜସ୍ୱ ହାନି ଘଟିଛି। ଜବତ ହୋଇଥିବା ଟଙ୍କାର ନିର୍ଦ୍ଦିଷ୍ଟ ପରିମାଣ ଓ ଅନ୍ୟାନ୍ୟ ବିବରଣୀ ବିଷୟରେ ଆଗକୁ ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି।

## ପୂର୍ବ ଶତ୍ରୁତା ନେଇ ଯୁବକଙ୍କୁ ଆକ୍ରମଣ

ସନ୍ତ୍ରିଛକ,୧୬।୧(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ତେନ୍ତୁଳିହତା ସାହିର ସୁମନ୍ତ ନାଏକ (୨୮)ଙ୍କୁ ସେହି ସାହିର ହେମନ୍ତ ନାଏକ ଓ ୨ ପୁଅ ଉତ୍ତମ ନାଏକ, ଶ୍ରୀତମ ନାଏକ ଶୁକ୍ରବାର ଆକ୍ରମଣ କରିଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୁମନ୍ତ ଘରକୁ ଫେରୁଥିବାବେଳେ ୩ ଅଭିଯୁକ୍ତ ଟାଙ୍ଗିଆରେ ଡାହାଣ ଗୋଡ଼କୁ ହାଣିବା ସହ ଶାବଳରେ ପିଟିଥିଲେ। ସୁମନ୍ତଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ସୁମନ୍ତଙ୍କୁ ଉଦ୍ଧାର କରି ବଅଁରପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏ ନେଇ ବଅଁରପାଳ ଥାନାରେ ସୁମନ୍ତଙ୍କ ଭଉଣୀ ବିନୋଦିନୀ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୯/୨୦୨୬ ରେ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

## ୨୬୦ ଲିଟର ମଦ ଜବତ, ୨ ଗିରଫ

କାମାକ୍ଷାନଗର,୧୬।୧ (ସୁଧୀର ପରିଡ଼ା)



ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଅଞ୍ଚଳର ୩ଟି ସ୍ଥାନରେ ଶୁକ୍ରବାର କାମାକ୍ଷାନଗର ଅବକାରୀ ବିଭାଗ ଓ କଙ୍କଡ଼ାହାଡ଼ ପୋଲିସ ଚଢ଼ାଉ କରି ୨୬୦ ଲିଟର ଦେଶୀ ମଦ ଜବତ ସହ ୬୫୫୦ କେଜି ପୋଚ ନଷ୍ଟ କରିଛି। ଏଥିସହିତ ଦେବରାଜ ବେଶ୍ରା(୩୦) ଓ ସୌନ ମୁର୍ମୁଙ୍କୁ ଗିରଫ କରିଛି। ଦେବରାଜଙ୍କ ଠାରୁ ୬୦ ଲିଟର ଦେଶୀ ମଦ ଓ ବାଇକ୍ ଜବତ ହୋଇଥିବା ବେଳେ ସୌନଙ୍କ ଠାରୁ ୧୦୦ ଲିଟର ଦେଶୀ ମଦ ସହ ୧୫୫୦ କେଜି ପୋଚ ଜବତ କରାଯାଇଛି। ସେହିପରି ଅନ୍ୟସ୍ଥାନରୁ ୫୦୦୦ କେଜି ପୋଚ ଓ ୧୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସୂଚନା ଅନୁଯାୟୀ, କଙ୍କଡ଼ାହାଡ଼ ଥାନା ବାଲିକୁମା, ତାରିଣୀପଶି, କରଡ଼ାପାଳ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଏକାଧିକ ଦେଶୀ ମଦଭାଟି ଗଢି ଉଠିଥିବା ଖବରପାଇ ମିଳିତ ଟିମ୍ ଚଢ଼ାଉ କରି ମଦ ଭାଟି ସମ୍ପୂର୍ଣ୍ଣ ନଷ୍ଟ କରିବା ସହ ଦେଶୀ ମଦ, ପୋଚ ନଷ୍ଟ କରିଥିଲା। ଚଢ଼ାଉବେଳେ କଙ୍କଡାହାଡ଼ ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ, ପରଜଙ୍ଗ ଅବକାରୀ ଥାନା ଅଧିକାରୀ ବାସନ୍ତୀ ବାକଲି, ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ, କୁଳମଣି ମହାରଣା, ଭୁବନ ଅବକାରୀ ଥାନା ସବ୍ ଇନ୍ସପେକ୍ଟର ବୁଲୁ ପାତ୍ର, କଙ୍କଡାହାଡ଼ ଥାନା ଏଏସ୍‌ଆଇ ସଞ୍ଜୟ ସିଂହ, ଏସ୍‌ଆଇ ସନାତନ ବେହେରା, ପ୍ରକାଶ ରାଉତ, ହରିହର ସୋରେନ, ଢେଙ୍କାନାଳ, ଭୁବନ, ଗଁନ୍ଦିଆ ଅବକାରୀ ବିଭାଗ ପୋଲିସ ଫୋର୍ସ ସାମିଲ ଥିଲେ।

## ଅଶ୍ଳୀଳ ନୃତ୍ୟ ଦେଖିବା ମହଙ୍ଗା ପଡ଼ିଲା, ବଦଳିଲେ ଫାଣ୍ଡି ଅଧିକାରୀ

ବଲାଙ୍ଗୀର, ୧୬।୧ (ବୀରେନ୍ଦ୍ର କୁମାର ଝାଙ୍କର)

**ଚନ୍ଦନଭାଟି ଅପେରା ଭିଡିଓ ଭାଇରାଲ ଘଟଣା**

**ନିଶାଙ୍କ ବିରୋଧରେ ମାମଲା, ୨ ଆୟୋଜକଙ୍କୁ ଗିରଫ କରିଥିଲା ପୋଲିସ**

ଅଶ୍ଳୀଳ ନୃତ୍ୟ ଦେଖିବା ବଲାଙ୍ଗୀର ଜିଲା ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପ୍ରଧାନଙ୍କୁ ମହଙ୍ଗା ପଡିଛି। ତାଙ୍କ ଭିଡିଓ ଭାଇରାଲ ହେବା ପରେ ବଲାଙ୍ଗୀର ଏସ୍‌ପି ତାଙ୍କୁ ତୁରନ୍ତ ଫାଣ୍ଡିରୁ ବଦଳି କରି ଜିଲା ପୋଲିସ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମରେ ଆୟୋଜିତ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଅଭିଯୋଗରେ ଆଇଟମ ଗର୍ଲ ନିଶା ମହାରଣା, ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ୍ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିଲା। ଏଭଳିକି ପୋଲିସ ଆୟୋଜକ କମିଟି ସଭାପତି ନାଗ ଏବଂ ସମ୍ପାଦକ ମେହେରଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରୁ ଏଦୁହେଁ ଜାମିନରେ ଆସିଛନ୍ତି। ନିଶାଙ୍କ ଅଶ୍ଳୀଳ ନୃତ୍ୟର ଭିଡିଓ ଭାଇରାଲ ପରେ ପୋଲିସ ନିଜ ପକ୍ଷରୁ ମାମଲା ରୁଜୁ କରି ଚର୍ଚ୍ଚା ସାଉଁଟିଥିଲା। ତେବେ ଏହି ମାମଲାରେ ଏବେ ଖୋଦ୍ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ପ୍ରଧାନ ବିବାଦୀୟ ହୋଇପଡିଥିଲେ। ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହୋଇଥିଲା ବୋଲି ବୁଧବାର ସେ ନିଜେ ଅଭିଯୋଗ କରିଥିଲେ। ଘଟଣା ଦିନ ଅପେରା ମଞ୍ଚରେ ନିଶା ଅଶ୍ଳୀଳ ନୃତ୍ୟ ପରିବେଷଣ କଲାବେଳେ ସେ ଉପସ୍ଥିତ ରହି ଏହାର ମଜା ଉଠାଉଥିଲେ ବୋଲି ଶୁକ୍ରବାର ଜୋରସୋର ଚର୍ଚ୍ଚା ହୋଇଥିଲା। ଏଭଳିକି ସେଦିନ ଅପେରା ମଞ୍ଚର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓରେ ଦର୍ଶକ ଗ୍ୟାଲେରିରେ ଥିବା ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଚନ୍ଦନଭାଟି ଫାଣ୍ଡି ଅଧିକାରୀ ବୋଲି ପ୍ରଚାର ହେବା ପରେ ଘଟଣାଟି ବିବାଦୀୟ ହୋଇପଡିଥିଲା। ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦନଭାଟିଠାରେ ସାଇକ୍ରୁପା ଏସ୍‌ଏଚ୍‌ଜି ପକ୍ଷରୁ ଅପେରା ଦୁର୍ଗା ମନ୍ଦିରର ନାଟକ ପରିବେଷିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫାଣ୍ଡିଅଧିକାରୀ ଜଣଙ୍କ ମଞ୍ଚକୁ ଯାଇଥିବା କୁହାଯାଇଛି। ଏନେଇ ବଲାଙ୍ଗୀର ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି, ଚନ୍ଦନଭାଟିରେ ଅନୁଷ୍ଠିତ ଅପେରାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଛି।

## ୭ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଦାୟ ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତ ଜଣକ ହେଲେ ପୋଲସରା ଅଞ୍ଚଳର ନିରଞ୍ଜନ ଶବର (୩୦)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ପୋଲସରା ଥାନା ଅଞ୍ଚଳର ଜଣେ ନାବାଳିକା ମା' ବାପାଙ୍କୁ ହରାଇବା ପରେ ତାଙ୍କ ବଡ଼ବାପାଙ୍କ ଘରେ ରହି ୭ମ ଶ୍ରେଣୀରେ ପାଠ ପଢୁଥିଲେ। ୨୦୨୪ ଜୁନ ୧୫ରେ ସେ ପୋଖରୀକୁ ଯାଉଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ତାଙ୍କ ପାଟି ଚିପି ଏକ ନିର୍ଜନ ସ୍ଥାନକୁ ନେଇଯାଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଭୟଭୀତ କରି ପ୍ରାୟ ଏକ ବର୍ଷ ଧରି ବାରମ୍ବାର ବଳାତ୍କାର କରିଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ୨୦୨୫ ମେ ୨ରେ ପୀଡ଼ିତା ତାଙ୍କ ଭଉଣୀଙ୍କୁ ସମସ୍ତ ଘଟଣା କହିଥିଲେ। ପରେ ଭଉଣୀ ଏ ନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୩ /୨୫ରେ ଏକ ମାମଲା ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଥିଲା।

# Business

## ଫର୍ନିଚର, ଇଣ୍ଟେରିୟର, ଲାଇଫଷ୍ଟାଇଲ ଏକ୍ସପୋ ଆରମ୍ଭ

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)



ବାଣିଜ୍ୟିକ ମହୋତ୍ସବ ୨ୟ ଫର୍ନିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ ଏକ୍ସପୋ–୨୦୨୬ ଶୁକ୍ରବାର ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ ଟାଉନ ଗ୍ରାଉଣ୍ଡଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ୧୧ ଦିନିଆ ମେଳା ରାଜଧାନୀବାସୀଙ୍କ ପାଇଁ ନୂତନ ବର୍ଷର ଏକ ପ୍ରମୁଖ ଆକର୍ଷଣ ସାଜିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୁଶୃତ ହସ୍ପିଟାଲ ଅଧ୍ୟକ୍ଷା ଚିଦାତ୍ମିକା ଖଟୁଆ, ରୋଟାରି ଗଭର୍ନର ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଏହ ଏକ୍ସପୋରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ବିଦେଶୀ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ମେଳାରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଜୀବନଶୈଳୀ ସାମଗ୍ରୀର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳୁଛି । ବିବାହ ଋତୁକୁ ଦୃଷ୍ଟିରେ ରଖି ବିଭିନ୍ନ ଉତ୍ପାଦ ଏଠାରେ ଉପଲବ୍ଧ ହେଉଥିବାବେଳେ ଇରାନୀ ଗାଲିଚା, କଶ୍ମୀରୀ ଫର୍ନିଚର ଏବଂ ଆଣ୍ଟିକ୍ କାରୁକାର୍ଯ୍ୟ ପିତଳ ଜିନିଷ ମଧ୍ୟ ମିଳୁଛି। କୋରିଆନ୍ ଆକ୍ସେସରିଜ୍, ଦୁବାଇ ପୋଷାକ ଓ ଥାଇଲାଣ୍ଡ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଆଫଗାନିସ୍ତାନର ଶତାଧିକ ଡ୍ରାଏ ଫ୍ରୁଟସ୍ ଏବଂ ଚମ୍ପାରନ୍ ମଟନ ମଧ୍ୟ ଗ୍ରାହକ ଉପଭୋଗ କରୁଛନ୍ତି। ତେବେ ଏହି ପ୍ରଦର୍ଶନୀରେ 'ଜଳପରୀ' ମୁଖ୍ୟ ଆକର୍ଷଣ ରହିଛି। ପ୍ରଥମଥର ପାଇଁ ଆଗନ୍ତୁକ ଭୁବନେଶ୍ୱରରେ ଜଳପରୀ ଶୋ'ର ମଜା ନେଉଛନ୍ତ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା କହିଛନ୍ତି, ବିଶ୍ୱସ୍ତରୀୟ ବ୍ୟବସାୟୀ ଏବଂ ସ୍ଥାନୀୟ ଗ୍ରାହକଙ୍କ ମଧ୍ୟରେ ଏକ ଦୃଢ ସମ୍ପର୍କ ସ୍ଥାପନ କରିବା ଏହାର ଲକ୍ଷ୍ୟ। ଆଶା କରାଯାଉଛି , ଏହି ୧୧ ଦିନ ମଧ୍ୟରେ ୨ ଲକ୍ଷରୁ ଅଧିକ ଦର୍ଶକ ଏହି ଏକ୍ସପୋ ପରିଦର୍ଶନ କରିବେ ବୋଲି ସେ କହିଛନ୍ତି। ଜାନୁଆରୀ ୨୬ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବ। ସୂଚନା ଥାଉକି, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ବିଷୟରେ ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ପରିଚାଳିତ ଏହି ସଂସ୍ଥା ଦଶନ୍ଧିରୁ ଅଧିକ ସମୟ ଧରି ବୃତ୍ତିଗତ ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଭାବେ ପରିଚିତ।

## ପାତ୍ରପଡ଼ାରେ ଖୋଲିଲା ଗ୍ରେଟ୍ ଇଷ୍ଟର୍ନର ନୂଆ ଷ୍ଟୋର

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)



ଓଡ଼ିଶାରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ୯ମ ଷ୍ଟୋର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ପାତ୍ରପଡ଼ାରେ ଏହି ଷ୍ଟୋରର ଉଦଘାଟନୀ ଉତ୍ସବରେ ଗ୍ରେଟ୍ ଇଷ୍ଟର୍ନର ନିର୍ଦ୍ଦେଶକ ପୁଲକିତ ବୈଦ୍ୟ, ରାଜ୍ୟ ମୁଖ୍ୟ (ଓଡ଼ିଶା) ସ୍ୱାଧୀନ ଷଡ଼ଙ୍ଗୀ ଓ ଲଏଡ୍‌ର ଶାଖା ମୁଖ୍ୟ ଅନୁପମ ଶ୍ରୀବାସ୍ତବ ଏହି ଅବସରରେ ଉପସ୍ଥିତ ଥିଲେ। ହ୍ୱିର୍ଲପୁଲ, ବୋଶ୍, ଗୋଦ୍‌ରେଜ, ହାଭେଲସ୍ ଲଏଡ୍ ଏଲ୍‌ଜି, ସାମ୍‌ସଙ୍ଗ୍, ଭୋଲାଟାସ୍, ହାୟର ଓ ଡାଇକିନ୍ ଆଦି କମ୍ପାନୀର ଏଲ୍‌ଇଡି, ରେଫ୍ରିଜେରେଟର, ୱାଶିଂମେଶିନ, ଏସି, ମିକ୍ସର ଗ୍ରାଇଣ୍ଡର, ଓଭାନ, ୱଟେର ପ୍ୟୁରିଫାୟାର ଆଦି ଉପଲବ୍ଧ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ସମସ୍ତ ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ରହିଛି। ଅନ୍ୟପଟେ ଜାନୁଆରୀ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଗ୍ରାହକ 'କଷ୍ଟ୍ ଟୁ କଷ୍ଟ୍' ଅଫର ଲାଭ ନେଇପାରିବେ ବୋଲି ପୁଲକିତ କହିଛନ୍ତି। ଗ୍ରାହକ ସେବାକୁ କମ୍ପାନୀ ସର୍ବଦା ପ୍ରାଥମିକତା ଦେଉଥିବାବେଳେ ବର୍ଦ୍ଧିତ ୱାରେଣ୍ଟି ସମୟସୀମା ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ମତ ଦେଇଛନ୍ତି। ୧୦୦ କିଲୋମିଟର ପରିଧି ମଧ୍ୟରେ ନିଃଶୁଳ୍କ ଡେଲିଭରି ସେବା ପ୍ରଦାନ କରାଯାଉଛି। ଭୁବନେଶ୍ୱରର ଏହା ତୃତୀୟ ଷ୍ଟୋର ହୋଇଥିବାବେଳେ ପୂର୍ବରୁ ବାପୁଜୀନଗର ଓ ଟଙ୍କପାଣି ରୋଡ୍‌ରେ ୨ଟି ଷ୍ଟୋର ରହିଥିବା ପୁଲକିତ ସୂଚନା ଦେଇଛନ୍ତି। ପଟିଆରେ ଥିବା ଅନ୍ୟ ଏକ ଷ୍ଟୋରକୁ ସ୍ଥାନାନ୍ତର କରାଯିବା ଯୋଜନା ରହିଛି, ଯାହାକି ସହରର ୪ର୍ଥ ଷ୍ଟୋର ହେବ।

## ସ୍ୱାସ୍ଥ୍ୟସେବାରେ ସ୍ମାର୍ଟ ଟେକ୍ନୋଲୋଜିକୁ ପତଞ୍ଜଳିର ଗୁରୁତ୍ୱ



ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)

ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ରୁର୍‌କୀର ତତ୍ତ୍ୱାବଧାନରେ, ଆମେରିକୀୟ ସଂସ୍ଥାନଗୁଡ଼ିକର ସହଯୋଗରେ ହରିଦ୍ୱାରରେ ଗୁରୁବାର ୩ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କୁଳପତି ପ୍ରଫେସର ମୟଙ୍କ ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଡ. ଦେବ ଶର୍ମା କବୀର ଦୋହା ମାଧ୍ୟମରେ ସେବା ଓ ଲୋକକଲ୍ୟାଣ ଉପରେ ଜୋର ଦେଇ ଡିଜିଟାଲ ସ୍ୱାସ୍ଥ୍ୟ, ସାଇବର୍ ସୁରକ୍ଷା ଓ ଏଆଇ ସ୍ମାର୍ଟ ପ୍ରଣାଳୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଲକ୍ଷ୍ମୀଧର ବେହେରା ଏଆଇର ନୈତିକତା, ନବୀକରଣ ଓ ଭାରତୀୟ ଜ୍ଞାନ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଚାର୍ଯ୍ୟ ବାଲକ୍ରିଷ୍ଣା କୃଷି ଜୀବନରେ ସନାତନ ସିଦ୍ଧାନ୍ତ, ପ୍ରାକୃତିକ କୃଷି ଓ ପଞ୍ଚମହାଭୂତ ଉପରେ ଆଲୋଚନା କରିଥିଲେ। ସଚିନ ଚୌଧରୀ ରାଷ୍ଟ୍ରୀୟ ମାନକ ଓ ଗୁଣବତ୍ତା ଉପରେ ସୂଚନା ଦେଇଥିଲେ। ପ୍ରଫେସର କମଳକିଶୋର ପନ୍ତ ଟେଲିମେଡିସିନ, ଡିଜିଟାଲ ସ୍ୱାସ୍ଥ୍ୟ ଓ ଭାରତୀୟ ସଂସ୍କୃତିର ବୈଶ୍ୱିକ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଡ. ବେଦପ୍ରିୟା ଆର୍ଯ୍ୟା ଅନୁସନ୍ଧାନ ରୂପରେଖା ପ୍ରସ୍ତୁତକରି ଏଗ୍ରିଟେକ୍, ମୃତ୍ତିକା ପରୀକ୍ଷଣ ଓ ଏଆଇ ବ୍ୟବହାରକୁ ବ୍ୟାଖ୍ୟା କରିଥିଲେ। ଆତ୍ମନିର୍ଭର ଓ ବିକଶିତ ଭାରତର ସଂକଳ୍ପ ଦୋହରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶେଷଜ୍ଞ ଡ. ପ୍ରଶାନ୍ତ କଟିଆର, କନକ ସୋନି, ପ୍ରଫେସର ମୟଙ୍କ ଅଗ୍ରୱାଲ, ଡ. ସବିତା ପ୍ରମୁଖ ଯୋଗଦେଇଥିଲେ।

## ନୂତନ ଟାଟା ସିଆରାର ବଜାର ପ୍ରବେଶ

ବ୍ରହ୍ମପୁର,୧୬।୧(ଅଶୋକ କୁମାର ସାହୁ)




ଟାଟା ମୋଟର୍ସର ବ୍ରହ୍ମପୁର ଶୋ'ରୁମ୍ ଡିଅନ ଅଟୋମୋଟିଭ୍‌ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ନୂତନ ଟାଟା ସିଆରାର ବଜାର ପ୍ରବେଶ ହୋଇଛି। କମ୍ପାନୀର ସିଇଓ ସତ୍ୟମ୍ ପଟ୍ଟନାୟକ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଆଞ୍ଚଳିକ ପ୍ରବନ୍ଧକ ହରେକୃଷ୍ଣ ପଣ୍ଡା ଆନୁଷ୍ଠାନିକ ଭାବେ ଗାଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଆର୍‌ବିସି ମୁଖ୍ୟ ଅଶ୍ୱିନୀ ଗୌଡ, ଟାଟା ମୋଟର୍ସର ଆଞ୍ଚଳିକ ପ୍ରବନ୍ଧକ ଶୈଳେଶ ରାୟ, ହର୍ଷରାଜ ସିଂ ଏବଂ ଜସ୍‌ବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ସିଆରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଆରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ଉକ୍ତ ଗାଡ଼ିର ଲଞ୍ଚିଂ ପରେ ମାସକ ଭିତରେ ୭୦ ହଜାର ବୁକିଂ କମ୍ପାନୀ ପାଇଥିବା ବେଳେ ଏହାର ବିକ୍ରି ଲକ୍ଷ୍ୟ ୧ ଲକ୍ଷ ୨୫ ହଜାର ପାରହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମହମ୍ମଦ ସୋହେବ କହିଛନ୍ତି। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଆରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ଟଙ୍କା ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ଟଙ୍କା ରହିଛି। ହାରିଅରର ମୂଲ୍ୟ ପେଟ୍ରୋଲ ଭର୍ସନରେ ୧୨.୮୯ ହଜାରରୁ ୧୪ ଲକ୍ଷ ୬୯ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସଫାରିର ପେଟ୍ରୋଲ ଭର୍ସନ ମୂଲ୍ୟ ୧୩ ଲକ୍ଷ ୨୯ ହଜାରରୁ ୧୫ ଲକ୍ଷ ୧୫ ହଜାର ଟଙ୍କା ରହିଛି। ଟାଟା ନ୍ୟୁ ପଞ୍ଚର ପେଟ୍ରୋଲ ଭର୍ସନର ୫ ଲକ୍ଷ ୫୯ ହଜାରରୁ ୬ ଲକ୍ଷ ୩୫ ହଜାର ଟଙ୍କା ରହିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚ ଓ ନୂଆ ହାରିଅରକୁ ମଧ୍ୟ ଅତିଥିମାନେ ଅନବାବରଣ କରିଥିଲେ।

## ବରୁଣେଶ୍ୱର ମେଳାରେ ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)

ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ଫ୍ରିଡମ ଷ୍ଟଲ୍ ଖୋଲିଛି। ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ରହିଛି। କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳଙ୍କ ନେତୃତ୍ୱରେ ଆୟୋଜିତ ଷ୍ଟଲକୁ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫ୍ରିଡମ ସନ୍‌ଫ୍ଲାୱାର ତେଲ ସାରା ଦେଶରେ ଖ୍ୟାତି ଅର୍ଜନ କରିଛି। ବରୁଣେଶ୍ୱର ମେଳାରେ ଖୋଲାଯାଇଥିବା ଫ୍ରିଡମ ଷ୍ଟଲ୍‌ରୁ ପରଖି ତେଲ ନିଅନ୍ତୁ ଏବଂ ବ୍ୟବହାର କରନ୍ତୁ ବୋଲି ଗ୍ରାହକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଖାଦ୍ୟ ଅଧିକାରୀ ରାକେଶ କୁମାର ସାହୁ, ଡିଏସ୍‌ପି ବାମଦେବ ନନ୍ଦ, ବିଶିଷ୍ଟ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାନକୀକାନ୍ତ ମହାନ୍ତି, ପ୍ରକାଶ କୁମାର ପାତ୍ର. ଭାଗ୍ୟ ରଞ୍ଜନ ସେଠୀ, ରଞ୍ଜିତ କୁମାର ପହି, ବସନ୍ତ କୁମାର ଘଡେଇ, ପ୍ରଦୀପ କୁମାର ଦେଓ, ସାଗର କୁମାର ସାହୁ, ପ୍ରକାଶ ମିଶ୍ର, ବିଜନ କୁମାର ଦାସ, ମହେନ୍ଦ୍ର ନାୟକ, ବଟକୃଷ୍ଣ ସାହୁ, ସ୍ମୃତିରଞ୍ଜନ ସାହୁ, ପ୍ରସନ୍ନ ପରିଡ଼ାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।




ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟନ ଅବସରରେ ଅତିଥି ବୃନ୍ଦ।

**କଂଗ୍ରେସ ପକ୍ଷରୁ ୬ ଜିଲାର ବ୍ଲକ, ନଗର କମିଟି ଘୋଷଣା**

ଭୁବନେଶ୍ୱର,୧୬।୧(ରବିନାରାୟଣ ଜେନା): ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ଶୁକ୍ରବାର ୬ ଜିଲାର ବ୍ଲକ ଓ ନଗର ସଭାପତି ଏବଂ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଛି। ସେଥିମଧ୍ୟରେ ମୟୂରଭଞ୍ଜ, ବଲାଙ୍ଗୀର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କନ୍ଧମାଳ ଓ କଳାହାଣ୍ଡି ଜିଲା ରହିଛି। ଏନେଇ ପିସିସି ପକ୍ଷରୁ ପ୍ରଶାସକ ସମୀର କୁମାର ରାଉତରାୟ ସଂପୃକ୍ତ ଜିଲାର ସଭାପତିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି।

# ନିପା ଭାଇରସ୍‌କୁ ନେଇ ରାଜ୍ୟ ସରକାର ସତର୍କ ଅଛନ୍ତି: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୧୬।୧(ବନ୍ଦନା ସେଠୀ)



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ବିଭାଗୀୟ ଅଧିକାରୀମାନେ।

ପଶ୍ଚିମବଙ୍ଗରେ ୨ଜଣ ସ୍ୱାସ୍ଥ୍ୟକର୍ମୀଙ୍କଠାରେ ନିପା ଭାଇରସ୍ ଚିହ୍ନଟ ହେଲା ପରେ ପଡ଼ୋଶୀ ଓଡ଼ିଶାକୁ ଏହି ଜୀବାଣୁ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଛି। ହେଲେ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଶୁକ୍ରବାର ନିପା ଭାଇରସ୍ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ କୌଣସି ନିପା ଭାଇରସ୍‌ର ସନ୍ଦିଗ୍ଧ କେସ୍ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରାଯାଉଛି। ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ତେଣୁ ନିପା ଭାଇରସ୍‌କୁ ନେଇ ଆତଙ୍କିତ ନ ହୋଇ ସତର୍କ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିଭଳି ସମସ୍ତ ସୀମାବର୍ତ୍ତୀ ଜିଲାକୁ ସତର୍କ କରାଇବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା, ପିପିଇ କିଟ୍ ଏବଂ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ରାଜ୍ୟରେ ବର୍ତ୍ତମାନ ନିପାର ସ୍ଥିତି, ସତର୍କତା ବ୍ୟବସ୍ଥା, ରୋଗ ନିରୀକ୍ଷଣ, ନମୁନା ପରୀକ୍ଷା, ଆଇସୋଲେଶନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥ୍ ଏସ୍., ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ଗୁରୁ, ମେଡିକାଲ ଶିକ୍ଷା ଏବଂ ପ୍ରଶିକ୍ଷଣର ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ଥିଲେ।

# ଠାକୁରମୁଣ୍ଡା ରେଞ୍ଜରେ ମାଈ ହାତୀ ମୃତ

ବାରିପଦା/ଠାକୁରମୁଣ୍ଡା,୧୬।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ)



ମୃତ ମାଈ ହାତୀ

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଠାକୁରମୁଣ୍ଡା ରେଞ୍ଜ ଅଧୀନ ଅସନକୁଡ଼ା ଅଞ୍ଚଳରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ବୟସ ୬୦ ବର୍ଷ ହୋଇଥିବା ବେଳେ ଗତ ୧୪ ତାରିଖ ସନ୍ଧ୍ୟାରେ ମୃତଦେହ ଠାବ କରାଯାଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ହାତୀ ମୃତଦେହ ଠାବକରିଥିଲେ। ୧୫ ତାରିଖରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଥିବା ନେଇ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଶିମିଳିପାଳରେ ଶୀତର ପ୍ରକୋପ ବୃଦ୍ଧି ପାଇ ମାଇନସ୍ ୧ରୁ ଯୁକ୍ତ ୧ ଡିଗ୍ରୀ ମଧ୍ୟରେ ରହୁଛି । ଫଳରେ ଶୀତ କଷ୍ଟରେ ବନ୍ୟପ୍ରାଣୀମାନେ ପ୍ରଭାବିତ ହେଉଥିବା ଜଣାପଡ଼ିଛି।

# ବ୍ଲକ୍ ନଗର ସଭାପତି ବାଛିଲା ବିଜେଡି

**୧୫ ସାଙ୍ଗଠନିକ ଜିଲାର ନିଯୁକ୍ତି ବିଜ୍ଞପ୍ତି ଜାରି**

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶୁକ୍ରବାର ୧୫ଟି ସାଙ୍ଗଠନିକ ଜିଲାର ନଗର ଏବଂ ଏହା ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳର ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଏଭଳି ୧୫ଟି ବିଜ୍ଞପ୍ତି ଜାରି କରାଯାଇଛି। ଗଜପତି, ଜଗତ୍‌ସିଂହପୁର, ଝାଡ଼ସୁଗୁଡ଼ା,କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ରାଉରକେଲା, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼ ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବ୍ଲକ୍ ଏବଂ ନଗର ଗୁଡ଼ିକ ପାଇଁ ଦଳ ସଭାପତି ଚୟନ କରିଛି।

# ବିଚାରପତି କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ

କଟକ,୧୬।୧(କାର୍ତ୍ତିକ ସାହୁ)



ବିଚାରପତି କୃଷ୍ଣ ରାମ ମହାପାତ୍ର

ଓଡ଼ିଶା ହାଇକୋର୍ଟ ବିଚାରପତି କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ ଭାବେ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଚାରପତି ମହାପାତ୍ର ଆଇନ ସେବା ସଂସ୍ଥାଗୁଡ଼ିକ ସମାଜର ଦଳିତ ଓ ଅବହେଳିତ ଜନସାଧାରଣ ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଦୁଇଦିନ ପରେ ବଢ଼ିବ ତାପମାତ୍ରା

- ଝାରସୁଗୁଡ଼ାରେ ପଞ୍ଚମଥର ପାଇଁ ୭୩ବର୍ଷର ରେକର୍ଡ ଭାଙ୍ଗିଲା ଶୀତ
- କଟକ, ଭୁବନେଶ୍ୱରରେ ପୁଣି ୧୦ ଡିଗ୍ରୀକୁ ଖସିଲା ପାରଦ

ଭୁବନେଶ୍ୱର,୧୬।୧(ବନ୍ଦନା ସେଠୀ)

ଶୀତରେ ଥରୁଛି ସାରା ଓଡ଼ିଶା। ରାଜ୍ୟରେ ଆହୁରି ୨୪ ଘଣ୍ଟା ପ୍ରବଳ ଶୀତ ଲହରି ଜାରି ରହିବ। ଏଥିପାଇଁ ୧୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ପଶ୍ଚିମା ଝଡ଼ ପ୍ରଭାବରେ ଦୁଇଦିନ ପରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଫଳରେ ଶୀତ କମିବ ବୋଲିଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଗତ ୨୪ଘଣ୍ଟାରେ ରାଜ୍ୟର ୧୩ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହାତଳକୁ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ାରେ ପଞ୍ଚମଥର ଲାଗି ୭୩ବର୍ଷର ସର୍ବକାଳୀନ ରେକର୍ଡ ଭାଙ୍ଗିଛି ଶୀତ। ଏଠାରେ ଜାନୁଆରୀ ୬ରେ ସର୍ବନିମ୍ନ ତାପମାତ୍ରା ୫.୧ ଡିଗ୍ରୀ ରହିଥିଲାବେଳେ ୭ରେ ୫.୪ ଡିଗ୍ରୀ, ୯ରେ ୪.୬ ଡିଗ୍ରୀ, ୧୦ରେ ୪.୫ ଡିଗ୍ରୀ ଏବଂ ୧୬ ତାରିଖରେ ୫ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ଫୁଲବାଣୀରେ ୬.୧ ଡିଗ୍ରୀ, କେନ୍ଦୁଝରର ୭.୬ ଡିଗ୍ରୀ, ସୁନ୍ଦରଗଡ଼ ୭.୬ ଡିଗ୍ରୀ, ଅନୁଗୋଳ ୮.୪ ଡିଗ୍ରୀ, ବାରିପଦା ୮.୬ ଡିଗ୍ରୀ, ଢେଙ୍କାନାଳ ୮.୭ ଡିଗ୍ରୀ, ଦାରିଙ୍ଗବାଡି ୯ ଡିଗ୍ରୀ, କୋରାପୁଟ ୯.୫ ଡିଗ୍ରୀ ଏବଂ ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରହିଥିଲା। ସେହିପରି ଟୁଇନ୍ ସିଟି କଟକ ଓ ଭୁବନେଶ୍ୱରରେ ପୁଣି ୧୦ ଡିଗ୍ରୀ ତଳକୁ ଖସିଥିଲା ତାପମାତ୍ରା। କଟକରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱରରେ ୧୦.୫ ଡିଗ୍ରୀକୁ ଖସି ଆସିଥିଲା ପାରଦ। ତେବେ ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ଅନୁଗୋଳ, ବୌଦ୍ଧ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ ଜିଲାକୁ ପ୍ରବଳ ଥଣ୍ଡା ନେଇ ସତର୍କ କରାଯାଇଛି। ଏଥିସହ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, ବାଲେଶ୍ୱର, କଳାହାଣ୍ଡି, ସୁନ୍ଦରଗଡ଼, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କେନ୍ଦୁଝର ଏବଂ କନ୍ଧମାଳ ଜିଲାକୁ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବା ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର।

# ବଙ୍ଗରୁ ଓଡ଼ିଶା ଆସିବ ନିବେଶ

ଭୁବନେଶ୍ୱର,୧୬।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଥିବା ଦୁଇଦିନିଆ ନିବେଶକ ସମ୍ମିଳନୀରୁ ଶନିବାର ବିପୁଳ ପରିମାଣର ନିବେଶ ଓଡ଼ିଶା ଆସିବା ସମ୍ଭାବନା ରହିଛି ବୋଲି ଜଣାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେକ୍ଟୋରାଲ ରାଉଣ୍ଡଟେବୁଲ ମାଧ୍ୟମରେ ବିଭିନ୍ନ ଶିଳ୍ପୋଦ୍ୟୋଗୀ ଏବଂ ଶିଳ୍ପପତିଙ୍କ ସହିତ 'ୱାନ୍ ଟୁ ୱାନ୍' ଆଲୋଚନା କରିଛନ୍ତି। ସେଥିମଧ୍ୟରେ ଆଇଟି କ୍ଷେତ୍ରଠାରୁ ଆରମ୍ଭକରି ଡାଉନ୍‌ଷ୍ଟ୍ରିମ୍ ଲୌହ ଇସ୍ପାତ ପର୍ଯ୍ୟନ୍ତ ରହିଛି। ଓଡ଼ିଶାରେ ଅନୁକୂଳ ଶିଳ୍ପ ପରିବେଶ ସାଙ୍ଗକୁ ଲୋକଙ୍କ ସରକାର ରହିଥିବାରୁ ନିବେଶକମାନେ ଏହାକୁ ଖୁବ୍ ପସନ୍ଦ ମନେକରୁଛନ୍ତି। ଏହି ଦୃଷ୍ଟିରୁ ଓଡ଼ିଶାକୁ ପଶ୍ଚିମବଙ୍ଗରୁ ଅଧିକ ପୁଞ୍ଜି ନିବେଶ ସାଙ୍ଗକୁ ନିଯୁକ୍ତି ସୁଯୋଗ ଆସିବ ବୋଲି ରହିଛି।

ସୂଚନାଯୋଗ୍ୟ, ନିକଟରେ ହାଇଦ୍ରାବାଦ୍‌ଠାରେ ହୋଇଥିବା ନିବେଶ ସମ୍ମିଳନୀରେ ଓଡ଼ିଶାକୁ ୬୭ ହଜାର କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୫୬ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ସେଥିମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ, ଆଇଟି ଓ ଉତ୍ପାଦନ କ୍ଷେତ୍ର ରହିଥିଲା।

# ଆଜି ପ୍ରକାଶ ପାଇବ ଓଡ଼ିଆ ଭାଷା ପରୀକ୍ଷାଫଳ

କଟକ,୧୬।୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ଦ୍ୱିତୀୟ ଦଶମ ଷ୍ଟାଣ୍ଡାର୍ଡ ଏକକ ବିଷୟ ଓଡ଼ିଆ ଭାଷା ଏବଂ ଦ୍ୱିତୀୟ ଅର୍ଦ୍ଧ ବାର୍ଷିକ ଅଷ୍ଟମ ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷା ପରୀକ୍ଷା ୨୦୨୫ର ଫଳ ଜାନୁଆରୀ ୧୭ ତାରିଖ (ଶନିବାର) ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ବୋର୍ଡ ୱେବ୍‌ସାଇଟ୍ www. bseodisha.ac.inରେ ପରୀକ୍ଷା ଫଳ ସେହି ସମୟରୁ ଉପଲବ୍ଧ ହେବ। ଏଥିସହ ଅପରାହ୍ନ ୪ଟାରୁ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଲ ସାର୍ଟିଫିକେଟ ସେହି ୱେବ୍‌ସାଇଟ୍‌ରୁ ମିଳିବ। ପରୀକ୍ଷାଫଳ ପ୍ରକାଶନ ତାରିଖଠାରୁ ମାସକ ପର୍ଯ୍ୟନ୍ତ ଡିଜିଟାଲ ସାର୍ଟିଫିକେଟ ଅନ୍‌ଲାଇନ୍‌ରେ ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

**OFFICE OF THE MUNICIPAL COUNCIL, DEOGARH**

Letter No. 55/DMC, Dt. 8.1.2026

**TENDER CALL NOTICE**

No. C-2106: Sealed tenders are invited to be eventually drawn up in the P.W.D. prescribed F2 forms for execution of 21 Nos. of works from the registered contractors of Odisha Govt./Deogarh Municipality. The tender paper will be available during the office hours on payment of paper cost of the tender documents cost (non refundable) in shape of cash in following schedule.

1. Last date of sale of tender paper : Dt.22.01.2026 upto 1.00 P.M.
2. Last date of receipt tender paper : Dt.22.01.2026 upto 5.00 P.M.
3. Date of opening of sealed tender : Dt.28.01.2026 at 11.00 A.M.

Sd./- Executive Officer
Deogarh Municipality
OIPR-

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର
**OFFICE OF THE REGULATED MARKET COMMITTEE, NABARANGPUR**
At/Gandhinagar, PO/Dist.-Nabarangpur-764059 (Odisha)
FAX/Tel. No.06858-222105, E.Mail-ID : awmornab@gmail.com

No.400/RMC. Dated.12.01.2026

**E-Procurement (Invitation for BIDS)**
Tender Call Notice No.394/RMC Dated.12.01.2026
Bid Identification No. 01 e-Procurement Notice No.01 of 2025-26

No.H-51 : The Regulated Market Committee, Nabarangpur invites tender from the approved contractors of appropriate Class for Development Wortks of different Markets. Detailed Tender Call Notice along with conditions of contract and notice inviting tender may be seen and download from the website www.tenderorissa.gov.in and www.nabarangpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026 upto 5 P.M. the tender will be opened on 03.02.2026 at 11.00 A.M.

Sd./- Sub Collector cum Chairman
RMC, Nabarangpur
OIPR-

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK- 753001

**NOTICE**
No. 341/PSC, Dt.15.01.2026
(2PG-09-25/26, DR-I)

**Subject Code in respect of Compulsory & Optional Papers for Odisha Civil Services Main (Written) Examination-2024, Advt. No. 07 of 2024-25**

No.D-301 : It is for information of all concerned that, the detailed Subject Codes in respect of all the Compulsory and Optional Papers for OCS Main (Written) Examination-2024, pursuant to Advt. No. 07 of 2024-25 scheduled from 31.01.2026 to 10.02.2026 has been notified vide Notice No.337 /PSC, Dt-15.01.2026.

Hence, the concerned candidates appearing the Main Examination are advised to refer to the Notice No.337 / PSC, Dt-15.01.2026 which is available in the website of the Commission (www.opsc.gov.in) and mention the Subject Codes in their Question-cum- Answer Booklets.

CUTTACK
DT - 15.01.2026
Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-

**OFFICE OF THE BARIPADA MUNICIPALITY**
BARIPADA, MAYURBHANJ-757001
Tel : 06792-252703
Website : www.baripadamunicipality.in, e-mail : baripadam.hud@od.gov.in
No.111/PW/Date : 13.01.2026

No.C-2088 **Request for Proposal (RFP)**

1. Name of the work : Supply and installation of 4-seater outdoor prefab RCC Bench with back and armrest at different public places of Baripada Municipality Supply and installation of 4-seater outdoor prefab RCC Bench with back and armrest at different public places of Baripada Municipality"
2. Date of sale of bid document : From 10.00 A.M. dtd.16.01.2026 up to 5.00 P.M. of dt.27.01.2026
3. Last date & time of receipt of bid documents : Up to 12.00 Noon of dt.30.01.2026
4. Date and time of opening of bid : At 12.30 P.M. of dt.30.01.2026
5. Mode of deposit towards cost of Bid documents & EMD : As per the detailed notice inviting RFP
6. Name and address of the Officer : Executive Officer, Baripada Municipality, Mayurbhanj Inviting quotation

Further details can be had from the website www.baripadamunicipality.in and http://www.mayurbhanj.nic.in from 10.00 A.M. of dt.16.01.2026 to 5.00 P.M. of Dt.27.01.2026 or from the office of the undersigned during office hours on all working days.

Sd./- Executive Officer
Baripada Municipality
OIPR-

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER cum DISTRICT MISSION DIRECTOR, NHM, KHORDHA (ZILLA SWASTHYA SAMITI (ZSS))**

Advt. No. 650 Date : 13.01.2026

**SHORT TENDER CALL NOTICE**

No.E-673 : Sealed tenders are hereby invited from authorized and eligible firms for supply of MMDP Kits to National Health Mission (NHM), Khordha. The sealed tender, complete in all respects along with required documents, should reach the Office of the CDM & PHO, Khordha, PIN-752055 on any working day on or before 03.02.2026 up to 01.00 P.M. through Speed Post / Registered Post / Courier only. The envelope containing the tender should be clearly superscribed on the top as: "Proposal for Supply of MMDP Kits, Khordha". Tenders received after the due date and time shall be summarily rejected. The undersigned shall not be held responsible for any postal or courier delay. The tenders will be opened on 03.02.2026 at 03.00 P.M. in the Office of the Undersigned, in presence of the bidders or their authorized representatives, if any. Detailed specifications, eligibility criteria, terms and conditions can be downloaded from the official website: https://khordha.odisha.gov.in. The undersigned reserves the right to accept or reject any or all the tenders, wholly or partly, without assigning any reason thereof.

OIPR- Sd./- CDM&PHO, Khordha

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
No.O-2014
PHONE : OFF : (06852)251263, email : eerwkoraput@yahoo.com

Letter No.150
**Bid Identification No. : SERWKPT-ONLINE-09/2025-26**
Dtd. : 07.01.2026

1. Name of the Work : Special Reapir to Road Works for the year 2025-26, 2. Total Numbers of Works : 10 Nos., 3. Approximate Estimate Cost : Rs.16.95 to Rs.33.90 Lakhs (Approximately), 4. Class of Contractor : "B", "C" & "D" Class, 5. Period of Completion : 1 Month, 6. Detail Projects : As per Annexure attached, Other Details as follows :

| Procurement Officer | Bid Identification No. | No. of Works | Availability of Tender online Bidding | | Date & Time opening of tender |
|---|---|---|---|---|---|
| | | | From | To | |
| Superintending Engineer, R.W.Division, Koraput | SERWKPT-ONLINE-09/2025-26 | 10 (Ten) No's | 17.01.2026 at 11.00 A.M. | 27.01.2026 upto 5.30 P.M. | 28.01.2026 at 11.30 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd./- Executive Engineer,
Rural Works Division, Koraput
OIPR-

ବିଜ୍ଞାପନ
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ଓଡ଼ିଶା**

No.L-163:ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର କୃଷକ ଭାଇଭଉଣୀ ତଥା ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ଜାନୁୟାରୀ ୧୭.୦୧.୨୦୨୬ ଠାରୁ ୨୧.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଡିଏ ପଡିଆ, ଟିଏଲସି ରାସ୍ତା, ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୁଲ୍ୟରେ କୃଷି ବିଭାଗ, ଖୋର୍ଦ୍ଧା ତରଫରୁ ଅନୁଷ୍ଠିତ ହେବ । ଏହି ମେଳାରେ ଉନ୍ନତମାନର କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ପ୍ରଚାର ଓ ପ୍ରସାର ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି । ତେଣୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣ ଓ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହାର ସୁବିଧା ନେବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବେ ।

OIPR- ସ୍ୱା./-ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଖୋର୍ଦ୍ଧା

**OFFICE OF THE DEAN & PRINCIPAL SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At- Bhangabari, Po- Uditnarayanpur, Bhawanipatna Dist- Kalahandi, Pin-766002
Email: bptmedicalcollege@gmail.com, Website: https://srmmch.odisha.gov.in/

Advt.No.185 Date: 15.01.2026

**TENDER CALL NOTICE FOR SUPPLY OF DESKTOP, PRINTER, SCANNER OUT OF STATE GOVERNMENT FUND**

No.E-677 : Sealed bids as per the prescribed format Agencies/Individuals for engagement / Tender Call Notice for **Supply of Desktop, Printer, Scanner out of State Government Fund** for the office of Dean & Principal, SRM MCH, Bhawanipatna, Kalahandi as and when required. Details Eligibility criteria, TOR, format for submission of bid etc. are available from the website: https://srmmch.odisha.gov.in// https://dmetodisha.gov.in.

The detail terms and conditions may be down loaded from the website: https://srmmch.odisha.gov.in/ https://dmetodisha.gov.in. The bids (Superscripted bids for Tender Call Notice for Supply of Desktop, Printer, Scanner out of State Government Fund) through Regd. Post/Speed Post/ Courier only on or before **05.02.2026 at 05:00 PM to the Office of the Dean & Principal, SRM Medical College & Hospital, Bhawanipatna, Kalahandi PinCode-766002**. The bids will be opened on **06.02.2026 at 11:00 AM**. The undersigned reserves the right to reject any or all the bids without assigning any reason thereof.

Sd./- Dean & Principal
SRM MCH, Bhawanipatna, Kalahandi
OIPR-

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
obcc
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
ବିକାଶ ଭବନ,ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ-୦୬୭୪-୨୩୯୦୦୪୩, CIN U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel:0674-2390043, Website:www.obcc.in, Email:md@obcc.in, info@obcc.in

No. 312
File: SMT-2094
No.CAD-3016
Date:13.01.2026

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of an Agency for Feasibility Study and preparation of DPR for various schools across Odisha under Aitihya Vidyalaya Scheme |
| 2. | Bid Identification No. of the Tender Document | 42/Tender/OBCC/2025-26 |
| 3. | Date of availability in e-procurement portal | from 16.01.2026 |
| 4. | Last Date of receipt of Prebid queries | Upto 5 P.M. of 20.01.2026 |
| 5. | Prebid Meeting (Online Mode) | at 11.30 A.M. of 21.01.2026 https://meet.google.com/iqv-egkv-odv |
| 6. | Last Date & Time of receipt of online bid | 30.01.2026 till 05.30 P.M. |
| 7. | Date of Opening of online technical bid | 31.01.2026 at 11.30 A.M. |
| 8. | Period of Completion | 06 Months |

9. Further details can be seen from the e-Procurement portal https://www.tendersodisha.gov.in
10. OBCC has the right to accept or reject the Notice/ RFP/ Proposal without assigning any reasons thereof.
11. Agencies Empanelled with OB&CC Ltd. for providing Comprehensive Architectural Services in Category-A are only eligible to apply for this assignment.

OIPR- Sd./- Chief General Manager-II

idco Your power to grow | ODISHA NEW OPPORTUNITIES

File No. : WS & EC-I/D2-225/2025-26 86 Date : 12.01.2026

**1st Corrigendum To Tender Call Notice No.3704 Dated : 31.12.2025**

No.CAD-3022 : The modification in tender documents for the work "Supply, installataion, testing and commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras" is as follows :

| Sl. No. | Description with reference | As per TCN | Modified as |
|---|---|---|---|
| 1 | Uploading of Bid Documents on www.tendersodisha.gov.in | At 4:00 PM on 12.01.2026 | At 4:00 PM on 16.01.2026 |
| 2 | Date of receipt of technical bids (through online mode) | Upto 4:00 PM on 27.01.2026 | Upto 4:00 PM on 27.01.2026 |
| 3 | Opening of Technical Bids | At 3:00 PM on 28.01.2026 | At 3:00 PM on 28.01.2026 |

All other terms and conditions of original Tender Call Notice No.3704 Dated : 31.12.2025 (Bid Identification No. **WS & EC-I / EST/E-05/2025-26)** will remain unchanged. Further details can be seen in website www.idco.in (Tenders/Quotations)/www.tendersodisha.gov.in

Sd./- Divisional Head,
WS & EC Division-I
OIPR-

**OFFICE OF THE BARIPADA MUNICIPAL COUNCIL, BARIPADA**
Phone: 06792-252703, Fax: 06792-252703, Email: baripadam.hud@nic.in
Website: www.baripadamunicipality.in

No. 79 Date: 12.01.2026

**INVITATION FOR BIDS**
(Through E-Procurement)
Tender Reference No. BPDM 3/2026-27
Tender ID No.

No. C-2107: The Executive Officer, Baripada Municipality, Baripada invites percentage rate bids in double cover system through e-procurement in conformity with the Detailed Tender Call Notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the State Government/Contractors of equivalent grade/class registered with Central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

1. Name of the Work : As per DTCN
2. No. of works put to tender : 6 Nos Civil Construction works
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of bid document in the portal : From 1.00 P.M. of Dt.19.01.2026 to 5.00 P.M. of Dt.06.02.2026
6. Mode of deposit towards cost of Bid document & EMD : Online
7. Date and time of opening of Technical Bid : 11.00 A.M. and onwards of Dt.07.02.2026
8. Name and address of the Officer Inviting Bid : Executive Officer, Baripada Municipality, Baripada

Further details can be seen from the e-procurement portal "**https://tendersorissa.gov.in**".

OIPR- Sd./- Executive Officer, Baripada Municipality

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ୧୬ଶ ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ-୨୦୨୬ ଶୁକ୍ରବାର ଆରମ୍ଭ ହୋଇଛି। ସର୍ବଭାରତୀୟ ଚେସ୍ ଫେଡେରେଶନ୍‌ର ତତ୍ତ୍ୱାବଧାନରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ୨୦ଟି ଦେଶର ମୋଟ ୧,୦୫୩ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଖେଳାଳିମାନେ ଏ, ବି, ସି ଏବଂ 'ଡି' ଭଳି ୪ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୫ଥର ରାଜ୍ୟଗୋଷ୍ଠୀ ଚାମ୍ପିୟନ୍ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଏହି ପ୍ରତିଯୋଗିତାରେ ଶୀର୍ଷ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୦ ଗ୍ରାଣ୍ଡମାଷ୍ଟର୍ ଓ ୧୯ ଅନ୍ତର୍ଜାତୀୟ ମାଷ୍ଟର୍ ଯୋଗଦେଇଛନ୍ତି। ପ୍ରତିଯୋଗିତା ଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଚେସ୍ ପ୍ରଶାସକ ତଥା ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଏବଂ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶା ସମ୍ପାଦକ ଏବଂ ଟୁର୍ନାମେଣ୍ଟ କମିଟି ସଦସ୍ୟ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଭୁବନେଶ୍ୱର ନୀଳାଦ୍ରିର ସଭାପତି ତଥା ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର କୋଷାଧ୍ୟକ୍ଷ ସୁଜିତ କୁମାର ରାଉତ, ସର୍ବଭାରତୀୟ ଚେସ୍ ଆସୋସିଏଶନ୍‌ର କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଏବଂ ଟୁର୍ନାମେଣ୍ଟ ଲୋକସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ


ପ୍ରସ୍ତୁତି ବୈଠକ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ସ୍ଥାନୀୟ ସିଟି କ୍ଲବ ଏବଂ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏବଂ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେଶନ ଟ୍ରଷ୍ଟ ସହଯୋଗରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଦେବେନ୍ଦ୍ର ସ୍ମାରକୀ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ବ୍ୟତୀତ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ନିରଞ୍ଜନ ମିଶ୍ର, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ, ଭାଗ୍ୟଧର ଜଗଦେବ, ଅରୁଣ ବିଶ୍ୱାଳ, ମହିନ୍ଦ୍ରନାଥ ନାୟକ, ବନୋଜ କୁମାର ପ୍ରଧାନ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ସହିଦ ଜବାର, କ୍ରିଷ୍ଣା ଗ୍ରୁପ୍ ଅଧ୍ୟକ୍ଷ ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ନାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା।

# ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍ ଆରମ୍ଭ

**ବଲାଙ୍ଗୀର, ୧୬।୧ (ବୀରେନ୍ଦ୍ର କୁମାର ଝାଙ୍କର)**

**ନବନିର୍ମିତ ଲନ୍‌ବଲ କୋର୍ଟ ଉଦ୍‌ଘାଟିତ**

ବଲାଙ୍ଗୀର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ନବନିର୍ମିତ ଲନ୍‌ବଲ୍ କୋର୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହାକୁ ଉଦ୍‌ଘାଟନକରି କହିଛନ୍ତି, ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରକୁ ବିଶେଷ ଭାବେ ଗୁରୁତ୍ୱ ଦେଉଛନ୍ତି। ପ୍ରତି ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଗୁରୁବାର ବଲାଙ୍ଗୀର ଜିଲାର ପାଟଣାଗଡ଼ ଏବଂ ଖପ୍ରାଖୋଲ ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ପାଇଁ ଟଙ୍କା ଆସିଯାଇଛି ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ ସଭାରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, କୋଚ୍ ପରାଶର ବାଗ୍ ମଞ୍ଚାସୀନ ଥିଲେ। ଅଧ୍ୟାପକ ସନ୍ଦୀପ କୁମାର କୁଅଁର କାର୍ଯ୍ୟକ୍ରମ ପରିଚାଳନା ଓ ରାଜ୍ୟ ବୋଲିଂ ଆସୋସିଏଶନ୍ ସାଧାରଣ ସମ୍ପାଦକ ସୁମିତ୍ ରଞ୍ଜନ ପୁରୋହିତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା ଉପସ୍ଥିତ ଥିଲେ।

ଏହି ସଭା ପରେ ନବନିର୍ମିତ ଲନ୍‌ବଲ କୋର୍ଟରେ ତୃତୀୟ ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ। ଏହି ଚାମ୍ପିୟନଶିପ୍‌ରେ ୧୭ଟି ଜିଲାର ସିନିୟର ବର୍ଗ ଏବଂ ୨୫ ବର୍ଷରୁ କମ୍ ବୟସ ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ଲନ୍‌ବଲ ପ୍ରତିଯୋଗୀ ଯୋଗଦେଇଛନ୍ତି। କିଛିଦିନ ପୂର୍ବରୁ ଏହି ଲନ୍‌ବଲ କୋର୍ଟକୁ ଆନ୍ତର୍ଜାତିକ ସ୍ତରର ବୋଲି ଜାତୀୟ ଲନ୍‌ବଲ ସଂଘ ଗ୍ରୀନ୍ କମିଟି ଅଧ୍ୟକ୍ଷ ବିଶ୍ୱନାଥ ପାଇଙ୍କ ନେତୃତ୍ୱାଧୀନ ଟିମ୍ ମତଦେଇଥିଲେ।


ଲନ୍‌ବଲ୍ ଖେଳି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# କିଟ୍‌କୁ ନ୍ୟାଶନାଲ ର‍୍ୟାଙ୍କିଙ୍ଗ ଆୱାର୍ଡ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**


କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍), ଭୁବନେଶ୍ୱରକୁ ନ୍ୟାଶନାଲ ର‍୍ୟାଙ୍କିଙ୍ଗ ଆୱାର୍ଡ (୨୦୨୬) ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଗୁରୁବାର ଅନୁଷ୍ଠିତ ଗ୍ଲୋବାଲ ସ୍ପୋର୍ଟ୍ସ ଏଜୁକେଶନ କନଭେଶନ (ଜି-ଏସଇସି) ୨୦୨୬ଠାରେ ସାମଗ୍ରିକ କ୍ରୀଡ଼ା ଭିତ୍ତିଭୂମି ପାଇଁ ଶ୍ରେଷ୍ଠ ଅନୁଷ୍ଠାନ ପାଇଁ କିଟ୍‌କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ସ୍ପୋର୍ଟ୍ସ ଆସୋସିଏଶନ ଆଣ୍ଡ ଅଡିଟ୍ ବୋର୍ଡ (ସାବ୍) ସହଯୋଗରେ କନ୍‌ଫେଡେରେଶନ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ରିକ୍ରିଏଶନ ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ନ୍ୟାଶନାଲ ର‍୍ୟାଙ୍କିଙ୍ଗ ଇନ୍ ସ୍ପୋର୍ଟ୍ସ ଆଣ୍ଡ ଫିଜିକାଲ ଏଡୁକେଶନ ୨୦୨୬ର ଏକ ଅଂଶବିଶେଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜାତୀୟସ୍ତର ସମ୍ମିଳନୀ ପ୍ରତି ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟର ସମର୍ଥନ ରହିଛି। ଏହି କାର୍ଯ୍ୟକ୍ରମରେ ସାରା ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟ, ନୀତି ନିର୍ଦ୍ଧାରକ ଏବଂ କ୍ରୀଡ଼ା ପ୍ରଶାସକମାନେ ଅଂଶଗ୍ରହଣ କରିଥିଲେ। ର‍୍ୟାଙ୍କିଙ୍ଗ ଆୱାର୍ଡ ପାଇଁ କିଟ୍ ସମୁଦାୟ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛି।

# ଓଡ଼ିଶା ଦଳ ଚୟନ ୧୮ରେ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

**ସର୍ବଭାରତୀୟ ବେସାମରିକ ବ୍ୟାଡ୍‌ମିଣ୍ଟନ**

ସର୍ବଭାରତୀୟ ବେସାମରିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ୨୦୨୫-୨୬ ଆସନ୍ତା ଫେବୃଆରୀ ୧୫ରୁ ୨୧ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟା ୧୮ ତାରିଖ ସକାଳ ୮ଟାରେ ୟୁନିଟ୍-୮ସ୍ଥିତ ପୁରାତନ କ୍ରୀଡ଼ା ବିଭାଗ ଇନ୍‌ଡୋର ହଲ୍, ନୟାପଲ୍ଲୀ, ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ ଥିବା ସରକାରୀ କର୍ମଚାରୀମାନେ ଭାଗନେଇପାରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସରକାରୀ କର୍ମଚାରୀମାନେ ନିଜ ସେବା ପୁସ୍ତିକାର ନକଲ, ବିଭାଗ/ଅଫିସ୍ ପରିଚୟପତ୍ର, ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଏକ 'ନୋ ଅବ୍‌ଜେକ୍‌ଶନ ସାର୍ଟିଫିକେଟ', ନିଜର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ପରିଷଦର ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ ଜଣାଇଛନ୍ତି।

D-3125


# ଜାତୀୟ ପାରା ପାୱାର ଲିଫ୍‌ଟିଂ ଆରମ୍ଭ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ଉତ୍ତରାଖଣ୍ଡରେ ୨୩ତମ ସିନିୟର, ୧୮ତମ ଜୁନିୟର ଏବଂ ଦ୍ୱିତୀୟ ସବ୍‌ଜୁନିୟର ଜାତୀୟ ପାରା ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ୨୦୨୫-୨୬ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା(ପିଏସ୍‌ଏଓ) ତରଫରୁ ଘୋଷଣା କରାଯାଇଥିବା ୧୦ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିଛି।

# ଭାରତ ଆଜି ବାଂଲାଦେଶକୁ ଭେଟିବ


ବୈଭବ ସୂର୍ଯ୍ୟବଂଶୀ

**ବୁଲାୱେଓ, ୧୬।୧ (ପି.ଟି.)**

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍**

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ଶନିବାର ଏହାର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ୫ଥର ଚାମ୍ପିୟନ ଭାରତ ଗୁରୁବାର ବର୍ଷାବାଧାପ୍ରାପ୍ତ ମ୍ୟାଚ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୧୦୭ ରନ୍‌ରେ ପରାସ୍ତକରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଡାହାଣହାତୀ ପେସ୍ ବୋଲର ହେନିଲ ପଟେଲଙ୍କ ବଡ଼ ଅବଦାନ ରହିଥିଲା। ସେ ତାଙ୍କ ୭ ଓଭର ବୋଲିଂରେ ୧୬ ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଦଳ ୟୁଏସ୍‌ଏ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ ହେଁ ବାଂଲାଦେଶଠାରୁ ବଡ଼ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ। ଓପନିଂ ଯୋଡ଼ିରେ ମାହାତ୍ରେ ଓ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁନର୍ବାର ଦଳର ବ୍ୟାଟିଂ ନେତୃତ୍ୱ ନେବେ। ସେମାନଙ୍କ ସହ ଉପ-ଅଧିନାୟକ ବିହାନ ମାଲହୋତ୍ରା, ଅଲ୍‌ରାଉଣ୍ଡର ଆରୋନ ଜର୍ଜ ଓ ବେଦାନ୍ତ ତ୍ରିବେଦୀ ରହିଛନ୍ତି। ପେସ୍ ବାହିନୀ ସମ୍ଭାଳିବାକୁ ଡି. ଦୀପେଶ, ଆରଏସ୍ ଅମ୍ବ୍ରିଷ, ହେନିଲ ପଟେଲ, କିଶନ କୁମାର ସିଂ ଓ ଉଦ୍ଧବ ମୋହନଙ୍କ ଭଳି ଦକ୍ଷ ବୋଲର ମହଜୁଦ ଅଛନ୍ତି। ସେହିପରି ସ୍ପିନ୍ ବୋଲିଂ ଦାୟିତ୍ୱ ତୁଲାଇବା ଲାଗି କନିଷ୍କ ଚୌହାନ, ଖିଲାନ ପଟେଲ ଓ ମହମ୍ମଦ ଏନାନ ରହିଛନ୍ତି। ଟୁର୍ନାମେଣ୍ଟର ୧୬ଟି ସଂସ୍କରଣରେ ଭାରତ ୫ଥର ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ଇତିହାସରେ ଭାରତକୁ ସବୁଠାରୁ ପ୍ରଭାବଶାଳୀ ଦଳ ଭାବେ ବିବେଚନା କରାଯାଉଛି। ଗତ ଏକ ବର୍ଷ ମଧ୍ୟରେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରେ ଭାରତ ସିରିଜ ବିଜୟୀ ହୋଇଛି। ଗତ ୧୪ଟି ମ୍ୟାଚ୍ ମଧ୍ୟରେ ୟୁଏସ୍‌ଏ ବିପକ୍ଷରେ ଦଳର ଏହା ଥିଲା ୧୪ତମ ବିଜୟ। ଅନ୍ୟପକ୍ଷେ ବାଂଲାଦେଶ ଦଳ ପାଖରେ ଅଭିଜ୍ଞ ଅଧିନାୟକ ଅଜିଜୁଲ ହାକିମ ରହିଛନ୍ତି। ଜିମ୍ବାୱେ ଓ ନାମ୍ବିଆରେ ଖେଳାଯାଉଥିବା ଟୁର୍ନାମେଣ୍ଟରେ ସେ ତାଙ୍କ ଦଳକୁ କିପରି ପରିଚାଳନା କରୁଛନ୍ତି ତା' ଉପରେ ବାଂଲାଦେଶର ଫଳାଫଳ ନିର୍ଭର କରେ। ଅଜିଜୁଲ ଓ ତାଙ୍କ ଡେପୁଟି ଜାୱାଦ ଆବ୍ରାର ୨୦୨୪ ଟୁର୍ନାମେଣ୍ଟର ଗତ ସଂସ୍କରଣଠାରୁ ଏପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ସ୍ତରରେ ୧୦୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିପାରିଛନ୍ତି। ଅନ୍ୟ ଜଣେ ସଫଳ ବ୍ୟାଟର କଲାମ ସିଦ୍ଦିକି ଏହି ସମୟ ମଧ୍ୟରେ ବ୍ୟକ୍ତିଗତ ୮୫୭ ରନ୍ ମଧ୍ୟ କରିଛନ୍ତି। ବାଂଲାଦେଶର ବୋଲିଂ ଆକ୍ରମଣ ମଧ୍ୟ ବେଶ୍ ଶକ୍ତିଶାଳୀ।


# Classified Everyday
0674-2580101, 9692975378


REAL ESTATE

**SALE**

Semi- Commercial Land for Sale at ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Wellness relax body massage & jointpain treatment by traind therapist. 7008773793.
D-3034

All types of physiotherapy and massage. Contact: 9556924059/ 7656969134.
D-3075

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1003, Dtd.- 07.07.25, I, Malia Bhukta, R/o. Village- Rengali, P.O.- Juramunda, P.S.- Baunsuni, Dist.- Boudh, Odisha, PIN- 762015 declare that I have changed the name of my son from NIMAIN CHARAN BHUKTA to NIMAI BHUKTA. Henceforth, he shall be known as NIMAI BHUKTA for all purposes.
Malia Bhukta
D-3123

By virtue of an affidavit sworn before the Executive Magistrate, Boudh, No. 56, Dtd.- 16.01.2026, I, Barsha Rani Bagha, D/o. Dhabaleswar Bagha, R/o. Village- Boudh Town (Podapada), P.O./P.S./ Dist.- Boudh, Odisha, PIN- 762014 declare that I have changed my name from BARSHARANI BAGHA to BARSHA RANI BAGHA. Henceforth, I shall be known as BARSHA RANI BAGHA for all purposes.
BARSHA RANI BAGHA
D-3124

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

**ମାନ୍ୟବର ଅବିଭକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**
**ଓ.ଏସ୍.ଏସ୍. କେସ୍ ନମ୍ବର ୬୬୦/୨୦୨୩**

ସୌରୀ ଜେନା .......ବାଦୀ
ବନାମ
ତହସିଲଦାର ଜଟଣୀ ଓ ଓଗେର .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩- ଧର୍ମାନନ୍ଦ ମହାପାତ୍ର, ପ୍ରତିବାଦୀ ନଂ.୪- ପାଣ୍ଡବ ମହାପାତ୍ର, ଉଭୟଙ୍କ ପିତା- ୰ଆଦିକନ୍ଦ ମହାପାତ୍ର, ଉଭୟଙ୍କ ଠିକଣା- ସା: ଖୋଲାଦ୍ୱାର, ପୋ: ବଡ଼ତୋଟା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

**ନୋଟିସ୍ ସି.ପି.ସି. ଅର୍ଡ଼ର- ୫, ରୁଲ୍ ୨୦ ମତେ ମୁତାବକ**

ଉପରୋକ୍ତ ଓ.ଏସ୍.ଏସ୍. କେଶ୍ ବାଦୀ ସୌରୀ ଜେନା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିସନର ରିଭିଜନ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ ମୃତ ବୋଲି, ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ. ୪ଙ୍କ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା ୧୯।୦୧।୨୦୨୬ ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଥାନା ନଂ.- ୪, ମୌଜା: ବେଲପଡା, ସାବକ ଖାତା ନଂ. ୨୯, ପ୍ଲଟ୍ ନଂ. ୨୦, ଏରିଆ ଏ୧.୭୬୪ଡି. ସ୍ୱଧରୁ ଏରିଆ ଏ୦.୭୭୪ଡି., ୧୯୨୯- ୩୦ ପଟ୍ଟା ଅନୁସାରେ

୧୯୬୨ ଖତିଆନ ଅନୁସାରେ ସାବିକ ଖାତା ନଂ. ୬୩, ପ୍ଲଟ୍ ନଂ. ୨୦, ଏ୦.୯୯୧ ଡି. ସ୍ୱଧରୁ ଏରିଆ ଏ୦.୭୭୪ ଡି., ହା. ଖାତା ନଂ. ୬୪, ପ୍ଲଟ୍ ନଂ. ୪୨, ଏରିଆ ଏ୦.୨୨୫ ଡି. ସ୍ୱଧରୁ ଏ୦.୨୦୪ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ. ୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର, କୋର୍ଟ ନଂ. ୪, ଭୁବନେଶ୍ୱର
D-3124

# ଆଇଆଇଏମ୍‌ସି ଢେଙ୍କାନାଳରେ ୨ ନୂଆ ପିଜି ପାଠ୍ୟକ୍ରମ

ଢେଙ୍କାନାଳ,୧୬।୧(ରତନ ନାୟାର)

ସାମ୍ବାଦିକତା ଓ ଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ସାରା ଦେଶରେ ଖ୍ୟାତି ରହିଥିବା ଆଇଆଇଏମ୍‌ସି ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂଆ ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି। ଏହି କ୍ରମରେ ଆଇଆଇଏମ୍‌ସି ଢେଙ୍କାନାଳ କ୍ୟାମ୍ପସ୍ ପାଇଁ ୨ ନୂଆ ବିଷୟରେ ପିଜି ପାଠ୍ୟକ୍ରମ ଖୋଲିଛି। ଅନୁମୋଦନ ମିଳିଥିବା 'କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ' ଏବଂ 'ମିଡିଆ ଓ କମ୍ୟୁନିକେଶନ ଗଭର୍ନାନ୍ସ' ସ୍ନାତକୋତ୍ତର ବିଷୟରେ ଆସନ୍ତା ଶିକ୍ଷାବର୍ଷରୁ ନାମଲେଖା ହେବା ନେଇ ଆଇଆଇଏମ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଏ ନେଇ ଆଶାୟୀ ବିଦ୍ୟାର୍ଥୀମାନେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆୟୋଜିତ ହେଉଥିବା କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି-ପିଜି) ଜରିଆରେ ଆବେଦନ କରିପାରିବେ। ଆବେଦନ ଆରମ୍ଭ ହୋଇ ସାରିଥିବା ବେଳେ



ଆଇଆଇଏମ୍‌ସି ଢେଙ୍କାନାଳ କ୍ୟାମ୍ପସ୍।

ଶେଷ ତାରିଖ ଜାନୁଆରୀ ୨୦ ରହିଛି।

ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି, ବର୍ତ୍ତମାନର ପରିବର୍ତ୍ତିତ ଆବଶ୍ୟକତା ଏବଂ ରୂପାନ୍ତରିତ ମିଡିଆ ତଥା ଯୋଗାଯୋଗ ପରିବେଶକୁ ଆଖି ଆଗରେ ରଖି ସମ୍ପୃକ୍ତ ୨ ପିଜି କୋର୍ସ ଖୋଲାଯାଇଛି। ଏହା ପ୍ରତିଷ୍ଠାନର ଶୈକ୍ଷିକ ବାତାବରଣକୁ ଅଧିକ ସଶକ୍ତ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଉଚ୍ଚ ପ୍ରଭାବଶାଳୀ ବୃତ୍ତିଗତ କ୍ଷମତା ସହିତ ଦୃଢ଼ ଧାରଣାଗତ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ଛାତ୍ରୀଛାତ୍ରଙ୍କୁ ଗଣମାଧ୍ୟମ, ଯୋଗାଯୋଗ, ସାର୍ବଜନୀନ ନୀତି, ବ୍ରାଣ୍ଡିଂ ଏବଂ ଶାସନ ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିବା ନିମନ୍ତେ ପାରଙ୍ଗମ କରିବ। ମିଡିଆ ଓ କମ୍ୟୁନିକେଶନ ଗଭର୍ନାନ୍ସ ପିଜି କୋର୍ସରେ ସିୟୁଇଟି-ପିଜି ପ୍ରବେଶିକା ପାଇଁ ଗଣ ଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ରାଜନୀତି ବିଜ୍ଞାନ, ଲ ଏବଂ ସାମାଜିକ ବିଜ୍ଞାନ ବିଭାଗର ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ସମାନଭାବେ 'କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ' ପିଜି କୋର୍ସରେ ଗଣ ଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ବାଣିଜ୍ୟ ଏବଂ ଅନ୍ୟ ସାଧାରଣ ଷ୍ଟ୍ରିମ୍‌ର ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ଏଥିପାଇଁ ବିଦ୍ୟାର୍ଥୀମାନେ ଯୁକ୍ତ ୩ରେ ଅତିକମ୍‌ରେ ୫୫ ପ୍ରତିଶତ ମାର୍କ ରଖିଥିବା ଜରୁରୀ। ତେବେ ଆଇଆଇଏମ୍‌ସିର ଅନ୍ୟାନ୍ୟ ପିଜି ଓ ପିଜି ଡିପ୍ଲୋମା କୋର୍ସ ପାଇଁ ମଧ୍ୟ ଆଶାୟୀ ବିଦ୍ୟାର୍ଥୀମାନେ ଅନ୍‌ଲାଇନରେ ଏନ୍‌ଟିଏ ୱେବ୍‌ସାଇଟ୍‌କୁ ଯାଇ ସିୟୁଇଟି-୨୦୨୬ରେ ଆବେଦନ କରିପାରିବେ।

# ପ୍ରଥମ ସନ୍ଧ୍ୟାରେ 'ସନ୍ଥକବି ଭୀମ ଭୋଇ' ଓ 'ଚିଠି' ମଞ୍ଚସ୍ଥ

ଢେଙ୍କାନାଳ,୧୬।୧(ରତନ ନାୟାର)

ଢେଙ୍କାନାଳ ମହୋତ୍ସବ ଅବସରରେ ନାଟକ ମହୋତ୍ସବ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ସହରସ୍ଥିତ ଆର୍ଟ ଆଣ୍ଡ୍ କ୍ରାଫ୍ଟ ମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ନାଟ୍ୟକାର ଦିଲୀଶ୍ୱର ମହାରଣା ଏହାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି ଓ ଦିନେଶ ଦାସ ଏବଂ ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଉପସ୍ଥିତ ଥିଲେ।

## ନାଟକ ମହୋତ୍ସବ ଉଦ୍‌ଘାଟିତ

ଉଦଘାଟନୀ ସନ୍ଧ୍ୟାରେ ପ୍ରଥମେ ଢେଙ୍କାନାଳର କଳାପରିଷଦ ନାଟ୍ୟ ଅନୁଷ୍ଠାନ ପକ୍ଷରୁ 'ସନ୍ଥକବି ଭୀମ ଭୋଇ' ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା। ଏହାପରେ କାମାକ୍ଷାନଗରର ଭୂମିକା ଅନୁଷ୍ଠାନ ପକ୍ଷରୁ ନାଟକ 'ଚିଠି' ମଞ୍ଚସ୍ଥ ହୋଇଥିଲା। ଢେଙ୍କାନାଳ କଳାପରିଷଦ ପକ୍ଷରୁ ଢେଙ୍କାନାଳ ଜିଲାର ତଥା ଓଡ଼ିଶାର ସ୍ୱକୀୟ ଧର୍ମ ମହିମାଧର୍ମର ଆଦିକଥା ଏବଂ ଏହି ଧର୍ମର ମୁଖ୍ୟ ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ ଜୀବନୀକୁ



ସନ୍ଥକବି ଭୀମ ଭୋଇ ନାଟକର ଏକ ଦୃଶ୍ୟ।

ନେଇ ଗୀତିନାଟ୍ୟ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ଦିଲୀଶ୍ୱର ମହାରଣାଙ୍କ ଦିଗ୍‌ଦର୍ଶନରେ ଅବନୀ କୁମାର ମିଶ୍ରଙ୍କ ରଚନାରେ ଶତ୍ରୁଘ୍ନ ମାଟି ଏହାକୁ ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତରେ ସଜାଇଥିଲେ ପ୍ରବୀର କୁମାର ମହାନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଶିବ ରଞ୍ଜନ। ଏହି ନାଟକରେ କଳାପରିଷଦର ବହୁ ପ୍ରମୁଖ କଳାକାର ଅଭିନୟ କରିଥିଲେ। ସେହିପରି ୧୭ ତାରିଖ ଶନିବାର ସନ୍ଧ୍ୟାରେ କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଦୌଡ଼' ଏବଂ ପରେ ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ବିଜୟ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'ବିଶ୍ୱାସ' ମଞ୍ଚସ୍ଥ ହେବ ବୋଲି ଜଣାପଡିଛି।

# କମ୍ବଳ ବାଣ୍ଟିଲେ ଏମ୍‌ପି, ବିଧାୟିକା

ଓଡ଼ାପଡ଼ା,୧୬।୧(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବାଙ୍ଗୁରସିଂହ କଲ୍ୟାଣ ମଣ୍ଡପଠାରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସୋମବାର ପ୍ରାୟ ୨୦୦ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଭାଜପା ନେତା ସହଦେବ ପୃଷ୍ଟି, ତପନ ମହାପାତ୍ର, ରଣଜିତ୍ ନାୟକ, ସମର୍ଜିତ ପଟ୍ଟନାୟକ, ସୁଲେଖ ପୃଷ୍ଟି, ମନୋଜ କୁମାର ମହାରଣା, ସୁଜନ ନାଏକ, ସତ୍ୟରଞ୍ଜନ ମିଶ୍ର, ପଙ୍କଜ ଲୋଚନ ଦାସ, ପ୍ରଦୀପ କୁମାର ପଟ୍ଟନାୟକ, ସରୋଜ କରଣଙ୍କ ସହ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

# ରସାୟନ ବିଜ୍ଞାନର ମୂଲ୍ୟବୋଧ ଉପରେ ଆଲୋଚନା



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

ଭୁବନ,୧୬।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ତଥା ଅଧ୍ୟକ୍ଷ ଡ. ପ୍ରଭାତ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓପିଏସ୍ ମହାବିଦ୍ୟାଳୟ ଓଡ଼ାପଡ଼ାର ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ଯୋଗଦେଇ ରସାୟନ ବିଜ୍ଞାନର ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ପଦ୍ମନାଭ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ର ପରିବେଶ ପ୍ରଦୂଷଣ ଉପରେ ମତ ରଖିଥିଲେ। ଅଧ୍ୟାପକ ଜୀବନ ରଞ୍ଜନ ସାହୁ, ସଞ୍ଜୟ କୁମାର ସାହୁ, ଡେମୋନଷ୍ଟ୍ରେଟର ସୁରେନ୍ଦ୍ର କୁମାର ସାହୁ, ଲ୍ୟାବ ଆଟେଣ୍ଡାଣ୍ଟ ଲକ୍ଷ୍ମୀଧର ପୃଷ୍ଟି ଓ ପ୍ରମୋଦ ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସ୍ୱାତି ସମାପିକା ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ରୁକ୍ମିଣୀ ସାହୁ, ଶ୍ରାବଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କପିଳାସ ଘାଟି ରାସ୍ତାରେ ଓଲଟିଲା ଗାଡ଼ି, ୭ ଆହତ

ଗଁଦିଆ,୧୬।୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଘାଟି ରାସ୍ତାର ୧୦ ନମ୍ବର ବାଙ୍କ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଯାତ୍ରୀବାହୀ ଭ୍ୟାନ୍ (ନଂ. ଓଡି୧୯-ଭି-୧୧୧୩) ଓଲଟି ପଡ଼ିବାରୁ ୭ ଜଣ ଆହତ ହୋଇଛନ୍ତି। ଗାଡ଼ିରେ ଡ୍ରାଇଭରଙ୍କୁ ମିଶାଇ ୮ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ଅନୁଗୋଳ ଜିଲା ବଅଁରପାଳ ଥାନା ଗୋତମରା ଗ୍ରାମର ସତୀ ପ୍ରଧାନ(୬୦), ବିଶ୍ୱଜିତ ବେହେରା(୨୧), ଉଦାସିନୀ ପ୍ରଧାନ(୨୬), ରାଜୁ ପ୍ରଧାନ(୨୮), ରଞ୍ଜିତା ଦାସ(୩୦), ସ୍ଥିତିପ୍ରଜ୍ଞା ଦାସ(୨୧) ଓ କାଦମ୍ବିନୀ ମହାପାତ୍ର (୪୦)। ଗୁରୁତରଙ୍କୁ ପ୍ରଥମେ ଦେଓଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅନ୍ୟ



୫ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଉକ୍ତ ଯାତ୍ରୀମାନେ କପିଳାସ ଦର୍ଶନ ସାରି ଫେରିବା ସମୟରେ ୧୦ ନମ୍ବର ବାଙ୍କ ନିକଟରେ କେତେଜଣ ଭକ୍ତ ବାଇକ ରଖି ଫଟୋ ଉଠାଇବା ସମୟରେ ଗାଡ଼ି ବ୍ରେକ ଲାଗି ନ ଥିଲା। ଫଳରେ ଗାଡିଟି ଓଲଟି ପଡିଥିଲା। ପ୍ରାୟ ୪୫ ମିନିଟ ଧରି ଗାଡ଼ି ପଡ଼ିରହିଥିବା ବେଳେ ଆହତଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପାଇଁ ୧୦ ଲକ୍ଷ ମଞ୍ଜୁର

ଢେଙ୍କାନାଳ,୧୬।୧(ରତନ ନାୟାର)

ଢେଙ୍କାନାଳ ସହର ୩ନଂ. ୱାର୍ଡ ମଧୁବନଠାରେ ପ୍ରସ୍ତାବିତ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର। ଏହି ଅବସରରେ ପୌରାଧ୍ୟକ୍ଷା ପାତ୍ର ପ୍ରସ୍ତାବିତ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ୩ନଂ ୱାର୍ଡର ଅନିମେଷ ରାଉତ, ସନ୍ତୋଷ ବେହେରା, ବିଜୁ ନନ୍ଦ, ଡା. ସତ୍ୟଜିତ ମିଶ୍ର, ଜୁବୁ ନନ୍ଦ, ମୁନା ତ୍ରିପାଠୀ ପ୍ରମୁଖ ଅଞ୍ଚଳବାସୀ ପୌରାଧ୍ୟକ୍ଷା ପାତ୍ରଙ୍କୁ ଭେଟି ପାର୍କ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଅନୁରୋଧ କରିଥିଲେ ବୋଲି ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

# ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଢେଙ୍କାନାଳ,୧୬।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ରଞ୍ଜାସ୍ଥିତ ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସମ୍ମାନ ସହ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ପାଳିତ କରାଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିତା ବିଶୋଇ, ବିଦ୍ୟାଳୟ ପ୍ରତିଷ୍ଠାତା ଅକ୍ଷୟ କୁମାର ମହାନ୍ତି, ନିର୍ଦ୍ଦେଶକ ଶିକ୍ଷାବିତ୍ ସରୋଜକାନ୍ତ ଦାଶ ପ୍ରମୁଖ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ନୃତ୍ୟ, ସଙ୍ଗୀତ ଓ କୌତୁକ କ୍ରୀଡ଼ା ମାଧ୍ୟମରେ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ବିଦାୟ ଦିଆଯାଇଥିଲା। ଶିକ୍ଷୟିତ୍ରୀ ଚିନ୍ମୟୀ ପ୍ରଧାନ କବିତା ପାଠ କରିଥିଲେ। ଶିକ୍ଷକ ଶୁଭଶଙ୍କର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଛତୁଚାଷୀ ଦିଲୀପ ସାହୁ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୬।୧(ରତନ ନାୟାର)- ଢେଙ୍କାନାଳ ସଦର ବ୍ଲକ୍ ବିରାଡ଼ିଆ ଗ୍ରାମର ଦିଲୀପ କୁମାର ସାହୁ ଛତୁ ଚାଷ, ଛତୁ



ମଞ୍ଜି ଉତ୍ପାଦକ ଏବଂ ଛତୁ ବ୍ୟବସାୟରେ ସଫଳତା ପାଇଁ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନରେ ଦିଲୀପଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ ଛତୁ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶା ଛତୁ ଚାଷରେ ସ୍ୱାବଲମ୍ବୀ ହେଉ ବୋଲି କହିଥିଲେ। ଦିଲୀପଙ୍କ ଏହି ସଫଳତା ଢେଙ୍କାନାଳ ଜିଲାର ଛତୁ ଚାଷୀମାନଙ୍କ ପାଇଁ ପ୍ରେରଣା ପାଲଟିଛି।

# ଢେଙ୍କାନାଳ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ

ଢେଙ୍କାନାଳ,୧୬।୧(ରତନ ନାୟାର)



ଢେଙ୍କାନାଳ ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା ବୈଠକରେ ମନ୍ତ୍ରୀ, ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

ଆସନ୍ତା ୨୦ ତାରିଖରେ ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନ ସହାୟତାରେ ଢେଙ୍କାନାଳ ମହୋତ୍ସବ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିପାଇଁ ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା ବୈଠକ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ।

ଏହି ଅବସରରେ ମନ୍ତ୍ରୀ କହିଥିଲେ, ସମସ୍ତଙ୍କ ସହଯୋଗରେ ଢେଙ୍କାନାଳ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ। ଚଳିତବର୍ଷ ମହୋତ୍ସବରେ ଜିଲାର ପାରମ୍ପରିକ ଲୋକକଳା, ଶାସ୍ତ୍ରୀୟ ନୃତ୍ୟ ସମେତ ବିଭିନ୍ନ ଜିଲାର ପାରମ୍ପରିକ ଲୋକ ନୃତ୍ୟକୁ ସାମିଲ କରାଯିବ। ଆସନ୍ତା ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଢେଙ୍କାନାଳ ମହୋତ୍ସବରେ ଯୋଗଦେବେ ବୋଲି ମନ୍ତ୍ରୀ କହିଥିଲେ। କଳା ଓ ସଂସ୍କୃତି ମାଧ୍ୟମରେ ଢେଙ୍କାନାଳ ଜିଲାର ବିକାଶଧାରା ଆହୁରି ଆଗକୁ ବଢ଼ିବ ବୋଲି ମନ୍ତ୍ରୀ କହିଥିଲେ। ବୈଠକରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଜିଲାରେ ମହୋତ୍ସବର ପ୍ରସାର ପ୍ରଚାର ତୃଣମୂଳସ୍ତରରୁ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶିଷ ଈଶ୍ୱର ପାଟିଲ ମହୋତ୍ସବ ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଦାୟିତ୍ୱ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମହୋତ୍ସବ ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟଙ୍କ ସହଯୋଗ ଜିଲାପାଳ କାମନା କରିଥିଲେ। ବୈଠକରେ ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ମହୋତ୍ସବର କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ବୈଠକରେ ନବୀନଚନ୍ଦ୍ର ନାରାୟଣ ଦାସ, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ରୁଦ୍ର ନାରାୟଣ ତ୍ରିପାଠୀ, ପ୍ରଦ୍ୟୁମ୍ନ ରଥ, ଡ. ପୁଷ୍ପଲତା ରଥ, ସତ୍ୟ ସ୍ୱରୂପ ଦାସ, ଅବନୀ ମିଶ୍ର, ସତ୍ୟ ନାରାୟଣ କର, ଏମ୍‌ଜେ ମହିମା, ରାଜେନ୍ଦ୍ର ଦାସ, ଦିନେଶ ଦାସ, ସୁଶାନ୍ତ ପାଣି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହିମା ମହାବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ

# ଲକ୍ଷ୍ୟପଥରେ ପହଞ୍ଚିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ଢେଙ୍କାନାଳ,୧୬।୧(ରତନ ନାୟାର)/ ଗଁଦିଆ,(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଯୋରନ୍ଦା ମହିମା ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ମହାବିଦ୍ୟାଳୟ ପ୍ରତିଷ୍ଠାତା ଜଟିଆ ବାବାଙ୍କ ୪୩ତମ ଶ୍ରାଦ୍ଧବାର୍ଷିକୀ ମଧ୍ୟ ପାଳିତ ହୋଇଥିଲା। ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଅଧ୍ୟବସାୟ ବଳରେ ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରି ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ବିବୁଧ ଗଡ଼ନାୟକ, ଗନ୍ଦିଆ ଅତିରିକ୍ତ ତହସିଲଦାର ପୁରାତନ ଛାତ୍ର ସୌଭାଗ୍ୟ ମହାନ୍ତି, କୌପିନଧାରୀ ମହିମା ସମାଜ ସଭାପତି ରଘୁନାଥ ବାବା, ସରପଞ୍ଚ ଆରତି ନାୟକ, ସମିତି ସଭ୍ୟ



ମହିମା ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ।

ପ୍ରତ୍ୟୁଷହରି ପ୍ରଧାନ, ଗନ୍ଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ଯୋରନ୍ଦା ଭାଜପା ମଣ୍ଡଳ ସଭାପତି ପ୍ରତାପ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଶରତ ଚନ୍ଦ୍ର ସ୍ୱାଇଁ ବାର୍ଷିକ ବିବରଣୀ ପାଠ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟିର ସଭ୍ୟ ଅଧ୍ୟାପକ ଡ. ପ୍ରଜେଶ ଜେନା, ରଞ୍ଜନ କୁମାର ମହାପାତ୍ର, ସୌମ୍ୟକାନ୍ତ ସାହୁ, ପ୍ରେମଲତା ମଲ୍ଲ, ପ୍ରାଧ୍ୟାପକ ଜିତେନ୍ଦ୍ରିୟ ଶତପଥୀ, ଅଧ୍ୟାପକ ପ୍ରଦୀପ କୁମାର ସାମଲ, ମୁଖ୍ୟ କିରାଣି ଅଭିମନ୍ୟୁ ବେହେରା, କାଳନ୍ଦୀ ଚରଣ ପଣ୍ଡା, ଜୟନ୍ତ କୁମାର ନାୟକ, ଅଧ୍ୟାପିକା ଡ. ଶକୁନ୍ତଳା ଭୂୟାଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ସାଂସ୍କୃତିକ ଏବଂ ବୌଦ୍ଧିକ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଚଳିତବର୍ଷ ଯୁକ୍ତ୨ରେ ଓମ୍ ପ୍ରକାଶ ମହାନ୍ତି, ଯୁକ୍ତ ୩ ସ୍ତରରେ ବର୍ଷାରାଣୀ ସ୍ୱାଇଁ ଲିଟେରାରି ଚାମ୍ପିୟନ ହୋଇଥିଲେ। କଳାରେ ବିଶ୍ୱଜିତ ସାହୁ ଏବଂ ବିଜ୍ଞାନରେ ଧରାଶ୍ରୀ ବେହେରା ଟପ୍ପର ହୋଇଥିବାରୁ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସ୍ଥାୟୀ ଜମା ସୁଧ ରାଶି ଯଥା ରିଟାୟାର୍ଡ ଜଜ୍ ଭିକାରି ରାଉତ ତଥା ସୌଦାମିନୀ ଶତପଥୀ ମେରିଟ ସ୍କଲାର୍ଶିପ ପାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁଙ୍କ ମାତାପିତାଙ୍କ ସ୍ମୃତିରେ ସୁଧ ରାଶି ଚଳିତବର୍ଷର ସମାଜ ବିଜ୍ଞାନ ଶ୍ରେଷ୍ଠ ଛାତ୍ରୀ ମାନସୀ ଦାସ ପାଇଥିଲେ। ପୁରାତନ ଛାତ୍ରୀ ଚପଳା ବେହେରା ଏବଂ ବିନୋଦିନୀ ରାଉଳଙ୍କ ପ୍ରଦତ୍ତ ସ୍ଥାୟୀ ଜମାର ସୁଧରାଶିକୁ ପ୍ରଥମ ସେମିଷ୍ଟର ପରୀକ୍ଷାରେ କଳାରେ ମୋନାଲିସା ରାଉତ ଏବଂ ବିଜ୍ଞାନରେ ଲକ୍ଷ୍ମୀପ୍ରିୟା ରାଉତ ହାସଲ କରିଥିଲେ। ଡ. ନିବେଦିତା ମହାନ୍ତି ସ୍ମୃତି ବୃତ୍ତି ପାଇଁ ସ୍ଥାୟୀଜମା ସୁଧ ରାଶି କଳାରେ ବିଶ୍ୱଜିତ ସାହୁ ଏବଂ ବିଜ୍ଞାନରେ ଧରାଶ୍ରୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶଂକର୍ଷଣ ଜେନାଙ୍କ ପୁତ୍ର ଅଧ୍ୟାପକ ପ୍ରଜେଶ ଜେନାଙ୍କ ଦ୍ୱାରା ସ୍ଥାୟୀ ଜମା ରାଶିର ସୁଧ ଇତିହାସ ବିଭାଗର ଶିଶିର ପରିଡ଼ା ଶଂକର୍ଷଣ ଜେନା ମେମୋରିଆଲ ସ୍କଲାର୍ଶିପ ପାଇଥିଲେ। ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପିକା ସଂଯୁକ୍ତା ଜେନାଙ୍କ ଜମାର ସୁଧରାଶି ସଂଯୁକ୍ତା ଜେନା ସ୍ମୃତି ସ୍କଲାର୍ଶିପ ବିଶ୍ୱଜିତ ସାହୁ ଅର୍ଥନୀତିରେ ଶ୍ରେଷ୍ଠ ପାଇଁ ପାଇଥିଲେ। ଅଧ୍ୟାପିକା ଡ. ଶକୁନ୍ତଳା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜକୁ ସମୃଦ୍ଧ କରିବାକୁ ଆହ୍ୱାନ

ସାତମାଇଲ,୧୬।୧(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ବିଭାଗ ଅଧ୍ୟାପକ ଦିଲୀପ କୁମାର ଗଡ଼ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳା ଓ ଅଧ୍ୟବସାୟ ବଳରେ ଜ୍ଞାନ ଅର୍ଜନ କରି ସମାଜକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ହିନ୍ଦୋଳ ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାସ କୁମାର ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ବିକାଶର ଚାବିକାଠି ବୋଲି ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱରର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହଉପଦେଷ୍ଟା ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୭/୨୦୨୬ Bhubaneswar, Saturday, January 17/ 2026



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଜାତୀୟ ସବ୍‌ଜୁନିୟର ବାଳିକା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

# ବାଂଲାଦେଶ ଯିବେ ଆଇସିସି ଅଫିସିଆଲ

## ଟି୨୦ ବିଶ୍ୱକପ୍ ବିବାଦ

ଦୁବାଇ, ୧୬।୧(ପି.ଟି.)

ଆସନ୍ତା ମାସରେ ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ଏକ ଦୁଇଜଣିଆ ଦଳ ଶନିବାର ବାଂଲାଦେଶ ଗସ୍ତରେ ଯିବ। ସୁରକ୍ଷାଜନିତ କାରଣ ଦର୍ଶାଇ ଟୁର୍ନାମେଣ୍ଟର ମ୍ୟାଚ୍ ଖେଳିବା ଲାଗି ଭାରତ ଆସିବାକୁ ମଙ୍ଗୁନାହିଁ ବାଂଲାଦେଶ। ବିଶେଷକରି କୋଲ୍‌କାତା ଏବଂ ମୁମ୍ବାଇରେ ଏହାର ଖେଳାଳିମାନଙ୍କ ପ୍ରତି ବିପଦ ରହିଛି। ଟୁର୍ନାମେଣ୍ଟ ନିକଟରେ ହେବାକୁଥିବାରୁ ବାଂଲାଦେଶର ପ୍ରସ୍ତାବ ଅନୁସାରେ ଏହାର ମ୍ୟାଚ୍‌ଗୁଡ଼ିକ ପାଇଁ ନିରପେକ୍ଷ ଭେନ୍ୟୁ ସ୍ଥିର କରିବା ସହଜ ନୁହେଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଏକ ନିର୍ଦ୍ଦେଶନାମାରେ କୋଲ୍‌କାତା ନାଇଟ ରାଇଡର୍ସ(କେକେଆର୍) ବାଂଲାଦେଶ ଜାତୀୟ ଦଳର ପେସ୍ ବୋଲର ମୁସ୍ତାଫିଜୁର ରହମନଙ୍କ ସହ ଆଇପିଏଲ୍ ଚୁକ୍ତି ବାତିଲ କରିବା ପରେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ତରଫରୁ ଏପରି ଦାବି ଉପସ୍ଥାପନ କରାଯାଇଛି।

# ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରାଜ୍ୟ ରଗ୍‌ବୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ବାଳିକା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଦଳର

## ଭାଗନେଲେ ୨୪ ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ଖେଳାଳି

ଉପଅଧିନାୟିକା ଓଡ଼ିଶାର ଡୁମୁନି ମାର୍ଣ୍ଡି ଏହି ଉତ୍ସବର ଟ୍ରଫି ବାହକ ହୋଇଥିଲେ। ଏହାପରେ ଅନ୍ୟ ଦଳ ଗୁଡ଼ିକର ଅଧିନାୟିକାମାନେ ଜଣକ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଏହା ଖେଳାଳିଙ୍କ ମଧ୍ୟରେ ଥିବା ଏକତା, ଶୃଙ୍ଖଳା ଓ ପ୍ରତିଯୋଗିତାମୂଳକ ମନୋଭାବକୁ ଦର୍ଶାଇଥିଲା। ଏହିଅବସରରେ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ (ଆଇଆର୍‌ଏଫୟୁ)ର ସମ୍ପାଦକ ଜେରାଲ୍ଡ ପ୍ରଭୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ବାଳିକା ଓ ବାଳକ ବର୍ଗରେ ହେଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଦେଶର ୨୪ଟି ରାଜ୍ୟର ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସର ରଗ୍‌ବୀ ଖେଳାଳି



ଟ୍ରଫି ସହ ଓଡ଼ିଶାର ଡୁମୁନି ମାର୍ଣ୍ଡି।

ଅଂଶଗ୍ରହଣ କରିଛନ୍ତି। ବାଳିକା ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଥିବାବେଳେ ବାଳକ ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆସନ୍ତା ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବ।

## ଓଡ଼ିଶାର ପ୍ରଭାବୀ ପ୍ରଦର୍ଶନ

ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରି ଡବଲ ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଜସ୍ଥାନକୁ ୨୮-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଉତ୍ତର ପ୍ରଦେଶକୁ ୩୫-୦ ଗୋଲରେ ପରାସ୍ତ କରିଛି। ଦୁଇଟିଯାକ ମ୍ୟାଚ୍‌ରେ ଓଡ଼ିଶା ଆରମ୍ଭରୁ ଶେଷପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏପରିକି ପ୍ରତିପକ୍ଷ ଦଳକୁ ଗୋଲ ଦେବାର ସୁଯୋଗ ମଧ୍ୟ ଦେଇ ନ ଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ମୁକାବିଲା ହେବ। ଅନ୍ୟ ଲିଗ୍ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଗତଥରର ଚାମ୍ପିୟନ ମହାରାଷ୍ଟ୍ର ୩୩-୦ରେ ଆସାମ, ବିହାର ୬୭-୦ରେ ଝାଡ଼ଖଣ୍ଡ, ଦିଲ୍ଲୀ ୨୯-୦ରେ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ୧୭-୧୦ରେ କେରଳ, ଗୁଜରାଟ ୪୫-୦ରେ ତେଲଙ୍ଗାନା, ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିଉ ୭-୦ରେ ହରିୟାଣା, ଛତିଶଗଡ଼ ୧୨-୦ରେ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର୧୦-୭ରେ ଆସାମ, ଝାଡ଼ଖଣ୍ଡ ୧୪-୦ରେ ମଣିପୁର, ଉତ୍ତରାଖଣ୍ଡ ୫-୦ରେ ଆନ୍ଧ୍ର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ୩୬-୦ରେ ପଞ୍ଜାବକୁ ପରାସ୍ତ କରିଛି। ସେହିପରି ଚଣ୍ଡିଗଡ଼ ୨୨-୦ରେ ତେଲଙ୍ଗାନା, ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିଉ ୨୧-୭ରେ ମଧ୍ୟ ପ୍ରଦେଶ, କର୍ଣ୍ଣାଟକ ୨୪-୦ରେ ହିମାଚଳ ପ୍ରଦେଶ, ରାଜସ୍ଥାନ ୧୪-୧୦ରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ୪୦-୦ରେ ଜମ୍ମୁ-କଶ୍ମୀର, ବିହାର ୬୪-୦ରେ ମଣିପୁର, ଦିଲ୍ଲୀ ୪୦-୭ରେ ଉତ୍ତରାଖଣ୍ଡ, କେରଳ ୨୭-୭ରେ ପଞ୍ଜାବ, ଚଣ୍ଡିଗଡ଼ ୨୬-୦ରେ ଗୁଜରାଟ, ହରିୟାଣା ୭-୦ରେ ମଧ୍ୟ ପ୍ରଦେଶ ଏବଂ କର୍ଣ୍ଣାଟକ ୨୨-୦ରେ ଛତିଶଗଡ଼କୁ ହରାଇଦେଇଛି।


କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଦିଲ୍ଲୀ ଏସଜି ପାଇପର୍ସ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)

# ଆଜିଠୁ କଳିଙ୍ଗରେ ହକି ରୋମାଞ୍ଚ


ଖବରଦାତା ସମ୍ମିଳନୀରେ ଶୁକ୍ରବାର ଯୁଗରାଜ ସିଂ, ଆର୍ଥର ଡୋରେନ ଓ ଅମିତ ରୋହିଦାସ।

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

## ହକି ଇଣ୍ଡିଆ ଲିଗ୍

କଳିଙ୍ଗ ଷ୍ଟାଡିୟମକୁ ଫେରୁଛି ହକି ରୋମାଞ୍ଚ। ଦୀର୍ଘ ୯ ବର୍ଷ ପରେ ଏଠାରେ ହେବାକୁଯାଉଛି ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)। ୨୦୧୭ ପରେ ବନ୍ଦ ରହିଥିବା ଏହି ଲିଗ୍ ଯଦିଓ ୨୦୨୪-୨୦୨୫ରେ ପୁନଃ ଆରମ୍ଭ ହୋଇଥିଲା ତେବେ ମ୍ୟାଚ୍‌ଗୁଡ଼ିକ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ଏବଂ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦୨୬ ଅର୍ଥାତ୍ ଚଳିତ ସଂସ୍କରଣର ୨ଟି ପର୍ଯ୍ୟାୟ ଚେନ୍ନାଇ ଓ ରାଞ୍ଚିରେ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମରେ ହେବ। ଏହା ମଧ୍ୟରେ ଫାଇନାଲ ସମେତ କେତେକ ଲିଗ୍ ଏବଂ ସମସ୍ତ ନକ୍‌ଆଉଟ ମ୍ୟାଚ୍ ସାମିଲ। ଶନିବାର ଅପରାହ୍ନ ୫ଟାରେ ରର୍ ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ମୁକାବିଲା ହେବ। ପ୍ରତିଯୋଗିତାର ଭୁବନେଶ୍ୱର ଚରଣକୁ ନେଇ ଏହି ୪ ଦଳର ଅଧିନାୟକ ବେଶ୍ ଉତ୍ସାହିତ ଥିବା ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଥିବା ଓଡ଼ିଶାର ତାରକା ଖେଳାଳି ଅମିତ୍ ରୋହିଦାସ ମଧ୍ୟ ଘରୋଇ ପରିବେଶରେ ଖେଳିବାକୁ ବେଶ୍ ବ୍ୟଗ୍ର ଥିବା କହିଛନ୍ତି।

କଳିଙ୍ଗ ଲାନ୍ସର୍ସ ୪ ମ୍ୟାଚ୍‌ରୁ ୩ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟ ସହ ୧୧ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏହି ମୋମେଣ୍ଟମ୍‌କୁ ବଜାୟ ରଖି କଳିଙ୍ଗରେ ମଧ୍ୟ ଲାନ୍ସର୍ସ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ ଥିବା କଥା ପ୍ରକାଶ କରିଛନ୍ତି ଅଧିନାୟକ ଆର୍ଥର ଡୋରେନ। ଦଳର କମ୍ବିନେଶନ ବହୁତ ଭଲ ଅଛି ଏବଂ ଖେଳାଳିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ମଧ୍ୟ ରହିଛି। ଦଳଗତଭାବେ ଲାନ୍ସର୍ସ ଭଲ ପ୍ରଦର୍ଶନ କରୁଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଭଲ ଆରମ୍ଭ କରି ନ ଥିବାରୁ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଟେବୁଲରେ ଉପରକୁ ଉଠିବାକୁ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ଅଧିନାୟକ ଯୁଗରାଜ ସିଂ କହିଛନ୍ତି। ସବୁ ମ୍ୟାଚ୍‌ରେ ଦଳ ଭଲ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଫଳାଫଳ ଆଶାନୁରୂପ ହୋଇପାରି ନ ଥିବା ସେ କହିଛନ୍ତି। ବେଙ୍ଗଲ ଟାଇଗର୍ସ ସମ୍ପ୍ରତି ୨ ବିଜୟ ଓ ୩ ପରାଜୟ ସହ ମାତ୍ର ୬ ପଏଣ୍ଟରେ ରହିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ୫ମ ସ୍ଥାନରେ ରହିଛି। ଓଡ଼ିଆ ତାରକା ତଥା ତାମିଲନାଡୁ ଅଧିନାୟକ ଅମିତ୍ ଘରୋଇ ପରିବେଶକୁ ନେଇ ବେଶ୍ ଉତ୍ସାହିତ। କଳିଙ୍ଗ ଷ୍ଟାଡିୟମର ଦର୍ଶକ କେବଳ କଳିଙ୍ଗ ଲାନ୍ସର୍ସଙ୍କୁ ଭରପୂର ସମର୍ଥନ ନ ଦେଇ ସବୁ ଦଳକୁ ଉତ୍ସାହିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଲାନ୍ସର୍ସ ପକ୍ଷରୁ ଖେଳୁଥିବାବେଳେ ସେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିଥିଲେ। ଏବେ ତାମିଲନାଡୁ ଦଳର ଅଧିନାୟକଭାବେ ଗୁରୁଦାୟିତ୍ୱ ବହନ କରୁଥିବାରୁ ଯଥାସମ୍ଭବ ଦଳକୁ ଉପରେ ରଖିବାକୁ ତାଙ୍କ ଉଦ୍ୟମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ତାମିଲନାଡୁ ଡ୍ରାଗନ୍ସ ସମ୍ପ୍ରତି ୧ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୨ ଶୁଟ୍‌ଆଉଟ ପରାଜୟ ସହ ୭ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ତେବେ ଦଳର ପ୍ରଦର୍ଶନକୁ ନେଇ ବେଶ୍ ସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି ଅମିତ୍।

## ହକି ଇଣ୍ଡିଆ ଲିଗ୍

**(ଆଜିର ମ୍ୟାଚ୍)**

**ରର୍ ବେଙ୍ଗଲ ଟାଇଗର୍ସ ବନାମ ହାଇଦ୍ରାବାଦ ତୋଫାନ୍ସ**
ସମୟ: ଅପରାହ୍ନ ୫ଟା

**କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ**
ସମୟ: ସନ୍ଧ୍ୟା ୭ଟା ୩୦

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

# ଚିନ୍ନାସ୍ୱାମୀରେ ଭିଡ଼ ପରିଚାଳନା ପାଇଁ ଆର୍‌ସିବିର ପ୍ରସ୍ତାବ

ବେଙ୍ଗାଲୁରୁ, ୧୬।୧(ପି.ଟି.)

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଯଦି ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ ମୁତାବକ କରା ନ ଯାଏ ତେବେ ଏଠାରେ ଖେଳାଯିବାକୁଥିବା ଇଣ୍ଡିଆନ୍‌ପ୍ରିମିୟର ଲିଗ୍(ଆଇପିଏଲ) ମ୍ୟାଚ୍‌ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ ବୋଲି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ତରଫରୁ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଏଡ଼ାଇବାକୁ ହେଲେ ଆଇପିଏଲ୍ ମ୍ୟାଚ୍ ପରିଚାଳନା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ୩୦୦ରୁ ୩୫୦ ଏଆଇ-ସକ୍ଷମ କ୍ୟାମେରା ଖଞ୍ଜିବା ଲାଗି ଆର୍‌ସିବି ଏକ ପ୍ରସ୍ତାବ ଦେଇଛି। ଏ ବାବଦରେ ୪.୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଆର୍‌ସିବି ଏହି ପ୍ରସ୍ତାବ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)କୁ ଦେଇଛି। ଏହି ଉନ୍ନତ ନିରୀକ୍ଷଣ ପ୍ରଯୁକ୍ତି କେଏସ୍‌ସିଏ ଓ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ଭିଡ଼ ଗତିବିଧିକୁ ଦକ୍ଷତାର ସହ ପରିଚାଳନା କରିବା, ଶୃଙ୍ଖଳିତ ଭାବେ ଧାଡ଼ିରେ ଛିଡ଼ାହେବା, ପ୍ରବେଶ ଓ ପ୍ରସ୍ଥାନର ପ୍ରକୃତ ସମୟ ଟ୍ରାକିଂ ଜରିଆରେ ଅନଧିକୃତ ପ୍ରବେଶ ଉପରେ ନଜର ରଖାଯାଇପାରିବ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ